Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 70
Thursday, 14 May 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୪ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପ ି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ନିଜ କାରକେଡ୍ ଗାଡ଼ି ସଂଖ୍ୟା ଅଧା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୫ (ଆ.ପ୍ର) : ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଙ୍କଟର ମୁକାବିଲା ପାଇଁ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗକୁ ଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚକାଟ ଓ ବିଶେଷ କରି ପେଟ୍ରୋଲ-ଡିଜେଲ ବ୍ୟବହାର କମାଇବା ପାଇଁ ଦେଇଥିବା ଆହ୍ୱାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ କାରକେଡ୍ କାର ସଂଖ୍ୟାକୁ ଅଧା କରିବାକୁ ନିଷ୍ପତି ନେଇଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ତେବେ ମୁଖ୍ୟମନ୍ତ୍ରୀ ନିଜ ଆଡୁ ତାଙ୍କ କାରକେଡ୍ କାର ସଂଖ୍ୟାକୁ ଅଧା କରିବା ପାଇଁ ନିଷ୍ପତି ନେଇଥିଲେ ମଧ୍ୟ ରାଜ୍ୟରେ ମନ୍ତ୍ରୀ ଓ ଅଫିସରମାନଙ୍କ ଇନ୍ଧନ ଖର୍ଚ୍ଚ ଓ ପ୍ରଶାସନିକ ଖର୍ଚ୍ଚକାଟ୍ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତି ହୋଇନଥିବା ଜଣାପଡ଼ିଛି । ଯଦିଓ ଉତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ ଓ ମହାରାଷ୍ଟ୍ର ଭଳି ରାଜ୍ୟର ସରକାରମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ ପରେ ଇନ୍ଧନ ସଙ୍କଟର ମୁକାବିଲା ପାଇଁ ଆଖିଦୃଶିଆ ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚକାଟ ଓ ବିଶେଷକରି ଇନ୍ଧନ ବ୍ୟବହାର ହ୍ରାସ ପାଇଁ ଦେଇଥିବା ଆହ୍ୱାନକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜର କାରକେଡ୍ ଗାଡ଼ି ସଂଖ୍ୟା ଅଧା କରିବାକୁ ନିଷ୍ପତି ନେଇଛନ୍ତି । ଏହାସହିତ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଗାଡ଼ିରେ ଯିବାଆସିବା କମ୍ କରିବା ଓ ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । କେବଳ ଆବଶ୍ୟକ ସ୍ଥଳରେ ଗାଡ଼ି ବ୍ୟବହାର କରିବା, ସୁନା ନକିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟବାସୀଙ୍କୁ ଏଭଳି ପରାମର୍ଶ ଦେଉଥିବାବେଳେ ରାଜ୍ୟ ପ୍ରଶାସନରେ ଖର୍ଚ୍ଚକାଟ, ଇନ୍ଧନ ସଂଚୟ ଓ ମନ୍ତ୍ରୀ-ଅଫିସରଙ୍କ ପ୍ରଶାସନିକ ଖର୍ଚ୍ଚ ଉପରେ ଏବେସୁଦ୍ଧା କୌଣସି କଟକଣା ଜାରି ହୋଇନଥିବା ଜଣାପଡ଼ିଛି । ସୂତ୍ର ଅନୁସାରେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ(CM Mohan Charan Majhi) ଭୁବନେଶ୍ୱରରେ ଯାତାୟତବେଳେ ତାଙ୍କ କାରକେଡରେ ୧୦ରୁ ୧୨ଟି ଗାଡ଼ି ରହିଥାଏ । ଯେଉଁଥିରେ ପାଇଲଟ୍ ଭେହିକିଲ୍ ?, ବୁଲେଟପ୍ରୁଫ୍ ଏସ୍ୟୁଭି, ସିଗନାଲ୍ ଜାମର୍ ଓ ଆମ୍ବୁଲାନ୍ସ ଆଦି ସାମିଲ ଅଛି । ଗୁଇଡା ଓ କମିଶନରେଟ୍ ପୋଲିସର ପ୍ରୋଟୋକଲ୍ ଅନୁଯାୟୀ ଏହି ବ୍ୟବସ୍ଥା ଥିବାବେଳେ ଏବେ ମୁଖ୍ୟମନ୍ତ୍ରୀ ସେଥିରେ କାଟ୍ କରି ମିତବ୍ୟୟିତାର ସନ୍ଦେଶ ଦେଇଛନ୍ତି । ଏପରିକି ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚକାଟ ଓ ଇନ୍ଧନ ବ୍ୟବହାର ହ୍ରାସ ପାଇଁ ଆହ୍ୱାନ ଦେବା ପରେ ମଧ୍ୟ ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତକାଲି ନିଜର ୭ଜଣିଆ ଟିମ୍ ସହ ରାଜକୋଷ ଅର୍ଥରେ ବାଙ୍ଗାଲୋରସ୍ଥିତ ଇସ୍ରୋ ବୁଲିଯାଇଛନ୍ତି । ସରକାରୀ ଟଙ୍କାରେ ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କଠୁ ଆରମ୍ଭ କରି ରାଜନୀତିକ ସଚିବଙ୍କୁ ମଧ୍ୟ ସାଙ୍ଗରେ ନେବାକୁ ଭୁଲି ନଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ସେ ଏଣିକି ସରକାରୀ କାର୍ଯ୍ୟରେ ଗଲେ ମାତ୍ର ଗୋଟିଏ ଗାଡ଼ି ବ୍ୟବହାର କରିବେ । ଜରୁରୀ ନଥିଲେ ସେ ସରକାରୀ ବସରେ ଯିବେ ବୋଲି ସ୍ପଷ୍ଟ କରିଛନ୍ତି । ଏହା ସହିତ ସାଧାରଣ ଲୋକଙ୍କୁ ଅଧିକରୁ ଅଧିକ ଇଲେକ୍ଟ୍ରିକ ଗାଡ଼ି ବ୍ୟବହାର କରିବାକୁ ସେ ଅପିଲ୍ କରିଛନ୍ତି । ତୈଳ ସଂକଟ ଦୃଷ୍ଟିରୁ ଇଭି ଗାଡ଼ିର ଆବଶ୍ୟକତା ଥିବାରୁ ସରକାର ଏହି ଗାଡ଼ି କିଣା ସବସିଡିକୁ ୨୦୨୮ ମସିହା ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସେ ସୂଚନା ଦେଇଛନ୍ତି । ସେପଟେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ଆଜି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱାଗତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ସମାଜ ପାଇଁ ଅତ୍ୟନ୍ତ ଜରୁରୀ ଓ ଓଡ଼ିଶା ଏହାକୁ ସେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି । ପେଟ୍ରୋଲ ଓ ଡିଜେଲ ସଂକଟ ଯୋଗୁଁ ବହୁଳ ଭାବେ ଇଲେକ୍ଟ୍ରିକ ଗାଡ଼ି ଚଳାଚଳ କରାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସମସ୍ତେ ମିଳିମିଶି ପେଟ୍ରୋଲ-ଡିଜେଲ ଗାଡ଼ି ବ୍ୟବହାର କମ୍ କରିବା ସହ ବସରେ ଯାତ୍ରା କରିବା ଉଚିତ୍ ବୋଲି ସେ କହିଛନ୍ତି । ତେବେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି କିଛି ମନ୍ତ୍ରୀ ନିଜଆଡୁ ଖର୍ଚ୍ଚକାଟ ଓ ଇନ୍ଧନ ସଂଚୟ ଉପରେ ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟ ପ୍ରଶାସନ ଏବେବି ନିଜର ବିଳାସପୂର୍ଣ୍ଣ ଖର୍ଚ୍ଚ ନୀତିରେ ରହିଛି । ଅତିରିକ୍ତ ସଚିବ, ଅତିରିକ୍ତ ଡିଜି ବା ତଦୁର୍ଦ୍ଧ୍ୱ ପାହ୍ୟାର ଅଫିସରମାନେ ଏବେବି ବିମାନରେ ବିଜିନେସ୍ କ୍ଲାସ୍ ଟିକେଟରେ ଯାତ୍ରା କରୁଥିବାବେଳେ କିଛି ସର୍ବଭାରତୀୟ ଅଫିସର ଓ ଓଏଏସ୍ ଅଫିସର ନିଜ ପାଖରେ ୩ରୁ ୪ ସରକାରୀ ଗାଡ଼ି ରଖିଥିବା ଜଣାପଡ଼ିଛି । ବିଶେଷକରି ବିଭାଗୀୟ ସଚିବ, ଅତିରିକ୍ତ ଡିଜି ଓ ଡିଜି ପାହ୍ୟାର ଅଫିସରମାନଙ୍କ ପାଖରେ ଏବେବି ସର୍ବନିମ୍ନ ୨ରୁ ୩ଟି ସରକାରୀ ପେଟ୍ରୋଲ-ଡିଜେଲ୍ ଚାଳିତ ଗାଡ଼ି ରହିଛି, ଯାହା ସେମାନଙ୍କର ନିଜସ୍ୱ ଉପଯୋଗରେ ବ୍ୟବହୃତ ହେଉଥିବା ଜଣାପଡ଼ିଛି ।

ଚୀନରେ ପହଂଚିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

ନୂଆଦିଲ୍ଲୀ, ୧୩/୫ (ଆ.ପ୍ର) : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦିନିଆ ଚୀନ ଗସ୍ତରେ ପହଂଚିଛନ୍ତି । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ଚର୍ଯ୍ୟ କଥା ଥିଲା ତାଙ୍କ ପ୍ରତିପକ୍ଷ ସି ଜିନପିଙ୍ଗ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସ୍ୱାଗତ କରିବାକୁ ପହଂଚି ନଥିଲେ । ଉପରାଷ୍ଟ୍ରପତି ହାନ ଝେଙ୍ଗ ବେଜିଂରେ ରାଷ୍ଟ୍ରପତିଙ୍କ ସମେତ ଆମେରିକୀୟ ପ୍ରତିନିଧିମଣ୍ଡଳକୁ ସ୍ୱାଗତ କରିଥିଲେ । ଯଦିଓ ଏହା ପୂର୍ବରୁ ଟ୍ରମ୍ପ ଯେତେ ବି ଦେଶ ଯାଇଛନ୍ତି, ସେଠାରେ ତାଙ୍କର ଅଧିକାଂଶ ଦେଶର ରାଷ୍ଟ୍ରମୁଖ୍ୟ ସ୍ୱାଗତ କରିଛନ୍ତି । ଚୀନ୍ ସମାଚାର ଏଜେନ୍ସି ଅନୁଯାୟୀ, ଟ୍ରମ୍ପଙ୍କୁ ବେଜିଂରେ ଚୀନର ଉପରାଷ୍ଟ୍ରପତି ସ୍ୱାଗତ କରିଥିଲେ । ଉପରାଷ୍ଟ୍ରପତି ଝେଙ୍ଗଙ୍କ ସହିତ ବିମାନବନ୍ଦରରେ ବେଜିଂରେ ଥିବା ଆମେରିକାର ରାଷ୍ଟ୍ରଦୂତ ଡେଭିଡ୍ ପର୍ଡୁଇ, ଆମେରିକାରେ ଥିବା ଚୀନ୍ର ରାଷ୍ଟ୍ରଦୂତ ଜୀ ଫେଙ୍ଗ୍ ଏବଂ ଚୀନର ବୈଦେଶିକ ବ୍ୟାପାର କାର୍ଯ୍ୟନିର୍ବାହୀ ଉପମନ୍ତ୍ରୀ ମା ଝାଓଙ୍କୁ ମଧ୍ୟ ଉପସ୍ଥିତ ଥିଲେ । ସ୍ୱାଗତ ପାଇଁ ଚୀନ୍ ଧଳା ଏବଂ ନୀଳ ପୋଷାକ ପିନ୍ଧିଥିବା ୩୦୦ ଯୁବକଙ୍କୁ ନିୟୋଜିତ କରିଥିଲା । ଟ୍ରମ୍ପଙ୍କୁ ସ୍ୱାଗତ କରିବା ପାଇଁ ଏକ ବ୍ୟାଣ୍ଡ ମଧ୍ୟ ଉପସ୍ଥିତ ଥିଲା । ୨୦୧୭ ପରେ ଏହା ଟ୍ରମ୍ପଙ୍କର ଦ୍ୱିତୀୟ ଚୀନ୍ ଗସ୍ତ । ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ, ଟ୍ରମ୍ପ ୟୁଏଇ, ଇସ୍ରାଏଲ, ସାଉଦି ଆରବ ଏବଂ କତାର ଭଳି ଦେଶ ଗସ୍ତ କରିଛନ୍ତି, ଯେଉଁଠାରେ ତାଙ୍କୁ ସେମାନଙ୍କ ରାଷ୍ଟ୍ରମୁଖ୍ୟମାନେ ସ୍ୱାଗତ କରିଛନ୍ତି । ତଥାପି, ଏହା ପ୍ରଥମ ଥର ଯେତେବେଳେ କୌଣସି ଦେଶର ରାଷ୍ଟ୍ରମୁଖ୍ୟ ଆମେରିକୀୟ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିନାହାନ୍ତି । ଏହା ପୂର୍ବରୁ, ଯେତେବେଳେ ଟ୍ରମ୍ପ ୨୦୧୭ରେ ଚୀନରେ ପହଂଚିଥିଲେ, ତାଙ୍କୁ ଜଣେ ଷ୍ଟେଟ୍ ଡିପାର୍ଟମେଂଟ ଅଧିକାରୀ ସ୍ୱାଗତ କରିଥିଲେ । ଏଥର, ଟ୍ରମ୍ପଙ୍କୁ ଖୁସି କରିବା ପାଇଁ, ସି ଜିନପିଙ୍ଗ ଉପରାଷ୍ଟ୍ରପତିଙ୍କୁ ପଠାଇଛନ୍ତି । ଜିନପିଙ୍ଗ ଶେଷ ଥର ପାଇଁ ୨୦୦୯ ରେ ଆମେରିକା ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମାଙ୍କୁ ସ୍ୱାଗତ କରିଥିଲେ । ସେତେବେଳେ ସେ ଚୀନର ଉପରାଷ୍ଟ୍ରପତି ଥିଲେ । ସେ ଓବାମାଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଯାଇଥିଲେ ।

ଉତରପ୍ରଦେଶରେ ହେବ ଅଦିନିଆ ରଥଯାତ୍ରା

ପୁରୀ, ୧୩/୫ (ଆ.ପ୍ର) : ଇସ୍କନ ଠାରୁ ଦେଖି ଏବେ ଅନ୍ୟ ସ୍ଥାନରେ ଜଗନ୍ନାଥ ମନ୍ଦିର କରିଥିବା ବିଭିନ୍ନ ସଂସ୍ଥା ମଧ୍ୟ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ପାଳନ ଆରମ୍ଭ କରିଛନ୍ତି । ଉତରପ୍ରଦେଶର ହାପୁରରେ ହେବ ଅଦିନିଆ ରଥଯାତ୍ରା । ଏହାକୁ ଇସ୍କନ ନୁହେଁ ବରଂ ଉତରପ୍ରଦେଶର ଏକ ସଂସ୍ଥା ଆୟୋଜନ କରୁଛି । ୩୧ ମେ'ରେ ନୌକା ବିହାର, ୧୩ ଜୁନ୍ ?ରେ ନେତ୍ରୋତ୍ସବ, ୧୪ ଜୁନ୍ ?ରୁ ରଥଯାତ୍ରା ମହୋତ୍ସବ ଆୟୋଜନ ନେଇ ଇନ୍ ?ଷ୍ଟା ଆକାଉଂଟରେ ସମ୍ପୃକ୍ତ ସଂସ୍ଥା ପୋଷ୍ଟ କରିଛି । ହାପୁରରେ ଥିବା ଜଗନ୍ନାଥ ରଥଯାତ୍ରା ସେବା ସମିତି ଏହି ଉତ୍ସବ ଆୟୋଜନ କରୁଥିବା ସୂଚନା ଦେଇଛି । ଏହା ଜଣାପଡ଼ିବା ପରେ ଭକ୍ତ, ସେବାୟତ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ବରିଷ୍ଠ ସେବାୟତ ସୁନୀଲ ପୂଜାପଣ୍ଡା କହିଛନ୍ତି, କେଉଁ ତିଥିରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ ହେବ ସେନେଇ ସ୍ୱୟଂ ଶ୍ରୀଜଗନ୍ନାଥ ନିର୍ଦ୍ଦେଶ ଦେଇଛନ୍ତି । ଏହା ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ବର୍ଣ୍ଣିତ । ଜଗନ୍ନାଥ ମନ୍ଦିର କରିଥିବା ଲୋକେ ଓ ସଂସ୍ଥା ଏହା ଜାଣିବା ଜରୁରି । ବ୍ୟାବସାୟିକ ମନୋବୃତି ରଖି ତଥା ମନଇଛା ପର୍ବ ପାଳନ କରିବା ଉଚିତ୍ ନୁହେଁ ।

ସିବିଏସଇ ଦ୍ୱାଦଶ ଫଳ ପ୍ରକାଶିତ; ପୁଣି ବାଜି ମାରିଲେ ଛାତ୍ରୀ

ନୂଆଦିଲ୍ଲୀ, ୧୩/୫ (ନ୍ୟୁ.ଏ) : ସିବିଏସଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ) ପକ୍ଷରୁ ୨୦୨୬ ବର୍ଷର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ଘୋଷଣା କରାଯାଇଛି । ଚଳିତ ବର୍ଷ ମୋଟ ପାସ୍ ହାର ୮୫.୨୦% ରହିଛି, ଯାହା ଗତବର୍ଷର ୮୮.୩୯% ତୁଳନାରେ କମ୍ । ପ୍ରାୟ ୧୮ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବା ବେଳେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ପୁଣିଥରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ଛାତ୍ରୀଙ୍କ ପାସ୍ ହାର ୮୮.୮୬% ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୨.୧୩% ରହିଛି । ଅର୍ଥାତ୍ ଛାତ୍ରୀମାନେ ଛାତ୍ରଙ୍କ ତୁଳନାରେ ୬.୭୩% ଅଧିକ ସଫଳତା ପାଇଛନ୍ତି । ଛାତ୍ରଛାତ୍ରୀମାନେ ବୋର୍ଡର ସରକାରୀ ୱେବସାଇଟ୍ cbse.gov.in Gaȏ results.cbse.nic.in କୁ ଯାଇ ସେମାନଙ୍କର ଫଳାଫଳ ଓ ମାର୍କସିଟ୍ ଯାଂଚ କରିପାରିବେ । କେବଳ ୱେବସାଇଟ୍ ନୁହେଁ, ବରଂ ଇଂଟରନେଟ୍ ସୁବିଧା ନଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଅନ୍ୟ ବିକଳ୍ପ ମାଧ୍ୟମରେ ନିଜର ମାର୍କ ଜାଣିପାରିବେ । 'ଉମଙ୍ଗ' ଆପ୍ ବ୍ୟବହାର କରୁଥିବା ଛାତ୍ରଛାତ୍ରୀମାନେ ଏହାକୁ ଖୋଲି ସର୍ଚ୍ଚ ବକ୍ସରେ , ସିବିଏସଇ ସେବା'' ଖୋଜିବା ପରେ 'କ୍ଲାସ୍ ଦ୍ୱାଦଶ ରେଜଲ୍ଟ' ବିକଳ୍ପ ଉପରେ କ୍ଲିକ୍ କରି ନିଜର ବିବରଣୀ ପ୍ରଦାନ କଲେ ସ୍କ୍ରିନରେ ପ୍ରୋଭିଜନଲ୍ ମାର୍କସିଟ୍ ଦେଖିପାରିବେ ଏବଂ ଏହାକୁ ଡାଉନଲୋଡ୍ ମଧ୍ୟ କରିପାରିବେ । ଏହା ବ୍ୟତୀତ ଡିଜିଲକର ମାଧ୍ୟମରେ ମଧ୍ୟ ଫଳାଫଳ ଯାଂଚ କରିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଛାତ୍ରଛାତ୍ରୀମାନେ digilocker.gov.in ୱେବସାଇଟ୍ କିମ୍ବା ଆପରେ ନିଜର ଆଧାର କିମ୍ବା ପଞ୍ଜିକୃତ ମୋବାଇଲ୍ ନମ୍ବର ସାହାଯ୍ୟରେ ଲଗଇନ୍ କରିବା ଆବଶ୍ୟକ । ଏହାପରେ ଶିକ୍ଷା ବିଭାଗ ଅଧୀନରେ ଥିବା ସିବିଏସଇ ବିକଳ୍ପକୁ ଚୟନ କରି 'କ୍ଲାସ୍ ଦ୍ୱାଦଶ ମାର୍କସିଟ୍' ଉପରେ କ୍ଲିକ୍ କରିବାକୁ ପଡ଼ିବ । ନିଜର ରୋଲ୍ ନମ୍ବର ଓ ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ପୂରଣ କରିବା ମାତ୍ରେ ସ୍କ୍ରିନରେ ମାର୍କସିଟ୍ ପ୍ରଦର୍ଶିତ ହେବ, ଯାହାକୁ ଭବିଷ୍ୟତ ପାଇଁ ସୁରକ୍ଷିତ ଭାବେ ଡାଉନଲୋଡ୍ କରାଯାଇପାରିବ । ବୋର୍ଡ ପକ୍ଷରୁ ଏହି ସମସ୍ତ ପ୍ରକ୍ରିୟାକୁ ଅତି ସହଜ ଓ ଛାତ୍ରଛାତ୍ରୀଙ୍କ ଅନୁକୂଳ କରାଯାଇଛି ।

ପେପର୍ ଲିକ୍ ମାମଲାରେ ୫ ଜଣଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୧୩/୫ (ଆ.ପ୍ର) : ସିବିଆଇ NEET UG-2026 ପରୀକ୍ଷାର ଅନିୟମିତତା ଏବଂ ପେପର ଲିକ୍ ମାମଲାରେ ଆଜି (ବୁଧବାର) ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ମାମଲାରେ CBI ତିନୋଟି ଭିନ୍ନ ଭିନ୍ନ ସ୍ଥାନରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହା ସହିତ, CBI ଦେଶର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ତେବେ ପାଂଚ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଜୟପୁରରୁ, ଜଣଙ୍କୁ ନାସିକରୁ ଏବଂ ଅନ୍ୟ ଜଣଙ୍କୁ ଗୁରୁଗ୍ରାମରୁ ଗିରଫ କରାଯାଇଛି । NEET ପରୀକ୍ଷାର ଅନିୟମିତତା ଏବଂ ପେପର ଲିକ୍ ମାମଲାରେ ଉଣଓ ଦ୍ୱାରା ଗିରଫ ହୋଇଥିବା ପାଂଚ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣଙ୍କୁ ଜୟପୁରରେ ଗିରଫ କରାଯାଇଛି । ଏହି ତିନି ଜଣ ଅଭିଯୁକ୍ତ ହେଉଛନ୍ତି ମାଙ୍ଗିଲାଲ ବିଭାଲ, ବିକାଶ ବିଭାଲ ଏବଂ ଦିନେଶ ବିଭାଲ । ଏହା ସହିତ, ମହାରାଷ୍ଟ୍ରର ନାସିକରୁ ଶୁଭମ ଖୈରନାର ଏବଂ ହରିୟାଣାର ଗୁରୁଗ୍ରାମରୁ ଯଶ ଯାଦବଙ୍କୁ ଗିରଫ କରାଯାଇଛି । CBI ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ପାଂଚ ଜଣଙ୍କୁ ଗିରଫ କରିଛି । ଅନ୍ୟ ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଅଧିକ ପଚରାଉଚରା ଜାରି ରହିଛି । ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗରୁ ମିଳିଥିବା ଏକ ଲିଖିତ ଅଭିଯୋଗ ଆଧାରରେ CBI ମଙ୍ଗଳବାର ଏକ ମାମଲା ପଞ୍ଜିକୃତ କରିଥିଲା । ଅଭିଯୋଗରେ NEET UG-2026 ପରୀକ୍ଷା ପରିଚାଳନାରେ ଅନିୟମିତତା ଏବଂ ପେପର ଲିକ୍ ହୋଇଥିବା ଅଭିଯୋଗ କରାଯାଇଥିଲା । FIRରେ ଭାରତୀୟ ଦଣ୍ଡ ସଂହିତା (IPC), ଦୁର୍ନୀତି ନିବାରଣ ଆଇନ ଏବଂ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ଆଇନ, ୨୦୨୪ ର ବିଭିନ୍ନ ଧାରା ଉଲ୍ଲେଖ କରାଯାଇଛି, ଯେଉଁଥିରେ ଅପରାଧିକ ଷଡ଼ଯନ୍ତ୍ର, ଠକେଇ ଏବଂ ଅପରାଧିକ ବିଶ୍ୱାସ ଭଙ୍ଗ ଅନ୍ତର୍ଭୁକ୍ତ । ତଦନ୍ତକାରୀ ସଂସ୍ଥା ଦେଶବ୍ୟାପୀ ଅନେକ ସ୍ଥାନରେ ତଲାସ ଚଳାଇଛି । ଚଢାଉ ସମୟରେ ମୋବାଇଲ୍ ଫୋନ୍ ସମେତ ଅନେକ ଇଲେକ୍ଟ୍ରୋନିକ୍ ଡିଭାଇସ୍ ଏବଂ ଅପରାଧୀକ ଡକ୍ୟୁମେଂଟ୍ ଉଦ୍ଧାର କରାଯାଇଛି । CBI ପ୍ରାରମ୍ଭିକ ତଦନ୍ତ କରିଥିବା ରାଜସ୍ଥାନ ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ (SOG) ସହିତ ମଧ୍ୟ ସମନ୍ୱୟ ରଖିଛି । ଏହି ସଂସ୍ଥା ପେପର ଲିକର ସମସ୍ତ ଦିଗକୁ ବୈଷୟିକ ଏବଂ ଫୋରେନସିକ୍ ବିଶ୍ଳେଷଣ ମାଧ୍ୟମରେ ତଦନ୍ତ କରୁଛି । ସିବିଆଇ କହିଛି ଯେ ଏହା ନିରପେକ୍ଷ, ବ୍ୟାପକ ଏବଂ ବୃତିଗତ ଭାବରେ ମାମଲାର ତଦନ୍ତ ଜାରି ରଖିବ ।

ଶିକ୍ଷା ହେଉଛି ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାର ଚାବିକାଠି: ରାଜ୍ୟପାଳ

ଭୁବନେଶ୍ୱର, ୧୩/୫ (ଆ.ପ୍ର) : ଶିକ୍ଷା ହେଉଛି ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାର ଚାବିକାଠି ଓ ଶିକ୍ଷା ଏବଂ ଦକ୍ଷତା ବିକାଶରେ ଅଧିକ ନିବେଶ ଦ୍ୱାରା ଏକ ବିକଶିତ ଓ ଭବିଷ୍ୟତ ପ୍ରସ୍ତୁତ ଓଡ଼ିଶା ଗଠନ ସମ୍ଭବ ବୋଲି ଓଡ଼ିଶାର ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ପାଟି କହିଛନ୍ତି ଓ ବୁଧବାର, ଭୁବନେଶ୍ୱର ଠାରେ ନ୍ୟୁଜ ୧୮ ଦ୍ୱାରା ଆୟୋଜିତ ଏଜୁକେସନ ଏମିନେନ୍ସ କନକ୍ଲେଭରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି ଓ ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା, ନବସୃଜନ ଏବଂ ଦକ୍ଷ ମାନବ ସମ୍ବଳ ଦ୍ୱାରା ସଶକ୍ତ ଏକ ଶକ୍ତିଶାଳୀ ଜ୍ଞାନ-ଚାଳିତ ସମାଜ ଦ୍ୱାରା ହିଁ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ । ଶିକ୍ଷାକୁ ରାଷ୍ଟ୍ର ନିର୍ମାଣର ମୂଳଦୁଆ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଆଧୁନିକ ଯୁଗରେ ସମାଜ କେବଳ ପ୍ରାକୃତିକ ସମ୍ପଦ ଦ୍ୱାରା ନୁହେଁ ବରଂ ତାର ଜ୍ଞାନ ପଦ୍ଧତି, ସୃଜନଶୀଳତା ଏବଂ ଦକ୍ଷ ମାନବ ସମ୍ବଳ ଦ୍ୱାରା ପରିଭାଷିତ । ଶିକ୍ଷା ଏବଂ ଜ୍ଞାନ ସୃଷ୍ଟିରେ ସର୍ବୋତ୍ତମ ନିବେଶ ଦ୍ୱାରା ଏକ ବିକଶିତ ଓଡ଼ିଶା ନିର୍ମାଣ କରିବା ସମ୍ଭବ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ରାଜ୍ୟପାଳ କହିଥିଲେ ଯେ ମାତୃଭାଷା-ଆଧାରିତ ଶିକ୍ଷା, ଡିଜିଟାଲ୍ ସଶକ୍ତିକରଣ, ବହୁମୁଖୀ ଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଭବିଷ୍ୟତ ପାଇଁ ପିଢ଼ି ପ୍ରସ୍ତୁତ କରିବା ଦିଗରେ ଏକ ଦୂରଦୃଷ୍ଟିପୂର୍ଣ୍ଣ ଅଭିମୁଖ୍ୟକୁ ପ୍ରତିଫଳିତ କରୁଛି । ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ଅର୍ଥନୈତିକ ଆତ୍ମରକ୍ଷା' ପାଇଁ ଆହ୍ୱାନକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଦେଶର ଦୀର୍ଘକାଳୀନ ସମୃଦ୍ଧି ଏବଂ ରଣନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଅର୍ଥନୈତିକ ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଅତ୍ୟାବଶ୍ୟକ । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ନ୍ୟୁଜ୍ ୧୮ ଓଡ଼ିଆର ସମ୍ପାଦକ ନରେନ୍ଦ୍ରନାଥ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

'ପେଟ୍ରୋଲ-ଡିଜେଲ ହେବ ମହଙ୍ଗା', ଆରବିଆଇ ଗଭର୍ଣ୍ଣରଙ୍କ ସଙ୍କେତ

ନୂଆଦିଲ୍ଲୀ, ୧୩/୫ (ନ୍ୟୁ.ଏ) : କ'ଣ ଦେଶରେ ପେଟ୍ରୋଲ-ଡିଜେଲର ଦାମ୍ ବଢିବାକୁ ଯାଉଛି କି ? କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ପରେ ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅର୍ଥାତ ଆରବିଆଇ ଗଭର୍ଣ୍ଣର ମଧ୍ୟ ଏଭଳି ସଙ୍କେତ ଦେଇଛନ୍ତି । ସରକାରୀ ତୈଳ କମ୍ପାନୀ ଉପରେ ଅଶୋଧିତ ତୈଳର ବଢୁଥିବା ଖର୍ଚ୍ଚ ବୋଝ ଏହାର ବଡ଼ କାରଣ ବୋଲି କୁହାଯାଉଛି । ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମଧ୍ୟ ଆମେରିକା ଓ ଇରାନ ଭିତରେ ଯୁଦ୍ଧ ଦ୍ୱାରା ମିଡିଲ ଇଷ୍ଟରେ ଉତେଜନାର ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ବୟାନ ଦେଇଛନ୍ତି । ଆରବିଆଇ ଗର୍ଭନର ସଞ୍ଜୟ ମାଲହୋତ୍ରାଙ୍କ କହିବା ଅନୁସାରେ, ଯଦି ମିଡିଲ ଇଷ୍ଟରେ ସଙ୍କଟ ଆହୁରି ଅଧିକ ଲମ୍ବା ହୁଏ, ତେବେ ଏଭଳି ସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦାମରେ ବୃଦ୍ଧି ଦେଖିବାକୁ ମିଳିପାରେ । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସଙ୍କେତ ଦେଇଛନ୍ତି, ଯଦି ମଧ୍ୟପୂର୍ବରେ ଉତେଜନା ଲାଗି ରହେ ତେବେ ଭାରତକୁ ତୈଳ କମ୍ପାନୀରୁ ଆସୁଥିବା ପେଟ୍ରୋଲ ଓ ଡିଜେଲର ଦାମ୍‌ରେ ବୃଦ୍ଧି କରିବାର ପଦକ୍ଷେପ ନିଆଯାଇପାରେ । ସେ କହିଛନ୍ତି, ଦୁନିଆରେ ମୋଟ ଆବଶ୍ୟକତାର ପ୍ରାୟ ୨୦% ତୈଳ ଆମଦାନୀ ପାଇଁ ଦାୟୀ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ ହେବା ଦ୍ୱାରା ସପ୍ଲାଇ ଚେନ୍ ପ୍ରଭାବିତ ହୋଇଛି । ଏହି କାରଣରୁ ଅଶୋଧିତ ତୈଳର ବଢୁଥିବା ଦାମ୍, ମୁଦ୍ରାସ୍ଫିତି, ଇନ୍ଧନ ଉତ୍ପାଦନ ଉପରେ ନିର୍ଭରତା, ଅର୍ଥବ୍ୟବସ୍ଥା ଉପରେ ଚାପ୍ ପକାଉଛି । ତାଙ୍କର ଏହି ବୟାନରୁ ସ୍ପଷ୍ଟ ଜଣାପଡୁଛି ଯେ, ସରକାରୀ ତୈଳ କମ୍ପାନୀ ଉପରେ ଅଶୋଧିତ ତୈଳର ବଢୁଥିବା ଖର୍ଚ୍ଚରୁ ଚାପ ବଢିପାରେ । ସ୍ୱିଜରଲ୍ୟାଣ୍ଡରେ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ସଞ୍ଜୟ ମାଲହୋତ୍ରା ଏହି ବକ୍ତବ୍ୟ ଦେଇଛନ୍ତି । ଆରବିଆଇ ଗଭର୍ଣ୍ଣରଙ୍କ ଅନୁଯାୟୀ, ଯଦି ବର୍ତମାନର ବିଶ୍ୱ ଶକ୍ତି ସଙ୍କଟ ବୃଦ୍ଧି ପାଏ ଏବଂ ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ସରକାର ଆଉ ଅନିର୍ଦ୍ଦିଷ୍ଟ କାଳ ପାଇଁ ଖୁଚୁରା ଇନ୍ଧନ ମୂଲ୍ୟକୁ ଅପରିବର୍ତିତ ରଖିପାରିବେ ନାହିଁ । ଯଦି ଏହି ଉତେଜନା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ଆକାରରେ ଗ୍ରାହକଙ୍କ ଉପରେ ତୈଳ ମୂଲ୍ୟ ବୃଦ୍ଧି କରିବାକୁ ସରକାରଙ୍କୁ କେବଳ ଅଳ୍ପ ସମୟ ଲାଗିବ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଥିରୁ ଆରମ୍ଭ
SEITHO ARAMBHA

ଗୁରୁବାର, ୧୪ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ରାୟଗଡ଼ ବ୍ଲକରେ ସାମାଜିକ ସମୀକ୍ଷା ଜନ ଶୁଣାଣି ଅନୁଷ୍ଠିତ

ରାୟଗଡ଼, ୧୩।୫ (ଆ.ପ୍ର) : ରାୟଗଡ଼ ବ୍ଲକ ସଦଭାବନା ସଭାଗୃହ ପରିସରରେ ବ୍ଲକ ସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବିନ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରି ସରକାରୀ ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ରକ୍ଷାକରିବା ଏହାର ଉଦ୍ଦେଶ୍ୟ ବୋଲି କହିଥିଲେ । ଗତ ଏପ୍ରିଲ ଠାରୁ ସେପ୍ଟେମ୍ବର ମାସ ୨୦୨୫ ମଧ୍ୟରେ ମନରେଗା, ପି ଏମ ପୋଷଣ ଏବଂ ସାଧାରଣ ବଂଟନ ଭଳି ସରକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଅନୁଷ୍ଠିତ ସାମାଜିକ ସମୀକ୍ଷାର ଜନ ଶୁଣାଣି କରାଯାଇଥିଲା । ବିଡ଼ିଓ ସୁଜିତ କୁମାର ମିଶ୍ର, ଏବିଡ଼ିଓ କାହ୍ନୁ ଚରଣ ନାୟକ, ଗ୍ରାମ ପଂଚାୟତ ବିକାଶ ଅଧିକାରୀ ସ୍ମୃତିରେଖା ନାୟକ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ସତ୍ୟ ହୁଇକା, ଯୋଗାଣ ଅଧିକାରୀ ମାନସ ସୁନା ଓ ଶିକ୍ଷା ବିଭାଗରୁ ଏବିଇଓ ବଳରାମ ହୁଇକା ମଂଚାସିନ ଥିଲେ । ଗତ ୨୩ ଅକ୍ଟୋବର ୨୦୨୫ ଠାରୁ ୧୯ ମାର୍ଚ୍ଚ ୨୦୨୬ ମଧ୍ୟରେ ଚଉଦ ଜଣ ଭିଆରପି ଚାରୋଟି ଦଳରେ ରାୟଗଡ଼ ବ୍ଲକର ୨୮ଗୋଟି ଗ୍ରାମ ପଂଚାୟତରେ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ, ସାଧାରଣ ବଂଟନ କେନ୍ଦ୍ର ଓ ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ଯୋଜନାର କାର୍ଯ୍ୟକାରିତା ବିଷୟରେ କରିଥିବା ସମୀକ୍ଷାର ବିବରଣୀ ଗୃହରେ ଉପସ୍ଥାପନ କରିଥିଲେ । ଗ୍ରାମ ପଂଚାୟତ ସ୍ତରରେ ମନରେଗା ଯୋଜନା ନିର୍ଦ୍ଧାରିତ ସାତ ପ୍ରକାର ରେଜିଷ୍ଟର, ମାଷ୍ଟର ରୋଲ ଓ ରେକର୍ଡ ପରିଚାଳନା ସମ୍ପର୍କିତ ସମସ୍ତ ତଥ୍ୟ ଏଥିରେ ଆଲୋଚନାର ପରିସରଭୁକ୍ତ ଥିଲା । ହର୍ଟିକଲଚର ବିଭାଗ ତରଫରୁ କୋଟି କୋଟି ଟଙ୍କାର ବ୍ୟୟ ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଆବଶ୍ୟକ ରେକର୍ଡ ସମୀକ୍ଷା ନିମନ୍ତେ ଉପସ୍ଥାପନ କରାଯାଇନଥିବା ସମୀକ୍ଷା ଅଧିକାରୀ ଦୃଷ୍ଟି ଆକର୍ଷଣ କରିଥିଲେ । ନୂତନ ପଡ଼ିକାର୍ଡ ପ୍ରଦାନ ନିମନ୍ତେ ୫୭ ଜଣଙ୍କ ଦରଖାସ୍ତ ସମୀକ୍ଷା ତାରିଖ ସୁଦ୍ଧା ପଡ଼ିରହିଥିବା ବେଳେ ସେମାନଙ୍କୁ ନୂତନ ପଡିକାର୍ଡ ପ୍ରଦାନ କରାଯାଇଥିବା ଯୋଗାଣ ଅଧିକାରୀ ପ୍ରକାଶ କରିଛନ୍ତି । ପୋଷଣ ଯୋଜନାର ସମୀକ୍ଷା ସମୟରେ ବିଦ୍ୟାଳୟ ଗୁଡ଼ିକରେ ରନ୍ଧାଗୃହର ମରାମତି, ଭୋଜନାଳୟ ଓ ଶ୍ରେଣୀଗୃହର ଅଭାବ, ଅନେକ ବିଦ୍ୟାଳୟରେ ପାଣି ଗଳିବା, ବିଦ୍ୟାଳୟରେ ହତା ଅଭାବରୁ ସୁରକ୍ଷାର ଆବଶ୍ୟକତା, ସ୍ୱଳ୍ପ ସଂଖ୍ୟକ ଶିକ୍ଷକ, ପୋଷଣ ଖାଦ୍ୟର ମାନ, ଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ଆଦି ସମସ୍ୟା ଆଲୋଚନାର ପରିସରଭୁକ୍ତ ଥିଲା । ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ହର୍ଟିକଲଚର ବିଭାଗର ବେପରୁଆ ନୀତିର ନିନ୍ଦା କରିବା ସହ ସମୀକ୍ଷା ଅଧିକାରୀଙ୍କୁ ସମସ୍ତ ସହଯୋଗ ପ୍ରଦାନ ସହ ଭବିଷ୍ୟତରେ ଏପରି ତ୍ରୁଟି ନକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିପଦ ସଙ୍କୁଳ ବିଦ୍ୟାଳୟ ତଥା ରନ୍ଧାଗୃହ, ଶୌଚାଳୟ ଆବଶ୍ୟକ ଥିବା ବିଦ୍ୟାଳୟର ତାଲିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ବିଡ଼ିଓଙ୍କୁ ଦେବାସହ ନିର୍ଦ୍ଧାରିତ ମାନର ଖାଦ୍ୟ ନିମନ୍ତେ ସ୍କ୍ୱାର୍ଡ ଗଠନ କରି ଖାଦ୍ୟର ମାନ ଯାଂଚ କରିବା ଓ ବିବରଣୀ ପ୍ରଶାସନର ଦୃଷ୍ଟିକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିଶୁ ଯେପରି ସେମାନଙ୍କ ଶିକ୍ଷା, ପୋଷଣ ଓ ସୁରକ୍ଷାର ଅଧିକାରରୁ ବଂଚିତ ହେବେନାହିଁ, ସେଥିପ୍ରତି ବିହିତ ପଦକ୍ଷେପ ନେବାପାଇଁ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଧାରୁ ପାଠ ଛାଡ଼ିଥିବା ସମସ୍ତ ଶିଶୁଙ୍କୁ ଯେପରି ଚିହ୍ନଟକରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଆବଶ୍ୟକ ଜନସଚେତତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ପ୍ରବର୍ତାଇଛନ୍ତି । ଏଥିରେ ରାୟଗଡ଼ ବ୍ଲକର ସମସ୍ତ ଏଡିଇଓ, ଜିଆରଏସ, ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସରପଂଚ, ନିର୍ବାଚିତ ପ୍ରତିନିଧି, ସାମାଜିକ ସମୀକ୍ଷକ ଓ ଜନସାଧାରଣ ଉପସ୍ଥିତ ଥିଲେ ।

କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଟାଟା ପାୱାର ବିରୋଧରେ ତାତିଲେ ଠିକା କର୍ମଚାରୀ ଛଟେଇ ପ୍ରତ୍ୟାହାର ପୂନଃ ନିଯୁକ୍ତି ଦାବିରେ ଧାରଣା

ଧାମନଗର, ୧୩।୫ (ଆ.ପ୍ର) : ଟାଟା ପାୱାର ବେଆଇନ ଛଟେଇକୁ ବିରୋଧ କରି ଧାମନଗର ଉପଖଣ୍ଡ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ କର୍ମଚାରୀ ଛଟେଇକୁ ପ୍ରତ୍ୟାହାର ଠିକା ବି.ଏ. କର୍ମଚାରୀଙ୍କୁ ପୂନଃ ନିଯୁକ୍ତି ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଓ ପ୍ରତିବାଦ ସଭା ସପ୍ତମ ଦିନରେ ପହଂଚିଲା । ଧାମନଗର ଉପଖଣ୍ଡ ବିଦ୍ୟୁତ ବିଭାଗର ଘରୋଇ ସଂସ୍ଥା ଟିପିଏନଓଡିଏଲ ବହୁ ଠିକା କର୍ମଚାରୀଙ୍କୁ ଛଟେଇ କରିଛି । ଏହାକୁ ବିରୋଧ କରି ସିଇଓଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ପ୍ରକାଶ କରିଛନ୍ତି । ଟାଟା ପାୱାର ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କୁ ମନମାନୀ ଭାବେ ହଠାତ୍ ଛଟେଇ କରାଯାଇଥିବା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି । ଗୁରୁବାର କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର ଡାକରାରେ ଆୟୋଜିତ ଏହି ଧାରଣାରେ ବହୁ ସଂଖ୍ୟକ କର୍ମଚାରୀ ସାମିଲ ହୋଇ ଛଟେଇ ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତ କରିବାକୁ ଦାବି ବୃଦ୍ଧି ପାଇବାରେ ଲାଗିଛି । କର୍ମଚାରୀ ମାନେ ଦୀର୍ଘ ବର୍ଷ ବର୍ଷ ଧରି ବିଭିନ୍ନ ଫ୍ରାଂଚାଇଜ୍ ମାଧ୍ୟମରେ ଷ୍ଟୋର, ଆରସି-ଡିସି ଓ କଷ୍ଟମର କେୟାର ଭଳି ଗୁରୁତ୍ୱପୂର୍ଣ୍ଣ ସେବାରେ ନିୟୋଜିତ ରହିଆସୁଥିଲେ । ଧାମନଗର ସେକ୍ସନ ଅଧୀନରେ ୧୦ ଜଣ କର୍ମଚାରୀଙ୍କୁ ଟର୍ମିନେସନ୍ ଲେଟର ଦିଆଯାଇଥିବା ବେଳେ ଆସନ୍ତା ମାସ ୧ ତାରିଖରୁ ସେମାନଙ୍କ ଚାକିରି ସମାପ୍ତ ହେବ ବୋଲି କୁହାଯାଇଥିଲା ।ସେହିପରି ଜିଲ୍ଲାର ସାଉଥ ଓ ନର୍ଥ ଡିଭିଜନ ଅଧୀନରେ ୨୩ଟି ସେକ୍ସନରେ ୨୫୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ ପାଇଁ ଟର୍ମିନେସନ୍ ଲେଟର ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି । ସଂଘର ଅଭିଯୋଗ ଅନୁଯାୟୀ,ବର୍ଷ ବର୍ଷ ଧରି ବିଭାଗ ପାଇଁ କାମ କରିବା ପରେ ହଠାତ୍ ଏପରି ଛଟେଇ ନିଷ୍ପତିକୁ ବିରୋଧ କରିଛନ୍ତି । ଏହାଦ୍ୱାରା ଅନେକ ପରିବାର ଜୀବିକା ସଙ୍କଟରେ ପଡ଼ିଥିବାବେଳେ କର୍ମଚାରୀମାନଙ୍କ ଭବିଷ୍ୟତ ମଧ୍ୟ ଅନିଶ୍ଚିତ ହୋଇପଡ଼ିଛି । ତେଣୁ ସରକାର ଓ ଟାଟା ପାୱାର କର୍ତୃପକ୍ଷ ଶୀଘ୍ର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ଏହା ସହ ସରକାର ଓ ଟାଟା ପାୱାର ପକ୍ଷରୁ କୌଣସି ସମାଧାନ ନ କରାଗଲେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଛଟେଇ କର୍ମଚାରୀ ଏକତ୍ରିତ ହୋଇ ରାଜପଥ ଅବରୋଧ ସହିତ ରାଜ୍ୟ ସଚିବାଳୟରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ପରେ ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ବିଧାୟକ

ପାରଳାଖେମୁଣ୍ଡି, ୧୩।୫ (ଆ.ପ୍ର) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ସାନ କରୁରୁ ଗ୍ରାମ ଠାରେ ମାଁ ଗ୍ରାମଦେବୀ ଠାକୁରାଣୀ ମନ୍ଦିର ଓ ଶିବ ମନ୍ଦିରର ନବୀକରଣ କାର୍ଯ୍ୟ ଶେଷ ହୋଇ ଆଜି ଏହି ମନ୍ଦିରର ପ୍ରତିଷ୍ଠା ଅବସରରେ ଶୁଭ ଉଦଘାଟନ କଲେ ବିଧାୟକ ରୁପେଶ ପାଣିଗ୍ରାହୀ । ପ୍ରଥମେ ଗ୍ରାମ ଠାରୁ ବିଧାୟକ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା, ପରେ କରାଯାଇଥିବା ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ ବିଧାୟକ । ଗତ କିଛିଦିନ ହେବ ଏହି ମନ୍ଦିର କାର୍ଯ୍ୟ ଚାଲୁଥିବା ବେଳେ, ଚଳିତ ସପ୍ତାହରେ କାର୍ଯ୍ୟ ଶେଷ ହୋଇଥିଲା ଏହି ପ୍ରତିଷ୍ଠାରେ ସ୍ଥାନୀୟ ହଜାର ହଜାର ଭକ୍ତ ସାମିଲ ହୋଇ ମାଁଙ୍କୁ ଦର୍ଶନ କରିଥିଲେ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ବିଧାୟକ ସମେତ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍ ଭିରରାଜୁ, ଜିଲ୍ଲାପରିଷଦ ନିଲାବତି ପାରିଗା, ଏନ୍ ଝାନ୍ସିରାଣୀ ସ୍ଥାନୀୟ ସରପଂଚ, ଜେ ଭାରତୀ ସମିତି ପ୍ରମୁଖ ଉପସ୍ଥିତ ଥିଲେ ।

ଦୋଳମଣ୍ଡପ ସାହି, ଜେନାରୀଗଛ ରାମଚଣ୍ଡୀଙ୍କ ଜଳଶାୟୀ

ପୁରୀ, ୧୩।୫ (ଆ.ପ୍ର) : ଦୋଳମଣ୍ଡପ ସାହି, ଜେନାରୀଗଛ ଛକ ସ୍ଥିତ ମାଆ ରାମଚଣ୍ଡୀ ଠାକୁରାଣୀଙ୍କ ଜଳ ଶାୟୀ ନୀତି ପବିତ୍ର ଜଳକ୍ରୀଡା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ମାଆଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳଆଳତି ଓ ଅବକାଶ ନୀତି ପରେ ଶଙ୍ଖୁଡି ଭୋଗ କରାଯାଇଥିଲା । ପରେ ମାଆଙ୍କ ଆସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା । ଶିବନାରାୟଣ ଦାଶ, ରଞ୍ଜନ ଦାଶ, ତ୍ରିଲୋଚନ ମିଶ୍ର, ରବିନାରାୟଣ ପାଣିଗ୍ରାହୀ, ଅକ୍ଷୟଚନ୍ଦ୍ର କର ଓ ରାମନାରାୟଣ ଦାଶ ଗରାରେ ନିକଟସ୍ଥ କୂଅରୁ ଜଳତୋଳି ଆଣି ମାଆଙ୍କ ଆସ୍ଥାନ ନିକଟରେ ରଖା ଯାଇଥିଲା । ଜଳରେ ଚନ୍ଦନ, ଅଗୁର, କର୍ପୁର, ଚୂଆ, କେଶର ଓ ବିଭିନ୍ନ ପ୍ରକାରର ସୁବାସିତ ମିଶ୍ରଣ କରାଯାଇ ମାଆଙ୍କ ମସ୍ତକରେ ଢଳା ଯାଇଥିଲା । ଅପରାହ୍ନରେ ଜଳ ନିଷ୍କାସନ କରାଯାଇ ମାଆଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା । ପରେ ସନ୍ଧ୍ୟା ଆଳତି କରାଯାଇ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇ ରାତ୍ର ପହୁଡ଼ କରାଯାଇଥିଲା । ମନ୍ଦିର ପୂଜକ ପିନାକ ଦାଶ ଓ ସୋମନାଥ ଦାଶ ସମସ୍ତ ନୀତିକାନ୍ତି ସମ୍ପାଦନ କରିଥିଲେ । ସ୍ଥାନୀୟ ଅଂଚଳର ଭକ୍ତ ମାଆଙ୍କ ଦିବ୍ୟଦୁର୍ଲଭ ବେଶ ଓ ଜଳଶାୟୀ ନୀତି ଦର୍ଶନ କରି ଆଶିଷ ଲାଭ କରିଥିଲେ । ଏହି ଅବସରରେ ମନ୍ଦିରକୁ ଉଜ୍ଜଳ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସମ୍ପାଦକ ମାଗୁଣି ମୁଣ୍ଡି, ସହ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ ଓ କୋଷାଧ୍ୟକ୍ଷ ବୁଲୁ ପଡ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସିତାଂଶୁ ଓ ପ୍ରିୟବ୍ରତ ମେମୋରିୟାଲ୍ ଟ୍ରଫି, ପାଟପୁର ଟିମ୍ ଚମ୍ପିୟାନ

ଅସ୍ତରଙ୍ଗ, ୧୩।୫ (ଆ.ପ୍ର) : ପାଟଳଦା ପଂଚାୟତ ଗୁରୁବଣି କ୍ରିକେଟ୍ କ୍ଲବ ଦ୍ୱାରା ଆୟୋଜିତ ଅହୋରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଂଟର ଉଦଯାପନ ହୋଇଯାଇଛି । ଶେଷ ଦିନ ଖେଳରେ ପାଟପୁର କ୍ରିକେଟ୍ କ୍ଲବ୍ ଓ ଖାନପୁର କ୍ରିକେଟ୍ କ୍ଲବ୍ ପରସ୍ପରକୁ ଭେଟି ଉତମ ଖେଳ ପଦର୍ଶନ କରିଥିଲେ । ପ୍ରଥମେ ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬୪ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଖାନ୍ ପୁର ଟିମ୍ ଖେଳି ସମସ୍ତ ଉଇକେଟ୍ ହରାଇ ୫୫ ରନ୍ କରିବାରେ ପାଟପୁର ଟିମ୍ ବିଜୟୀ ବା ଚମ୍ପିୟାନ ହୋଇଥିଲା । ସିତାଂଶୁ ସ୍ୱାଇଁ ଓ ପ୍ରିୟବ୍ରତ ତ୍ରିପାଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ଲବ ଦ୍ୱାରା ଆୟୋଜିତ ୪ ଦିନ ଧରି ଅହୋରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଂଟରେ ଶେଷ ଦିନରେ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ , ପଟଳଦା ସଭାପତି ପ୍ରଦୀପ୍ତ ବିଶ୍ୱାଳ, ସମ୍ପାଦକ ସନ୍ତୋଷ ବେହେରା, ନଗର ସରପଂଚ ବିଜୟ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ କ୍ରିକେଟ୍ ଖେଳକୁ ଉପଭୋଗ କରିଥିଲେ । ଖେଳ ଶେଷରେ ଅତିଥିମାନଙ୍କ ଗ୍ରହଣରେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଚମ୍ପିୟାନ ଟିମ ପାଟପୁର କ୍ରିକେଟ କ୍ଲବକୁ ସିଲ୍ ସହ ୨୦ ହଜାର ଓ ରନର୍ସ ଅପ୍ ଖାନ୍ ପୁର ଟିମକୁ ସିଲ୍ ସହ ୧୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଦ୍ଧେଶ୍ୱର ନାୟକ ଓ ଅନୁଷ୍ଠାନର ସଦସ୍ୟମାନେ ସୁଚାରୁରୂପେ ସମ୍ପାଦନା କରିଥିଲେ ।

ଦଶପଲ୍ଲା ଯୋଗିବନ୍ଧ ଗ୍ରାମରେ ବିଦ୍ୟୁତ ସମସ୍ୟା



ଦଶପଲ୍ଲା, ୧୩।୫ (ଆ.ପ୍ର) : ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୦୮ ନମ୍ବର ୱାର୍ଡ ଯୋଗୀବନ୍ଧ ଗ୍ରାମର ବାସିନ୍ଦାମାନେ ବିଦ୍ୟୁତ ସେବାରେ ବ୍ୟାଘାତ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନେ ଟିପିସିଓଡିଏଲର ବିଦ୍ୟୁତ ବିଭାଗୀୟ ଏସଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସମସ୍ୟାର ମୁଖ୍ୟ କାରଣ: ଅଭିଯୋଗ ଅନୁଯାୟୀ, ଯୋଗୀବନ୍ଧ ଅଂଚଳରେ ଜନସଂଖ୍ୟା ବୃଦ୍ଧି ସହିତ ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ମାତ୍ର ବର୍ତମାନ ସେଠାରେ ଲାଗିଥିବା ୧୦ କେଭି କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରଟି ଆବଶ୍ୟକୀୟ ବିଦ୍ୟୁତ ଯୋଗାଇବାରେ ଅକ୍ଷମ ହେଉଛି । ଏହି କମ୍ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଯୋଗୁଁ ଅଂଚଳରେ ବାରମ୍ବାର 'ଲୋ-ଭୋଲଟେଜ୍' ସମସ୍ୟା ଦେଖାଦେଉଛି । ବିଶେଷ କରି ଚଳିତ ଗ୍ରୀଷ୍ମ ଋତୁରେ ଭୋଲଟେଜ୍ କମ୍ ରହୁଥିବାରୁ ଘରୋଇ ବୈଦ୍ୟୁତିକ ଉପକରଣଗୁଡ଼ିକ ଠିକ୍ ଭାବେ ଚାଲିପାରୁ ନାହିଁ ଏବଂ ଅନେକ ସମୟରେ ନଷ୍ଟ ମଧ୍ୟ ହେଉଛି । ଅସହ୍ୟ ଗରମ ମଧ୍ୟରେ ବିଦ୍ୟୁତ ସେବାର ଏଭଳି ଦୁରାବସ୍ଥା ଯୋଗୁଁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି । ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ସେଠାରେ ଥିବା ପୁରୁଣା ୧୦ କେଭି ଟ୍ରାନ୍ସଫର୍ମର ବଦଳରେ ଏକ ନୂତନ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ତୁରନ୍ତ ସ୍ଥାପନ କରିବାକୁ ବାସିନ୍ଦାମାନେ ଅନୁରୋଧ କରିଛନ୍ତି । ଏହି ଦାବିପତ୍ରରେ ଉପେନ୍ଦ୍ର ସାହୁ, ବିଶ୍ୱନାଥ ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ ଏବଂ କୁଳମଣି ରାଉତଙ୍କ ସମେତ ସାହିର ଅନେକ ବାସିନ୍ଦା ସ୍ୱାକ୍ଷର କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

ଏ.ଏମ୍.ସି.ଏସ୍. ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷ ଶ୍ରୀ ବିଷ୍ଣୁ ପ୍ରସାଦ ରଥଙ୍କ ଦାୟିତ୍ୱ ଗ୍ରହଣ

ଟିକାବାଲି, ୧୩।୫ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ନିକଟସ୍ଥ ଏ.ଏମ୍.ସି.ଏସ୍. ମହାବିଦ୍ୟାଳୟ ଟିକାବାଲିରେ ନୂତନ ଅଧ୍ୟକ୍ଷ ଭାବେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀ ବିଷ୍ଣୁ ପ୍ରସାଦ ରଥ, ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶାର ଆଦେଶ ଅନୁଯାୟୀ ତା ୧୧/୦୫/୨୦୨୬ ରିଖରେ ଔପଚାରିକ ଭାବେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ଅବସର ପରେ ଏହି ପଦବୀ ଖାଲି ଥିଲା ସେହି ପଦବୀରେ ଆଜି ଅଧ୍ୟକ୍ଷ ଭାବରେ ଶ୍ରୀ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ଶ୍ରୀ ରଥ ଜଣେ ଛାତ୍ରବତ୍ସଳ, ଶୃଙ୍ଖଳିତ ଏବଂ ପ୍ରଶାସନିକ କାର୍ଯ୍ୟଦକ୍ଷତାରେ ନିପୁଣ ଅଟନ୍ତି । ଏହା ନିଶ୍ଚିତ ଭାବେ ମହାବିଦ୍ୟାଳୟର ପ୍ରଗତି ଏବଂ ଉନ୍ନତି ପାଇଁ ସହାୟକ ହେବ । ଶ୍ରୀ ରଥଙ୍କ ଦାୟିତ୍ୱ ଗ୍ରହଣ ଅଂଚଳବାସୀଙ୍କ ପାଇଁ ଏକ ନୂତନ ଖୁସିର ଲହରୀ ସୃଷ୍ଟି କରିଛି । ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଶ୍ରୀ ବିଷ୍ଣୁ ପ୍ରସାଦ ରଥଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ସ୍ୱାଗତ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ନୂତନ ଅଧ୍ୟକ୍ଷ, ମହାବିଦ୍ୟାଳୟର ଉନ୍ନତି, କର୍ମଚାରୀମାନଙ୍କ ସହଯୋଗରେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ବିବିଧ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

'ଭୁଲ୍ ତୋର ଭୋଗୁଛି ମୁଁ' ନାଟକ ମଂଚସ୍ଥ

ଚିଲିକା ବାଣପୁର, ୧୩।୫ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ସାଙ୍ଗେଶ୍ୱର ଗ୍ରାମ ପଂଚାୟତ ଆମ୍ବପଡ଼ା ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ମଂଚସ୍ଥ ହୋଇଯାଇଛି ସାମାଜିକ ନାଟକ 'ଭୁଲ ତୋର ଭୋଗୁଛି ମୁଁ' । ଗ୍ରାମର ତରୁଣ କଳାକାର ମାନେ ପ୍ରଥମ ଥର ପାଇଁ ବହୁତ ଆଗ୍ରହର ସହିତ ଉକ୍ତ ନାଟକ ମଂଚସ୍ଥ କରିବାରେ ସଫଳ ହେବା ସହିତ ଉଚ୍ଚକୋଟୀର ଅଭିନୟ କରି ଦର୍ଶକ ମାନଙ୍କର ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ଆମ୍ବପଡ଼ା ଗ୍ରାମବାସୀ ମାନଙ୍କର ସମ୍ପୂର୍ଣ୍ଣ ସହଯୋଗିତାରେ ନାଟକ ଆୟୋଜନ କରାଯାଇଥିଲା ବେଳେ ନିକଟସ୍ଥ କୁମ୍ଭାରପଡ଼ା ବରିଷ୍ଠ ନାଗରିକ ଆବାସର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଶ୍ରୀ ସୁକାନ୍ତ ବିଶ୍ୱାଳ ଷ୍ଟେଜ ଉପରେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶୁଭ ମନାସି ନଡିଆ ବାଡେଇଥିଲେ ।ବିଶିଷ୍ଟ ବ୍ୟବସାୟୀ ଶ୍ରୀ ଧୋବା ବିଶ୍ୱାଳ ରିବନ୍ କାଟି ନାଟକର ଶୁଭାରମ୍ଭ କରିଥିଲେ । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ପର୍ଶୁରାମ ସାହୁଙ୍କ ନିର୍ଦ୍ଦେଶନାରେ ପ୍ରଥମ ଥର ପାଇଁ ମଂଚସ୍ଥ ହୋଇଥିବା ଏହି ନାଟକର ସଫଳତା ବେଶ୍ ଉଚ୍ଚକୋଟିର ହୋଇଥିଲା । ପ୍ରାୟ ଦୁଇହଜାରରୁ ଉର୍ଦ୍ଧ ଦର୍ଶକ ଏହାକୁ ଦେଖି ଖୁବ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଆଗକୁ ଚାଲୁ ରହିବ ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ଶାନ୍ତି ଶୃଙ୍ଖଳାର ସହିତ ନାଟକଟିକୁ ସମସ୍ତ ଦର୍ଶକ ଶେଷ ପର୍ଯ୍ୟନ୍ତ ବସି ଦେଖିଥିବାରୁ ଗ୍ରାମବାସୀମାନେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରକଳ୍ପ ଅଧିକାର ଦ୍ୱାରା 'ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ' ଲୋକାର୍ପିତ



ଦଶପଲ୍ଲା, ୧୩।୫ (ଆ.ପ୍ର) : ଗ୍ରାମୀଣ ସ୍ତରରେ ମହିଳା ମାନଙ୍କ ସାମାଜିକ ଅର୍ଥନୈତିକ ଓ ସ୍ୱରୋଜଗାର ବୃଦ୍ଧି କରିବା ସହିତ ନିଜ ଗ୍ରାମରେ କର୍ମନିଯୁକ୍ତି ସୃଷ୍ଟି କରିବା, ମହିଳା ସଶକ୍ତିକରଣ କରିବା, ଜଙ୍ଗଲ ଓ ପରିବେଶ ସୁରକ୍ଷା କରିବା, ବୃକ୍ଷରୋପଣ କରିବା, ବାଲ୍ୟ ବିବାହ ବନ୍ଦ କରିବା, ସ୍ୱାସ୍ଥ୍ୟ, ଶିକ୍ଷା ଓ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର ଦଶପଲ୍ଲା ଦ୍ୱାରା ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଡେଣ୍ଡାବାଡ଼ି ଗ୍ରାମ ପଂଚାୟତ ଅନ୍ତର୍ଗତ ଗୁଣ୍ଡାପାଳୁ ଗ୍ରାମରେ ସଭାନେତ୍ରୀ କିରଣ ବାଳା ବେହେରାଙ୍କ କର କମଳରେ ଆଜି ଆନୁଷ୍ଠାନିକ ଭାବେ ଲୋକାର୍ପଣ ହୋଇଯାଇଛି ।ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଯଥାକ୍ରମେ ଅନିତା ଯାନୀ, ସୁମିତ୍ରା ଯାନୀ, ଶୁଭଶ୍ରୀ ଯାନୀ, କୁନ୍ତଳା ବେହେରା, ସୁଭଦ୍ରା ବେହେରା, ପ୍ରଭାତୀ ମଲିକ, ସସ୍ମିତା ସାହୁ ଓ ସୁନିତା ମାଝୀଙ୍କ ଉପସ୍ଥିତିରେ ସମ୍ପାଦିକା ରଂଜିତା ବେହେରାଙ୍କ ପୌରାହିତ୍ୟରେ ଏବଂ ଅଧିକାର ମିତ୍ର ଶ୍ରୀମତୀ ଉର୍ମିଳା ଯାନୀଙ୍କ ଆୟୋଜନ କ୍ରମେ ଏ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ଅଧିକାର, ଦଶପଲ୍ଲା ଶାଖା ପରିଚାଳକ ପ୍ରଭାତ କୁମାର ସାହୁ ନାରୀ ଅଧିକାର ଓ ସେମାନଙ୍କ ପାଇଁ ଥିବା ସାମାଜିକ ଓ ପରିବାର ମଙ୍ଗଳ ଯୋଜନା ବିଷୟରେ ଅବଗତ କରିଥିବା ବେଳେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କ ଭୂମିକା ଉପରେ ଆଧାରିତ ସଚେତନତା ଗୀତ ପରିବେଷଣ କରିଥିଲେ । ଶେଷରେ ମନୋରଞ୍ଜନ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଗ୍ରାମୀଣ ବିକାଶ ପାଇଁ ଏ ଧରିତ୍ରୀ ମହିଳା ଗୋଷ୍ଠୀ ନିଷ୍ଠାପର ସହିତ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ ।

ଦୁଇ ୱାରେଂଟୀ ଗିରଫ

ଦଶପଲ୍ଲା, ୧୩।୫ (ଆ.ପ୍ର) : ଦଶପଲ୍ଲା ପୋଲିସ ବୁଧବାର ଦିନ ଜଗାପୁର ଗ୍ରାମରୁ ଦୁଇ ଜଣ ୱାରେଂଟୀକୁ ଗିରଫ କରିଛନ୍ତି । ଗିରଫ ୱାରେଂଟୀ ମାନେ ହେଲେ ପଂଚାନନ ଘଡେଇ (୫୫ ବର୍ଷ) ଓ ବୈକୁଣ୍ଠ ଘଡେଇ (୬୧ ବର୍ଷ) ବୋଲି ଜଣାପଡ଼ିଛି । ଆଇଆଧିକାରୀ ବିନୟ ରଞ୍ଜନ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଚଢାଉ କରାଯାଇ ଏମାନଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ୨୦୨୩ ମସିହାର ଏକ ମାମଲାରେ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

ସିଦ୍ଧ ବାରଙ୍ଗ ଡିଗ୍ରୀ କଲେଜ୍‌ରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ

ଜଗତସିଂହପୁର, ୧୩।୫ (ଆ.ପ୍ର) : ସ୍ଥାନୀୟ ପୁନଙ୍ଗ ସ୍ଥିତ ସିଦ୍ଧ ବାରଙ୍ଗ ଡିଗ୍ରୀ କଲେଜ୍‌ରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି । କଲେଜ୍‌ର ଅଧ୍ୟକ୍ଷ ଶ୍ରୀ ଅମିୟ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ବିଭାଗ ମୁଖ୍ୟ ଦେବଦତ ବେହେରା ୱାଇଆରସି କୋଅର୍ଡିନେଟର ଭାବେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ବିଶ୍ୱ ରେଡ୍‌କ୍ରସ୍ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । କଲେଜ୍‌ର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୩ଜଣ ଛାତ୍ରଛାତ୍ରୀ ରେଡ୍‌କ୍ରସ୍ ଦିବସ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜ୍‌ର ଅଧ୍ୟାପିକା ଯାଜ୍ଞସେନୀ ମହାନ୍ତି, ଲୟମିକା କାନୁନ୍‌ଗୋ, ଅଧ୍ୟାପିକା ସୁଶ୍ରୀ ଲାବଣ୍ୟବତୀ ପରିଡା ପ୍ରଭୃତି ଯୋଗଦେଇଥିଲେ । ଏଥିରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

ଆରମ୍ଭ

SEITHO ARAMBHA

ଗୁରୁବାର, ୧୪ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଦ.ପୂ. ରେଳବାଇ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର ST-OT-ABBS-SORO-Stn. ଭାରତର ରାଷ୍ଟ୍ରପତିଙ୍କ ପକ୍ଷ ଏବଂ ତାଙ୍କ ପକ୍ଷରୁ ସିନିୟର ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (କୋ) / ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୨:୦୦ ଘଂଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: S&T କାର୍ଯ୍ୟର ଅଂଶ (୧) ଖଡ଼ଗପୁର ଡିଭିଜନର ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସୋରୋରେ ଷ୍ଟେସନ ବିକାଶ କାର୍ଯ୍ୟ (୨) ନିମପୁରାରେ ୧୦୦ ଶଯ୍ୟା ବିଶିଷ୍ଟ ରନିଂ ରୁମ୍ ବଦଳରେ ନୂତନ ୭୦ ଶଯ୍ୟା ବିଶିଷ୍ଟ ଅରରୁମ୍ ନିର୍ମାଣ ପାଇଁ ଭେରିଏବେଟ୍ ସଂଯୋଗ । ଟେଣ୍ଡର ମୂଲ୍ୟ: ଟ.୬୮,୦୦,୪୭୦.୯୮ । ଜମାରାଶି: ଟ. ୧୬,୦୦୦/- । ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ । ଖୋଲିବାର ତାରିଖ: ୦୫.୦୬.୨୦୨୬ । ସମାପ୍ତି ଅବଧି: ୯ ମାସ । ଦାଖଲ ତାରିଖ: ୧୨.୦୦ ଘଂଟା ପର୍ଯ୍ୟନ୍ତ । ୦୫.୦୬.୨୦୨୬ ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରକାରୀ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ବର୍ତ୍ତମାନ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ କୌଣସି ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

(PR-166)

ବାଲେଶ୍ୱରରେ ଉଦଘାଟିତ ହେଲା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବାସଗୃହ ଭିତିକ କ୍ଷମତା ବିକାଶ ଓ ବଜାର ସଚେତନତା କର୍ମଶାଳା

ବାଲେଶ୍ୱର, ୧୩/୦୫(ଆ.ପ୍ର) : ବାଲେଶ୍ୱର ଜିଲ୍ଲାରେ ଓରମାସ ଓ ମିଶନ ଶକ୍ତିର ସହଯୋଗରେ ୩ ଦିନିଆ ଜିଲ୍ଲାସ୍ତରୀୟ ବାସଗୃହ ଭିତିକ 'କ୍ଷମତା ବିକାଶ ଓ ବିପଣନ ସଚେତନତା କର୍ମଶାଳା' ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ କମ୍ୟୁନିଟି ଭିତିକ ସଂଗଠନ (CBOs), ପ୍ରୋଡ୍ୟୁସର ଗ୍ରୁପ୍ (PGs), ପ୍ରୋଡ୍ୟୁସର କମ୍ପାନୀ (PCs), ଫାର୍ମର ପ୍ରୋଡ୍ୟୁସର ଅର୍ଗାନାଇଜେସନ୍ (FPOs) ଏବଂ ରୁରାଲ ପ୍ରୋଡ୍ୟୁସର ଇନଷ୍ଟିଚ୍ୟୁସନ/କ୍ଲଷ୍ଟର (RIPCs) ରୁ ମୋଟ ୬୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଉତ୍ପାଦକ ଓ କାରିଗରମାନଙ୍କର ବିପଣନ କ୍ଷମତା ଏବଂ ଉଦ୍ୟମ ପରିଚାଳନା ଦକ୍ଷତାକୁ ସୁଦୃଢ଼ କରିବା । କର୍ମଶାଳାରେ ହିସାବ ରକ୍ଷଣ ପ୍ରଣାଳୀ, ପ୍ୟାକେଜିଂ ଓ ବ୍ରାଣ୍ଡିଂ, ବିକ୍ରୟ କୌଶଳ, ଏବଂ ଡିଜିଟାଲ/ଇ-କମର୍ସ ମାଧ୍ୟମରେ ବିପଣନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ପ୍ରଶିକ୍ଷଣ ମାଧ୍ୟମରେ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ କୌଶଳ ଯୋଗାଇ ସେମାନଙ୍କର ଉତ୍ପାଦକୁ ବଜାର ସହଯୋଗୀ କରାଇବା ସହ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରାଯିବ ବୋଲି କୁହାଯାଇଛି ।

'ଏକ ଘଂଟାରେ ୫ ଗୁଣା ରିଟର୍ଣ୍ଣ' ଲୋଭ ଦେଖାଇ ଠକେଇ: ଠକ ଗ୍ୟାଙ୍ଗକୁ ଠାବ କରିବାକୁ ଦାବି, ଲକ୍ଷାଧିକ ଲୋକ ଠକାମିର ଶିକାର ଅଭିଯୋଗ

ବାଲେଶ୍ୱର, ୧୩/୦୫(ଆ.ପ୍ର) : 'ଦୀପକ ଓ୍ୱାଧ୍ୱା ଅଫିସିଆଲ୍ ଟ୍ରେଡିଂ' ନାମରେ ଏକ ଆକାଉଂଟ୍ ଖୋଲି ଦେଶର ବିଭିନ୍ନ ରାଜ୍ୟରେ ଅନଲାଇନ ଟ୍ରେଡିଂ ନାଁରେ ବ୍ୟାପକ ଠକେଇ ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି । ବିଜୟ କୁମାର ସଖାରାମ ପାଟିଲଙ୍କ ସମେତ ଆଉ ୬ ଜଣ ଏହି ଠକେଇ ଗ୍ୟାଙ୍ଗକୁ ପରିଚାଳନା କରୁଥିବା ଅଭିଯୋଗ ହୋଇଛି । ପ୍ରତିଦିନ ଲକ୍ଷାଧିକ ଲୋକ ଏହି ଠକେଇର ଶିକାର ହେଉଥିବା କୁହାଯାଉଛି । ସୂଚନା ଅନୁସାରେ, ଦୀପକ ଓ୍ୱାଧ୍ୱା ଓ ବିଜୟ ପ୍ରଥମେ ସୋସିଆଲ ମିଡିଆରେ ଗ୍ରୁପ୍ ଖୋଲି ଲୋକଙ୍କୁ ଆକର୍ଷଣୀୟ ନିବେଶ ଯୋଜନାର ଲୋଭ ଦେଖାଉଥିଲେ । ମାତ୍ର ଏକ ଘଂଟାରେ ଜମା ଟଙ୍କାର ପାଂଚ ଗୁଣା ରାଶି ଫେରସ୍ତ ମିଳିବ ବୋଲି ଦାବି କରାଯାଉଥିଲା । ଅର୍ଥାତ୍ ୨ ହଜାର ଟଙ୍କା ଦେଲେ ୧୦ ହଜାର, ୫ ହଜାର ଦେଲେ ୨୫ ହଜାର, ୮ ହଜାର ଦେଲେ ୩୫ ହଜାର, ୧୦ ହଜାର ଦେଲେ ୪୫ ହଜାର ଓ ୨୦ ହଜାର ଦେଲେ ୬୫ ହଜାର ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲା । 'ଇନଭେଷ୍ଟ ଉନ୍' ନାମରେ ବିଶେଷ ଯୋଜନା ମଧ୍ୟ ଚାଲିଥିଲା । ଏଥିରେ ୨୫ ହଜାର ଟଙ୍କା ନିବେଶ କଲେ ଏକ ଘଂଟାରେ ୮୫ ହଜାର ଓ ୫୦ ହଜାର ଟଙ୍କା ନିବେଶ କଲେ ୧ ଲକ୍ଷ ଟଙ୍କା ମିଳିବ ବୋଲି କୁହାଯାଉଥିଲା । ଅଭିଯୋଗ ଅନୁଯାୟୀ, ପ୍ରଥମେ କେହି ୨ ହଜାର ଟଙ୍କା ପଠାଇବା ପରେ ଏକ ଘଂଟା ଅପେକ୍ଷା କଲେ ତାଙ୍କୁ ଦୁଇ ମିନିଟ୍ ମଧ୍ୟରେ ଟଙ୍କା ପଠାଯିବ ବୋଲି ମେସେଜ୍ ଆସୁଥିଲା । ଏଥି ସହିତ ଫେକ୍ ପ୍ରୋସେସିଂର ସ୍କ୍ରିନସଟ୍ ମଧ୍ୟ ପଠାଇ ବିଶ୍ୱାସ ଜିତିବାକୁ ଚେଷ୍ଟା କରାଯାଉଥିଲା । କିଛି ସମୟ ପରେ ପୁଣି ଏଖ ମେସେଜରେ ୧୩,୧୯୯ ଟଙ୍କା ପାଇବା ପାଇଁ ୩,୧୯୯ ଟଙ୍କା 'ଓ୍ୱିଥଡ୍ରଲ ଚାର୍ଜ' ଭାବେ ପଠାଇବାକୁ କୁହାଯାଉଥିଲା । ଏହି ଲୋଭରେ ପଡି ଅନେକ ଲୋକ ଅଧିକ ଟଙ୍କା ମଧ୍ୟ ପଠାଇଥିଲେ । କିନ୍ତୁ ଟଙ୍କା ମିଳିବା ପରିବର୍ତ୍ତେ 'ଲୋ ବାଲାନ୍ସ' କାରଣରୁ ଟ୍ରାଞ୍ଜାକ୍ସନ ଫେଲ୍ ହୋଇଛି ବୋଲି କୁହା ଯାଉଥିଲା । ପରେ ୩୫ ହଜାର କିମ୍ବା ତାଠାରୁ ଅଧିକ ଟଙ୍କା ପାଇବା ନାଁରେ ପୁଣି ୬,୨୦୦ ଟଙ୍କା ପଠାଇବାକୁ ଦାବି କରାଯାଉଥିଲା । ଏଭଳି ଭାବେ ଦାବି ହେଉଥିବା ଟଙ୍କା ୬୫ ହଜାର କିମ୍ବା ତାଠାରୁ ଅଧିକକୁ ବଢ଼ି ଯାଉଥିଲା । ଲୋକମାନେ ଠକେଇ ହେଉଥିବା ବୁଝିବା ବେଳକୁ ସେମାନେ ବହୁ ଟଙ୍କା ହରାଇ ସାରିଥିଲେ । ଏହି କଥିତ ଠକ ଗ୍ୟାଙ୍ଗକୁ ଶୀଘ୍ର ଠାବ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣ ଲୋକଙ୍କ ମଧ୍ୟରୁ ଜୋରଦାର ଦାବି ଉଠିଛି ।

ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଛାତ୍ର ଓ ଯୁବ ବିଜେଡିର ବଡ଼ ବିକ୍ଷୋଭ

ବାଲେଶ୍ୱର, ୧୩/୦୫(ଆ.ପ୍ର) : ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ବଡ଼ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶ ପୁତଳିକା ଦାହ କରାଯାଇଛି । ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକ୍କାର ଓ ନାରାବାଜି କରିଛନ୍ତି । ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଯୁବ ନେତା ଭରତ ଭୂଷଣ ଦାସ ଓ ଯୁବ ନେତା ଉମାଶଙ୍କର ଡିଆଡ଼ିଙ୍କ ନେତୃତ୍ୱରେ ତଥା ଟାଉନ ବିଜେଡି ସଭାପତି ମନୋଜ ରାଉତ ଓ ପୌର ଉପାଧ୍ୟକ୍ଷ କୈଳାଶ ସେଠୀଙ୍କ ପରିଚାଳନାରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବାଲେଶ୍ୱର ବିଜେଡି ସଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତଳିକା ଦାହ କରିଥିଲେ । ଏହି ଅବସରରେ ବାଲେଶ୍ୱର ଟାଉନର ନେତୃତ୍ୱଙ୍କ ମଧ୍ୟରେ ସଞ୍ଜୟ ବେହେରା, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସେକ ଆୟୁବ, ରାଡିକ ଜୀ, ଅତୁଳ ଶତପଥୀ, କାଉନସିଲର ସନ୍ଧ୍ୟାରାଣୀ ଜେନା, ନଳିନୀ ରଞ୍ଜନ ଦାସ, ଛାତ୍ରନେତା ବିରୁଦ ପରିଡ଼ା, ସୁବ୍ରତ ବାଗ, ସୌଭାଗ୍ୟ ଖୁଂଟିଆ, ରାଜୀବ ନାୟକ, ସୀତାଂଶୁ ସେନାପତି, ଜ୍ୟୋତିପ୍ରକାଶ ଗିରି, ଜ୍ୟୋତିପ୍ରକାଶ ବେହେରା, ରାଧାଶ୍ୟାମ କୁଣ୍ଡୁ, ଅଙ୍କିତା ଗିରି, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହି ନାରାବାଜି କରିବା ସହ କୁଶ ପୁ ଳିକା ଦାହ କରିଥିଲେ ।

ପ୍ରାରବ୍ଧ କର୍ମରୁ ସତସଙ୍ଗରେ ବସିବାର ସୁଯୋଗ ମିଳେ: ପଣ୍ଡିତ ଭାବଗ୍ରାହୀ ମିଶ୍ର

ନୀଳଗିରି, ୧୩/୦୫(ଆ.ପ୍ର) : ଈଶ୍ୱର ପ୍ରାପ୍ତି ଅର୍ଥରେ କର୍ମ ହିଁ ଯଜ୍ଞ । ଭକ୍ତିବଳରେ ଭଗବାନଙ୍କୁ ତତ୍ତ୍ୱରେ ଜାଣିହୁଏ । ଭଗବତ ଆରାଧନାରେ ଭୌତିକ ସ୍ଥିତି ଲୋପ ହୁଏ । ମାନସିକ କଳ୍ପନାରେ ଭଗବାନଙ୍କୁ ଜାଣି ହୁଏ ନାହିଁ । ଭକ୍ତିହୀନ ଯଜ୍ଞ ଭଗବାନଙ୍କୁ ଆନନ୍ଦ ଦେଇପାରେ ନାହିଁ । ଭଗବାନଙ୍କ କର୍ମ ବ୍ୟତୀତ ଅନ୍ୟକର୍ମ ସକଳ ମାୟାକର୍ମ ଅଟେ । ପ୍ରତି ବ୍ୟକ୍ତି ନିଜର କର୍ମଫଳ ଭୋଗିବ । ଜୀବନର ପ୍ରକୃତ ସାର୍ଥକତା ହେଉଛି ମୃତ୍ୟୁ ସମୟରେ ଈଶ୍ୱର ଚିନ୍ତନ । ଭୌତିକ ଲାଭରେ ପ୍ରାର୍ଥନା ସର୍ବଦା ନିରର୍ଥକ । ଜନ୍ମଜନ୍ମାନ୍ତର ଧରି ଈଶ୍ୱରଙ୍କ ସେବା ଜୀବର ଏକମାତ୍ର ପ୍ରାର୍ଥନୀୟ ପ୍ରସଙ୍ଗ ଅଟେ । ଉତ୍ତର ଇନ୍ଦ୍ରିୟ ପ୍ରାତିମୂଳକ କାମନା ନଥାଏ । ବିଷ୍ଣୁଙ୍କ ସେବା ନକରି ମାୟା ବନ୍ଧନରୁ ମୁକ୍ତ ହେବାର ପ୍ରଶ୍ନ ନାହିଁ । ତ୍ରିଗୁଣମୟୀ ମାୟାକୁ ଅତିକ୍ରମ କରିବା ଦୁରୂହ ବ୍ୟାପାର ଅଟେ । କେବଳ ଶୁଦ୍ଧଭକ୍ତ ସର୍ବଦା ମାୟାରୁ ମୁକ୍ତ ଥାଏ । ସର୍ବୋପରି ଶୁଦ୍ଧଭକ୍ତ କର୍ମ ବା ଜ୍ଞାନ ରୂପରେ ମାୟା ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୯୮ତମ ଅଭାସୀ ଭାଗବତ ପାଠଚକ୍ରରେ ଭାଗବତର ପଂଚମ ସ୍କନ୍ଧର ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ ନାଭି ରାଜା ଚରିତ ପ୍ରସଙ୍ଗରେ ଜଗତସିଂହପୁରର ପଣ୍ଡିତ ଭାବଗ୍ରାହୀ ମିଶ୍ର ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜୟଶ୍ରୀ ପଣ୍ଡା ଓଁକାର ଧ୍ୱନି ଓ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ କଥାବ୍ୟାସ ପଣ୍ଡିତ ମିଶ୍ରଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ ନିମାପଡ଼ାର ଅଧ୍ୟାପିକା ବିଷ୍ଣୁପ୍ରିୟା ଜେନା ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ପ୍ରଦାନ କରିଥିବାବେଳେ ବରିଷ୍ଠ ସଦସ୍ୟ ରତିନାରାୟଣ ରାଉତ ଶାନ୍ତିମନ୍ତ୍ର ପାଠ କରିଥିଲେ । ଏହି ଆସରରେ ସମଗ୍ର ଓଡ଼ିଶାରୁ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

କବି ପଦ୍ମଲୋଚନ ଦ ଙ୍କ ୩ଟି ପୁସ୍ତକ ଲୋକାର୍ପଣ ଉତ୍ସବ

ବାଲେଶ୍ୱର, ୧୩/୦୫(ଆ.ପ୍ର) : ପୁସ୍ତକର ପାଠକ ସଂଖ୍ୟା ବୃଦ୍ଧି ପାଇଲେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସଠିକ୍ ସୁରକ୍ଷା ଦିଆଯାଇପାରିବ ବୋଲି ବୁଧବାର ପୂର୍ବାହ୍ନରେ କବି ପଦ୍ମଲୋଚନ ଦ ଙ୍କ ଲିଖିତ ୩ଟି ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ଦାରୁ ଦେବତା', 'ମିଛ ମାୟା' ଓ 'କବିତାଞ୍ଜଳି' ଲୋକାର୍ପଣ ଉତ୍ସବରେ ଅତିଥି ଓ ବକ୍ତାଭାବେ ଡ. ଭାଗବତ ପ୍ରସାଦ ଦାସ, ଡ. ରାଧାରଞ୍ଜନ ପଟ୍ଟନାୟକ ଓ କବି ଅଭୟ ଦାସ ଯୋଗଦେଇ ପୁସ୍ତକଗୁଡ଼ିକର ସମୀକ୍ଷା କରି ପରିଣତ ବୟସରେ ପଦ୍ମଲୋଚନ ଦ ଙ୍କର ସାହିତ୍ୟ ମାନସିକତାକୁ ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଆ ପୁସ୍ତକଗୁଡ଼ିକର ପାଠକ ସଂଖ୍ୟା ବୃଦ୍ଧି ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ । ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ଦାମୋଦର ନାୟକ ଅଧ୍ୟକ୍ଷତା କରିଥିଲେ ଓ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମ ଆହ୍ୱାନ କରିଥିଲେ । ଶ୍ରୀ ଦ ଲେଖକୀୟ ବକ୍ତବ୍ୟରେ କହିଥିଲେ ଯେ, ସମାଜରେ ଘଟୁଥିବା ଘଟଣା, ଦୁର୍ଘଟଣା ଓ ସମାଜରେ ମାନବିକ ମୂଲ୍ୟବୋଧ ହ୍ରାସ ପାଉଥିବାରୁ ସେ ତାଙ୍କ କବିତା ଓ ଗଳ୍ପଗୁଡ଼ିକରେ ସମାଜକୁ ଦିଗ୍‌ଦର୍ଶନ ଦେବାକୁ ଚେଷ୍ଟା କରିଛନ୍ତି । ପୂର୍ବରୁ ପ୍ରକାଶ ପାଇଥିବା ୧୮ଟି ପୁସ୍ତକର ସେ ସୂଚନା ଦେଇଥିଲେ । ଶ୍ରୋତାମାନଙ୍କ ମଧ୍ୟରୁ ବେଣୁଧର ପାଢ଼ୀ, ବରେନ୍ଦ୍ର ନାଥ ସାହୁ, କୁମୁଦ ରଂଜନ ଗିରି, ପୁଷ୍ପଲତା ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ ଓ ଶରତ କୁମାର ବିଶ୍ୱାଳ ପ୍ରମୁଖ ଲେଖକ ଦ ଙ୍କର ବିଭିନ୍ନ ସାମାଜିକ ସାଂସ୍କୃତିକ ସଂଗଠନରେ ସକ୍ରିୟ ସହଯୋଗକୁ ପ୍ରଶଂସା କରି ତାଙ୍କର ଦୀର୍ଘଜୀବନ କାମନା କରିଥିଲେ । ପଣ୍ଡିତ ସଂଜୟ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

କାଳବୈଶାଖୀ ଝଡ଼ରେ ଉଡ଼ିଲା ଘରର ଆଜବେଷ୍ଟସ, ଛପର

ବାଲିଶଙ୍କରା, ୧୩/୦୫(ଆ.ପ୍ର) : ବାଲିଶଙ୍କରା ବ୍ଲକର ଦୁଇଟି ପଂଚାୟତ ତିଲଡେଗା ଓ ବନ୍ଧବାହାଲର ୧୦/୧୫ଟି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ହୋଇଥିବାକାଳବୈଶାଖୀ ଝଡ଼ ତୋଫାନ ଓ କୁଆପଥର ମାଡ଼ ହୋଇଛି । ରାସ୍ତା ଉପରେ ବଡ଼ବଡ଼ ଗଛ ପଡିଥିବାରୁ କେନ୍ଦୁଡ଼ିହି ଗ୍ରାମର ରାସ୍ତା ଅବରୋଧ ହୋଇଛି । କାଳବୈଶାଖୀ ଝଡ଼ ତୋଫାନ ଯୋଗୁଁ ପେରୁଆଅଡା ଗ୍ରାମର କାଳିପଦ ଓରାମ, ମଂଟୁ ଓରାମ, ଝିନକୁ ଓରାମ, ଅଭିଷେକ ଓରାମ, ଦୁବରାଜ କୁଜୁର, ପୂର୍ଣ୍ଣ ଓରାମ, ବିଶାଳ ଓରାମ, କେନ୍ଦୁଡ଼ିହି ଗ୍ରାମର କୈଳାଶ କେର୍କେଟା, କିଶୋର ଓରାମ, ଦେବାଶିଷ ଓରାମ, ଘନଶ୍ୟାମ ଭୈଷାଲ ଏପରି ଅନେକ ହିତାଧିକାରୀଙ୍କ ଘରର ଆଜବେଷ୍ଟସ, ଛପରକୁ ଉଡାଇ ତଳେ ପକାଇ ଦେଇଛି । ଅନେକ ହିତାଧିକାରୀଙ୍କ ପନିପରିବା ଚାଷ କୁଆପଥର ମାଡ଼ରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବିଶେଷ କରି ଏହି ଦୁଇ ପଂଚାୟତବାସୀ ଚାଷ କାର୍ଯ୍ୟ କରିବା ସହିତ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳିଥାନ୍ତି । ମହୁଲ ଫଳ (ଟୋଲ), ସର୍ଗିଫୁଲ, ଆମ୍ବ ଟାକୁଆ ସଂଗ୍ରହ କରି ୪ ମାସ ପରିବାର ପ୍ରତିପୋଷଣ ପାଇଁ ତେଲ ଲୁଣ ସଂଗ୍ରହ କରିଥାନ୍ତି । ଅକାଳ କାଳବୈଶାଖୀ ଓ କୁଆପଥର ମାଡ ସାଙ୍ଗକୁ ଝଡ଼ ତୋଫାନ ଯୋଗୁଁ ଅନେକ ପରିବାରଙ୍କ କ୍ଷତିଗ୍ରସ୍ତ ହୋଇଛି ।

ବାଉଁଶବଣିଆରେ ଗ୍ରାଉଣ୍ଡ ଶର୍ଟ କ୍ରିକେଟ ଟୁର୍ନାମେଂଟ ଉଦ୍‌ଯାପିତ

ନୀଳଗିରି, ୧୩/୦୫(ଆ.ପ୍ର) : ୧୧ତାରିଖରେ ରାତ୍ରୀ କାଳୀନ ଗ୍ରାଉଣ୍ଡ ଶର୍ଟ କ୍ରିକେଟ ଟୋର୍ନାମେଂଟ ବାଉଁଶବଣିଆ କ୍ରିକେଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଂଟକୁ ସମାଜସେବୀ ତଥା ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ହୋଇ ଅନୁଷ୍ଠାନିକ ଭବେ ଖେଳକୁ ଉଦଘାଟନ କରିଥିଲେ । ତାଙ୍କ ସହିତ ଅବସର ପ୍ରାପ୍ତ ସୀମା ସୁରକ୍ଷା ବଳର ଇନ୍ସପେକ୍ଟର ଯୋଗେଶ୍ୱର ବେହେରା, ଚୈତନ୍ୟ ନାୟକ ଓ ଆକାଶ ବେହେରା, ବନଜ ପଣ୍ଡିତ, ତୁଷାର ଦାସ, ଚରଣ ବେହେରା, ବିଶ୍ୱଜିତ ବେହେରା । ଦେବସ୍ମିତ ବେହେରା, ମାନସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଟୁର୍ନାମେଂଟରେ ୮ଗୋଟି ଟିମ ଯଥା ବାଉଁଶବଣିଆ, ବିନାୟକ କ୍ରିକେଟ ଟିମ, କଣ୍ଟିଆଟିକର, ଅଳସୁଆ, ମାଧ -୨, କୁରିଆପାଟଣା, ନୀଳଗିରି, ଓ ଜୀରତାଳ ଆଦି ଟିମ ଭାଗ ନେଇଥିବା ବେଳେ ରନର୍ସ ଅପ ବାଉଁଶ ବଣିଆ ଟିମ ହୋଇଥିଲା । କଣ୍ଟିଆଟିକର ଟିମ ବିଜୟୀ ହୋଇ ପ୍ରଥମ ପୁରସ୍କାର ପାଇଥିଲେ ।

ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ

ବାଲିପାଟଣା, ୧୩/୦୫(ଆ.ପ୍ର) : ରାଜଧାନୀ ଉପକଣ୍ଠ ଉପକଣ୍ଠ ବାଲିପାଟଣା ଥାନା ଅଂଚଳ ରୁ ସ୍ପେସାଲ ସ୍କ୍ୱାର୍ଡ଼ ବିପୁଳ ପରିମାଣ ର ଧଳା ଜହର ଜବତ କରିଛି । ଜବତ ବ୍ରାଉନ ସୁଗାର ମୂଲ୍ୟ ଆନୁମାନିକ ମୂଲ୍ୟ ୮ ରୁ ୧୦ ଲକ୍ଷ ଟଙ୍କା ହେବ ବୋଲି ସ୍ପେସାଲ ସ୍କ୍ୱାର୍ଡ ତରଫରୁ ସୂଚନା ମିଳିଛି । ଅଭିଯୁକ୍ତଙ୍କୁ ସ୍ପେସାଲ ସ୍କ୍ୱାର୍ଡ ନିଜ ଅଧୀନକୁ ନେଇଯାଇଛି । ସୂଚନା ଅନୁସାରେ ଆଜି ଭୁବନେଶ୍ୱର ସ୍ପେସାଲ ସ୍କ୍ୱାର୍ଡ ଅଧିକାରୀମାନେ ସାଦା ପୋଷାକରେ ସରଦେଇପୁର ନିମାପଡା ରାସ୍ତାର ବାଲିପାଟଣା ଛକରେ ଜଗି ରହିଥିଲେ । ଗିରିଙ୍ଗ ଗ୍ରାମର ଜନୈକ ଯୁବକ ଗିରିଙ୍ଗ ଗ୍ରାମର କ୍ଷେତ୍ରପାଳ ଠାକୁରାଣୀଙ୍କ ଓଡି ୦୨ ଡିଡି ୫୪୧୦ ନମ୍ବର ପଲସର ଗାଡ଼ିକୁ ରଖି ସ୍ଥାନୀୟ ଅଂଚଳର ଜଣେ ସାଙ୍ଗଙ୍କ ସ୍କୁଟିରେ ମଧୁବନ ବଜାର ଅଭିମୁଖେ ଯାଉଥିଲେ । ବାଲିପାଟଣା ଛକ ପ୍ରାଚୀ କଲ୍ୟାଣ ମଣ୍ଡପ ନିକଟରେ ସ୍ପେସାଲ ସ୍କ୍ୱାର୍ଡ ସାଦା ପୋଷାକରେ ସ୍କୁଟି ସହ ୨ ଯୁବକଙ୍କୁ ମାଡି ବସିଥିଲା ।

ନିଶା ନିବାରଣ କ୍ଷେତ୍ରରେ ତାମିଲନାଡୁ ଆଗରେ - ଓଡ଼ିଶା ପଛରେ

ବାଲେଶ୍ୱର, ୧୩/୦୫(ଆ.ପ୍ର) : ୧୯୫୬ ମସିହାରେ ନିଶା ନିବାରଣ ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି । କିନ୍ତୁ ସର୍ବଦା ସାଧାରଣ ଜନତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି । ଏହାକୁ ସବୁଠାରୁ ବଡ଼ ରାଜସ୍ୱର ଉତ୍ସ ବୋଲି ଗ୍ରହଣ କରିଛନ୍ତି । କିନ୍ତୁ ଭିନ୍ନ ଦୃଷ୍ଟିରୁ ଦେଖିଲେ ଏହି ମଦ ଦୋକାନର ରାଜସ୍ୱ ବୃଦ୍ଧି ସାମାଜିକ ସ୍ତରରେ ବହୁତ କ୍ଷତି ଘଟାଇ ଚାଲିଛି, ଯେପରି ଦୁର୍ଘଟଣା, ପାରିବାରିକ ହିଂସା ତଥା ଯୌନ ନିର୍ଯ୍ୟାତନା । ସବୁବେଳେ ମହିଳା ଓ ଶିଶୁଟିଏ ଏହି 'ନିଶା'ର ଶୀକାର ହୋଇଥାଏ । ଏପରିକି ଆଜି ମଧ୍ୟ ଓଡ଼ିଶାର ଏକ ନିଶାସକ୍ତ ପିତା ନିଶାସେବନ ପାଇଁ ନିଜର ପୁତ୍ରସନ୍ତାନକୁ ମାତ୍ର ତିରିଶ ହଜାର ଟଙ୍କାରେ ବିକ୍ରି କରିଦେବା ନଜରକୁ ଆସିଛି । ଆମ ଦେଶରେ ମଦ ଦୋକାନ ବନ୍ଦ କରିବାପାଇଁ ପ୍ରଥମ କରି ତାମିଲନାଡୁର ମୁଖ୍ୟମନ୍ତ୍ରୀଙ୍କର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ । ସେ ଧର୍ମାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ମାର୍କେଟ୍, ବସ୍‌ଷ୍ଟାଣ୍ଡ଼ର ୫୦୦ ମିଟର ନିକଟରେ ୭୧୭ଟି ମଦଦୋକାନକୁ ବନ୍ଦ କରିବା ସମଗ୍ର ଭାରତବର୍ଷ ପାଇଁ ଉଦାହରଣୀୟ । ଓଡ଼ିଶା ସରକାର ରାଜ୍ୟକୁ ମଦମୁକ୍ତ କରିବାକୁ ଦେଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି । ଏଣୁ ଏ ପରିପ୍ରେକ୍ଷୀରେ ତାମିଲନାଡୁଠାରୁ ଓଡ଼ିଶା କିଛି ଶିଖିବାର ଆବଶ୍ୟକତା ଅଛି । ତେଣୁ ଏବେର ଓଡ଼ିଶା ସରକାର ସାମାଜିକ ଶୃଙ୍ଖଳା ଏବଂ ମହିଳା ଓ ଶିଶୁମାନଙ୍କର ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର (ମନା)ର ସଦସ୍ୟ-ସଦସ୍ୟା ସର୍ବଶ୍ରୀ ସଭାପତି ପ୍ରଭାକର ସାହୁ, ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଡ. ଲକ୍ଷ୍ମଣ ବିଶ୍ୱାଳ, ବେଣୁଧର ସାହୁ, ସଞ୍ଜୟ ପଣ୍ଡା, ସୁଶ୍ରୀ ଗୀତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ତ୍ରିଦିବ ନାୟକ, ପ୍ରଫୁଲ୍ଲ କୁମାର ଦାସ, ସମରେନ୍ଦ୍ର ଦାସ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ।

ବିବାଦୀୟ ଏସିଏଫ୍ ସୁବ୍ରତ ବେହେରାଙ୍କୁ ବାରିପଦା ଆରସିସିଏଫ୍ କାର୍ଯ୍ୟାଳୟକୁ ବଦଳି

ନୀଳଗିରି, ୧୩/୦୫(ଆ.ପ୍ର) : ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ନୀଳଗିରି କୁଳଡିହା ହସ୍ତୀ ଅଭୟାରଣ୍ୟର ଭାରପ୍ରାପ୍ତ ଅଧିକାରୀ ତଥା ଆସିଷ୍ଟାଂଟ କଞ୍ଜରଭେଟର ସୁବ୍ରତ କୁମାର ବେହେରାଙ୍କୁ ବାରିପଦା ଆରସିସିଏଫ୍ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ଏନେଇ ଆଜି ଅର୍ଥାତ୍ ମେ ୧୨ତାରିଖ ରାଜ୍ୟସରକାରଙ୍କ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶପାଇଛି । ତୁରନ୍ତ ତାଙ୍କୁ ରିଲିଫ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି । ତେବେ ସଂପୃକ୍ତ ଅଧିକାରୀ ଜଣକ ଅଧିକାଂଶ ସମୟରେ ବିବାଦରେ ଛନ୍ଦି ହୋଇପଡିଥିବା ବେଳେ ନୂଆପଡ଼ାରେ ଶିକାରୀଙ୍କୁ ମାଡ଼ମାରି ହତ୍ୟାଘଟଣାରେ ତାଙ୍କର ସଂପୃକ୍ତିକୁ ନେଇ ଜେଲ ଯିବାକୁ ପଡ଼ିଥିଲା । ପରେ ବାଲେଶ୍ୱର ବନଖଣ୍ଡ ନୀଳଗିରି କୁଳଡିହା ଅଭୟାରଣ୍ୟର ଭାରପ୍ରାପ୍ତ ରେଞ୍ଜ ଅଧିକାରୀଭାବେ ନିଯୁକ୍ତିପାଇ ଆସିଥିବା ବେଳେ ଏଠାରେ ତାଙ୍କ କାର୍ଯ୍ୟକାଳ ସମୟରେ ହାତୀଦାନ୍ତ ତସ୍କରୀ, ବନ୍ୟଜନ୍ତୁ ଶିକାର, ଦେହାବଶେଷ ଚୋରାଚାଲାଣ ବୃଦ୍ଧିପାଇବା ଭଳି ଘଟଣା ଦେଖିବାକୁ ମିଳିଥିଲା । ଅଧିକାଂଶ ସମୟରେ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ସେମାନଙ୍କ ନିକଟରୁ ବନ୍ଧୁକ, ଧନୁଶର, ଫାଶ, ମୋବାଇଲ ଇତ୍ୟାଦି ଜବତ ମଧ୍ୟ କରିଥିଲେ । ତେବେ ଅଧିକାଂଶ ଶିକାରୀଙ୍କୁ ମିଛ କେସରେ ଫସାଇ ଜେଲହାଜତକୁ ପଠାଯାଇଥିବାର ରେଞ୍ଜରଙ୍କ ନାମରେ ଅଭିଯୋଗ ଆସିଛି । କିଛିଦିନ ପୂର୍ବରୁ ଗାଡ଼ି ଓଭରଟେକ୍‌କୁ ନେଇ ବନବିଭାଗର ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ଜଣେ ସାଙ୍ଗଙ୍କୁ ମରଣାତ୍ମକ ଆକ୍ରମଣ କରିବାଘଟଣାରେ ବରହମପୁର ଥାନାରେ ଅଭିଯୋଗ ହୋଇଥିଲା । ଚିକିତ୍ସାଧୀନ ଗାର୍ଡଙ୍କୁ ଫକୀରମୋହନ ମେଡିକାଲରେ ଭେଟି ଘଟଣାକୁ ରଫାଦଫା କରିବାକୁ ଦଶଲକ୍ଷ ଟଙ୍କାଯାଚିବା ଏବଂ ଧମକଦେବା ଘଟଣାରେ ରେଞ୍ଜରଙ୍କୁ ମାଡମାରିବା ଭଳି ଘଟଣା ଦେଖିବାକୁ ମିଳିଥିଲା । ଶେଷରେ ଗିରଫଭୟରେ ରେଞ୍ଜର ସୁବ୍ରତ ବେହେରା ଫେରାର ହୋଇଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଫରେଷ୍ଟଗାର୍ଡଙ୍କ ପତ୍ନୀ, ପରିବାରସଦସ୍ୟ, ବନ୍ଧୁବାନ୍ଧବ ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଏପରିକି ନୀଳଗିରିର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ, ବିଜେଡି, ସିପିଆଇ, ସିପିଏମ ମଧ୍ୟ ପୀଡ଼ିତଙ୍କ ପରିବାରକୁ ନ୍ୟାୟଦେବାପାଇଁ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସହମତି ପ୍ରକାଶ କରିଥିଲେ । ଅନ୍ୟପଟେ ବନବିଭାଗ ମାଲଖାନାରେ ଥିବା ଜଣେ ଶିକାରୀଙ୍କ ମୋବାଇଲର ସିମ୍ ବ୍ୟବହାରକରି ଜଣେ ସୂଚନାଅଧିକାର କର୍ମୀଙ୍କ ଜାଲ ଦସ୍ତଖତ ଏବଂ ଭୋଟରପରିଚୟ ପତ୍ର ଦେଇ ବାଲେଶ୍ୱର ଡିଏଫଓଙ୍କ ନାମରେ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେବାଘଟଣାରେ ଏସିଏଫ୍ ଙ୍କ ସଂପୃକ୍ତିକୁ ନେଇଚର୍ଚ୍ଚା ଚାଲିଥିବା ବେଳେ ଖୋଦ୍ ଶିକାରୀଜଣକ ମଧ୍ୟ ଗଣମାଧ୍ୟମରେ ସ୍ୱୀକାର କରିଥିଲେ । ଏହିଭଳି ବିଭିନ୍ନ ବିବାଦରେ ଛନ୍ଦିହୋଇପଡିଥିବା ଫେରାର ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ୍ ସୁବ୍ରତ ବେହେରାଙ୍କୁ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶରେ ଏଡିପିଓଙ୍କ ସହଯୋଗରେ ନୀଳଗିରି ପୋଲିସ ଗିରଫ କରିବାକୁ ତଦନ୍ତ ଜାରି ରହିଥିବା ବେଳେ ରାଜ୍ୟସରକାର ଏସିଏଫ୍ ସୁବ୍ରତ ବେହେରାଙ୍କୁ ବାରିପଦା ଆରସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ବଦଳି କରାଯିବା ଘଟଣାକୁ ସହଜରେ ହଜମ କରିପାରିନାହାନ୍ତି ଅଂଚଳବାସୀ । ବିବାଦୀୟ ଏସିଏଫ୍‌କୁ ବଦଳିକରି ଘଟଣାକୁ ଚାପିଦେବାକୁ ଯୋଜନା ରହିଛି ନା ଦରଙ୍ଗ ଅଫିସରଙ୍କ ଆଗରେ ନ୍ୟାୟପାଇବାରେ ଚିଂତିତହେବେ ପୀଡିତ ପରିବାର ତାକୁ ଦେଖିବାକୁ ବାକି ରହିଲା ।

ଆରମ୍ଭ
SEITHO ARAMBHA
ଗୁରୁବାର, ୧୪ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟଙ୍କୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପର୍ଯ୍ୟଟନ

ପାରମ୍ପାରିକ ଭାବରେ ଭଗବାନ ଜଗନ୍ନାଥଙ୍କ ଭୂମି ଭାବରେ ଜଣାଶୁଣା, ବିଭିନ୍ନ ଆଗ୍ରହର ପର୍ଯ୍ୟଟକଙ୍କ ପାଇଁ ଓଡିଶା ଏକ ସମ୍ଭାବ୍ୟ ରାଜ୍ୟ । ରାଜ୍ୟର ଦର୍ଘ୍ୟ ଓ ପ୍ରସ୍ଥରେ ବିଛା ଯାଇଥିବା ଓଡିଶାର ଅସଂଖ୍ୟ ମନ୍ଦିରଗୁଡିକ ମହେନ୍ଦ୍ରଗିରିରେ ଥିବା ମିନିଏଚର୍ ଠାରୁ ଆରମ୍ଭ କରି ବୃହତ୍ ଜଗନ୍ନାଥ, ଲିଙ୍ଗରାଜ ଏବଂ ସୁବର୍ଣ୍ଣ ତ୍ରିଭଙ୍ଗୀର ସୂର୍ଯ୍ୟ ମନ୍ଦିର ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ମନ୍ତ୍ର ବାନ୍ଧି ରଖିବା ପାଇଁ ଯାଦୁ ସ୍ପର୍ଶ ରହିଛି । ଏକ ସମୟରେ ଭୁବନେଶ୍ୱରରେ ପ୍ରାୟ ୭୦୦୦ ମନ୍ଦିର ଥିବା କୁହାଯାଉଛି । ଭାରତର ଏହି କ୍ୟାଥେଡ୍ରାଲ୍ ସହରର ସ୍ମୃତି ଭାବରେ ସେମାନଙ୍କ ମଧ୍ୟରୁ ଅନେକ ଆଜି ବି ଛିଡା ହୋଇଛନ୍ତି । ଏଠାରେ ଶତାବ୍ଦୀ ଧରି ଭରତେଶ୍ୱର, ଲକ୍ଷ୍ମଣେଶ୍ୱର, ଏବଂ ଶତ୍ରୁଘନେଶ୍ୱର ମନ୍ଦିରର ମହାନ ଲିଙ୍ଗରାଜ ପର୍ଯ୍ୟନ୍ତ ମନ୍ଦିର ସ୍ଥାପତ୍ୟର ଏକ କ୍ରମାନୁକ୍ରମିକ ବିକାଶ ମିଳିପାରିବ । ସେହିଭଳି ଓଡିଶାର ପଶ୍ଚିମ ଭାଗରେ ସମ୍ବଲପୁର ଏବଂ ସୋନପୁରକୁ ମିନି ମନ୍ଦିର ସହର କୁହାଯାଇପାରେ । ସେମାନେ ମନ୍ଦିର ସ୍ଥାପତ୍ୟର ଏକ ପୃଥକ ଶୈଳୀ ବିକଶିତ କରିଛନ୍ତି ଯାହା ପଶ୍ଚିମ ଓଡିଶାର ଚୌହାନ ନିୟମ ସମୟରେ ବୃଦ୍ଧି ପାଇଥିଲା । ଏହି ସଂପର୍କରେ ଏକ ବିଶେଷ ଉଲ୍ଲେଖ ହୁମା, ୩୦ କିମିରେ ଥିବା ବିମଳେଶ୍ୱର ମନ୍ଦିର ବିଷୟରେ କୁହାଯାଇପାରେ । ମହାନଦୀ ନଦୀ କୂଳରେ ସମ୍ବଲପୁରରୁ । ଭାରତର ଚାରୋଟି ବିଶିଷ୍ଟ ଯୋଗିନୀ ମନ୍ଦିର ମଧ୍ୟରୁ ଓଡିଶାର ଦୁଇଟିର ପାର୍ଥକ୍ୟ ଅଛି । ସେଥିମଧ୍ୟରୁ ଗୋଟିଏ ହେଉଛି ଭୁବନେଶ୍ୱର ନିକଟ ହିରାପୁରରେ ଏବଂ ଅନ୍ୟଟି ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲରେ । ରାଣୀପୁର ଝରିଆଲ ଠାରେ ଏହି ମନ୍ଦିର ଅନେକ ଶୈବ ମନ୍ଦିର ଏବଂ ଏକ ବୈଷ୍ଣବ ମନ୍ଦିର ନିକଟରେ ଅବସ୍ଥିତ । ଏହା ସେତେବେଳେ ଏହି ଅଂଚଳରେ ବିଦ୍ୟମାନ ଥିବା ସାଂସ୍କୃତିକ ସିନକ୍ରେସିସ୍ ବିଷୟରେ କହିଥାଏ । ରାଣୀପୁର ଝରିଆଲଙ୍କ ଇନ୍ଦ୍ରଲଥ ଇଟା ମନ୍ଦିର ଏବଂ ବୁଦ୍ଧିକୋମନାର ପାତାଳେଶ୍ୱର ଇଟା ମନ୍ଦିର ଭାରତର ଖୁବ୍ କମ୍ ଇଟା ମନ୍ଦିର ମଧ୍ୟରୁ ସର୍ବୋ ମ ଅଟେ । ଖଣ୍ଡଗିରି ଏବଂ ଉଦୟଗିରିର ପଥର କଟା ଗୁମ୍ଫାଗୁଡ଼ିକ ଓଡିଶାର ଅସ୍ପଷ୍ଟ ଇତିହାସ ଉପରେ ଅଧିକ ଆଲୋକ ଦେଇଥାଏ । ଉଦୟଗିରିରେ ଥିବା ଦୁଇ ମହଲା ରାଣୀଗୁମ୍ଫା ଅତ୍ୟନ୍ତ ଆକର୍ଷଣୀୟ । କଳିଙ୍ଗ ଯୁଦ୍ଧ ପ୍ରସିଦ୍ଧ ସମ୍ରାଟ ଅଶୋକଙ୍କ ପଥର ନିୟମ ରହିଛି । ସେହି ସମ୍ରାଟଙ୍କ ଆଉ ଏକ ପଥର ନିର୍ଦ୍ଦେଶ ଗଞ୍ଜାମ ଜିଲ୍ଲାର ଯଗଡଠାରେ ଦେଖିବାକୁ ମିଳେ । ସତୁରି ଦଶକ ପୂର୍ବରୁ ପାହାଡ ଉପରେ ନିର୍ମିତ ଶାନ୍ତି ପାଗୋଡା ସହିତ ବୁଦ୍ଧ ପର୍ଯ୍ୟଟକଙ୍କ ପାଇଁ ଧଉଳିଗିରିରେ ଅଧିକ ଆଗ୍ରହୀ ହୋଇପାରେ । ବୁଦ୍ଧମାନଙ୍କ ପାଇଁ ଆଉ ଏକ ଭଣ୍ଡାର ଘର ହେଉଛି ରତ୍ନାଗିରି-ଲଳିତଗିରି -ଉଦୟଗିରି କମ୍ପ୍ଲେକ୍ସ ଯେଉଁଠାରେ ଏକଦା ପ୍ରସିଦ୍ଧ ପୁଷ୍ପଗିରି ବୁଦ୍ଧ ବିହାର ଛିଡା ହୋଇଥିଲା । ସମ୍ପ୍ରତି ଲଳିତଗିରିରେ ବୁଦ୍ଧଙ୍କ ମର୍ତ୍ତ୍ୟର ଆବିଷ୍କାର ଏବଂ ନିକଟସ୍ଥ ଲାଙ୍ଗୁଡିଗିରିରେ ନୂତନ ଖନନ ଏହି ଅଂଚଳର ଗୁରୁତ୍ୱକୁ ବଢ଼ାଇ ଦେଇଛି । ଚାଇନାର ଭ୍ରମଣକାରୀ ହିୟୁନ୍ ଟି'ସଙ୍ଗ ବରଗଡ ଜିଲ୍ଲାର ନୃସିଂହନାଥ ମାଳଭୂମିକୁ ପୋ-ଲୋ-ମୋ-ଲୋ-କି-ଲି ବୋଲି ବର୍ଣ୍ଣନା କରିଛନ୍ତି ଯାହା ପରିମଳଗିରି ବୁଦ୍ଧ ବିହାର ହୋଇପାରେ । କୋଣାର୍କ ନିକଟରେ କୁରୁମା ନାମକ ଏକ ସ୍ଥାନରେ ଖନନ ମଧ୍ୟ ବୁଦ୍ଧ ବିହାରର ମୃତଦେହକୁ ସାମ୍ନାକୁ ଆଣିଛି । ସମ୍ବଲପୁର ଜିଲ୍ଲାର ବିକ୍ରମ-ଖୋଲ, ଯୋଗୀ ଗଣିତ ଏବଂ କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡିର ପିକ୍ଟୋଗ୍ରାଫିକ୍ ସାଇଟଗୁଡିକ ପୂର୍ବ- ଐତିହାସିକ ଯୁଗର ଅଧ୍ୟୟନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇପାରେ । ଭଗବାନ ଜଗନ୍ନାଥଙ୍କ ବାସସ୍ଥାନ ପୁରୀରେ ଶେଷ ହୋଇଥିବା ଧାର୍ମିକ ମନ୍ଦିରଗୁଡ଼ିକ ହେଉଛି ଆକର୍ଷଣ । ବିଭିନ୍ନ ଧର୍ମର ପରିଦର୍ଶକମାନଙ୍କ ପାଇଁ । ଓଡିଶାର ଧାର୍ମିକ ମନ୍ଦିର ବିଷୟରେ ଯେକୌଣସି ପରିମାଣର ବର୍ଣ୍ଣନା ସମ୍ପୂର୍ଣ୍ଣ ଦୂରରେ ରହିବ । ଦେବୀ ବିରଜାଙ୍କ ଆସନ ଯାଜପୁରକୁ ନାଭିଗୟା କ୍ଷେତ୍ର ଭାବରେ ପରିଗଣିତ କରାଯାଏ ଏବଂ ଗୟାଠାରେ ଅନୁଷ୍ଠିତ ହେଉଥିବା ଧାର୍ମିକ ରୀତିନୀତି ମଧ୍ୟ ଏଠାରେ କରାଯାଏ । ଛତିଶଗଡ଼ ଅଂଚଳର ଲୋକମାନେ ବରଗଡ ଜିଲ୍ଲାର ନୃସିଂହନାଥଙ୍କୁ ସେମାନଙ୍କର ପବିତ୍ର ଗଙ୍ଗା ଭାବରେ ବ୍ୟବହାର କରନ୍ତି । କୁମ୍ଭୀର ଅଭୟାରଣ୍ୟର ଅତିରିକ୍ତ ଆକର୍ଷଣ ସହିତ ଟିକରପଡାଠାରେ ଥିବା ମହାନ ମହାନଦୀ ଘାଟ ବନ୍ୟ ଜୀବନପ୍ରେମୀଙ୍କ ପାଇଁ ଏକ ଆବଶ୍ୟକତା ଅଟେ । ଲକ୍ଷ ଲକ୍ଷ ଅଲିଭ୍ ରିଡଲେ କଇଁଛ ବର୍ଷକୁ ଦୁଇଥର ଗହୀରମଥାକୁ ଅଣ୍ଡା ଦେବା ପାଇଁ ଆସନ୍ତି । ପକ୍ଷୀମାନଙ୍କ ପାଇଁ ଓଡ଼ିଶାର ଏକ ସ୍ୱର୍ଗ ଅଛି ଏବଂ ଚିଲିକା ହ୍ରଦରେ ମଧ୍ୟ ଏସିଆର ସବୁଠାରୁ ବଡ଼ ଲବଣାକ୍ତ ଜଳ ହ୍ରଦ । ଚିଲିକାରେ ରାଜ୍ୟର ଅନ୍ୟତମ ଆକର୍ଷଣୀୟ ଗନ୍ତବ୍ୟସ୍ଥଳର ସମସ୍ତ ସାମର୍ଥ୍ୟ ରହିଛି । ଏହିଭଳି ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥିବା ବେଳେ ଓଡ଼ିଶାକୁ ଏହା ସ୍ୱତନ୍ତ୍ର ପରିଚୟ ଦେଇଛି । ମାତ୍ର ଏହାର ପ୍ରଚାର ରେ ଆମେ ବହୁ ପଛରେ ଏବେବି ।

ବାତିଲ 'ନିଟ୍', ସଂଶୟରେ ମେଧାବୀଙ୍କ ଭବିଷ୍ୟତ

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ଭାରତର ସବୁଠାରୁ ବଡ଼ ମେଡ଼ିକାଲ ପ୍ରବେଶିକା ପରୀକ୍ଷା କୁହାଯାଉଥିବା ନିଟ୍ ୟୁଜି- ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର ଅଭିଯୋଗ ହେବାପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ମେ' ୩ରେ ହୋଇଥିବା ନିଟ୍ ୟୁଜି- ୨୦୨୬ ପରୀକ୍ଷାକୁ ବାତିଲ କରିଛନ୍ତି ଓ ପୁନର୍ବାର ପରୀକ୍ଷା କରାଯିବ ବୋଲି ସୂଚନା ଦେଇଛନ୍ତି । ଭାରତ ତଥା ବିଦେଶରେ ପାଂଚହଜାର ଚାରିଶହ ତରିଶି କେନ୍ଦ୍ରରେ ପରୀକ୍ଷା ଦେଇଥିବା ବାଇଶ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଏହା ନିଶ୍ଚିନ୍ତ ଭାବରେ ଯନ୍ତ୍ରଣାଦାୟକ । ଏହି ପ୍ରଶ୍ନ ପତ୍ର ଲିକ୍ ପରେ ଓଡ଼ିଶାର ପାଖାପାଖି ୫୫ ହଜାର ପରୀକ୍ଷାର୍ଥୀଙ୍କ ଭିତରେ ଦୁଶ୍ଚିନ୍ତା ଘାରିଛି ।

ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତା ମୂଳକ ବୃତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା । କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇନଥିଲା । ଏଭଳି ସ୍ଥଳେ ଛାତ୍ରଛାତ୍ରୀ ମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନସାପେକ୍ଷ । ଏହି କାରଣରୁ ରାଜସ୍ଥାନର କୋଟା ଉର୍ଦ୍ଧ୍ୱରେ ଥିବା ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ସେଂଟର ଗୁଡ଼ିକ ସକାଶେ ତୁଳନୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି । ଗତ ବର୍ଷ ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ଗେଜଲ୍ସ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ଖବର ପିଲାଙ୍କ ମାନସିକ ଉପରେ କେଉଁପରି ପ୍ରଭାବ ଯେ ପକାଇବ ତାହା କହିବା ମୁସ୍କିଲ ।

ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ ଗତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରିଥିଲେ । ଯେଉଁଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟାବେସିତ ପରୀକ୍ଷା ଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଥିଲା । ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ । ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ । ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଂଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ ।

ବର୍ତ୍ତମାନ ଏହି ପରୀକ୍ଷା ବାତିଲ ଓ ବିଭ୍ରାଟ ଆମ ପରୀକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଉପରେ ନିଶ୍ଚିନ୍ତ ଭାବରେ ଗୁରୁତର ଆଘାତ । ଲକ୍ଷାଧିକ ଆଶାୟୀଙ୍କ ପ୍ରତି ଏହା କେବଳ ବିଶ୍ୱାସଘାତକତା ନୁହେଁ ବରଂ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ଏହା ବିପଦରେ ପକାଇଛି । ତିନି ବର୍ଷ ଭିତରେ ଦୁଇଥର ବିଭ୍ରାଟ ହେବା ନିଶ୍ଚିନ୍ତ ଭାବରେ ଉଚ୍ଚତଦନ୍ତ ସାପେକ୍ଷ । କାରଣ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ । ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଂଚ କଥା ମଧ୍ୟ ବୁଝିଥାଏ ଏହି ସ୍ୱୟଂଶାସିତ ସଂସ୍ଥା । ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ । ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ? ପୂର୍ବରୁ ମେଡ଼ିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା । କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ ନିଟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି ।

ଏକ ତଥ୍ୟ ଅନୁଯାୟୀ ୨୦୧୯-୨୫ ମଧ୍ୟରେ ଆମ ଦେଶରେ ପ୍ରାୟତ ୩୮,୦୦୦ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି । ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ । ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଷାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି । ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଂଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଂଚିତ କରୁଛି । ଗତ ବର୍ଷ ନିଟ୍ ସମ୍ପର୍କିତ ବିବାଦ ପରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା । ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ । ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ । ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଂଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ । ସୁତରାଂ ଏଥିରୁ ଉପଲବ୍ଧ ବିମର୍ଷର ଉପସଂହାରଟି ହେଲା ଛାତ୍ରଛାତ୍ରୀଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଅଧଃପତିତ ଏବଂ ଏଭଳି ପରିବେଶରେ ଅନେକ ଛାତ୍ରଛାତ୍ରୀଙ୍କ ନିରନ୍ତର ପରିଶ୍ରମ ଅଗତ୍ୟା ନିରର୍ଥକ ହୋଇଯାଏ । ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁର୍ଣ୍ଣ କରୁଛି । ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ । ପ୍ରଥମଟି ହେଲା ଏ ବର୍ଷ ନିଟ-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ । ଏକ ତ ନିଟ-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷ ବର୍ଷ ଧରି କୋଚିଂ କ୍ଲାସରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି । ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଉଁଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ସେଥିରେ ସହି ନପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି ଚାଲାଉଛନ୍ତି । ତା ପରେ ଯଦି ପରୀକ୍ଷା ଫଳ ପ୍ରକାଶନ ଓ ପରବର୍ତ୍ତୀ କାଉନସେଲିଂ ପ୍ରକ୍ରିୟା ଏଭଳି ଘୋର ଅନିଶ୍ଚିତତା ମଧ୍ୟରେ ଝୁଲି ରହିବ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମନସ୍ଥିତି ସହଜେ ଅନୁମେୟ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ନିଟ ପରୀକ୍ଷା ପରେ ସିୟୁଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେମାନଙ୍କର ଗୋଟିଏ ପରୀକ୍ଷା ୧୬ ଓ ୨୬ ତାରିଖରେ ରହିଛି, ଏଭଳି ସ୍ଥିତିରେ ପୁନର୍ବାର ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି କଷ୍ଟଦାୟକ ହେବ । ପିଲାମାନେ ଅନେକ ମାନସିକ ଚାପ ସହ ବର୍ଷ ବର୍ଷ ପରିଶ୍ରମ ଯାହା କରିଥାନ୍ତି ଏହାପଛରେ ପରିବାର ଠାରୁ ଶିକ୍ଷକ, ଶୁଭେଚ୍ଛୁଙ୍କ ଠାରୁ କୋଚିଂ କେନ୍ଦ୍ର ଅନେକଙ୍କର ଅନେକ ପ୍ରକାର ଉଦ୍ୟମ ଓ ପ୍ରଚେଷ୍ଟା ରହିଥାଏ । ଦ୍ୱିତୀୟ ପ୍ରଶ୍ନଟି ହେଲା ବର୍ତ୍ତମାନର ନିଟ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନହୋଇ ଆବଶ୍ୟକୀୟ ସମୟ ନେଇ ଅନୁଧ୍ୟାନ ଓ ସୁପାରିସ କରିବା ଆବଶ୍ୟକ । ଏନଟିଏ ସ୍ଥାପନ ହେବା ଦିନଠାରୁ କେତେ ଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ । ଏ ସବୁ ଅନିୟମିତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାରେ ପୃଷ୍ଠଭୂମିରେ ଏକ ଦକ୍ଷ, ସ୍ୱଚ୍ଛ ଓ ଛାତ୍ରମଙ୍ଗଳ ଅନୁକୂଳ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ । ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏକଥା ସମସ୍ତଙ୍କୁ ମନେ ରଖିବାକୁ ହେବ ।

ମାନସିକ ରୋଗ ବିଭାଗ, ଦି' ବ୍ରେନ, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

ବାଇଶି ପାହାଚରେ ଗଡ଼ଗଡ଼ଉ ଥା....

॥ ବିକ୍ରମ ମହପାତ୍ର ॥

ଆବହମାନ କାଳରୁ ଲୋକମୁଖରେ ପ୍ରଚଳିତ ଦୀପାବଳି ପର୍ବରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଥିବା କଥାଟି ହେଲା - 'ବଡ଼ ବଡୁଆ ହୋ ସ୍ୱର୍ଗେ ଯା, ଅନ୍ଧାରେ ଆସି ଆଲୁଏ ଯା । ଗଙ୍ଗା ଯା, ଗୟା ଯା, ଶ୍ରୀ ପୁରୁଷୋତମ ଯା, ବାଇଶି ପାହାଚରେ ଗଡ଼ଗଡ଼ଉ ଥା, ଦୁଧ ଦହି ସର ଖା, ଆମକୁ ଅମୃତ ଦୃଷ୍ଟିରେ ଚାହିଁଥା ।' ଏ ସମ୍ପର୍କରେ ଆଉ ଏକ ପ୍ରାମାଣିକ ସିଦ୍ଧାନ୍ତ ହେଲା - 'ମୁକୁନ୍ଦ ମୁଖଚନ୍ଦ୍ରମା ସମଚଲୋକନାୟଗତାନ୍ ଜନାନ୍ ପ୍ରତି ବିରଜିତେଦ୍ୟୁତ ପୁରୀ ସୁନିଃଶ୍ରେଣୀବତ୍ । ଯଦାୟ ଶ୍ରୁତି ମନ୍ଦିରେ ଦ୍ୱେଧିକ ବିଂଶତିମାଧଃ ସ ଏବ ପତିତପ୍ରଭୁର୍ଦ୍ଦ୍ୟୁମ୍ ମା ସ୍ୱସୋପାନକ୍ରୁ ।' - ଜଗନ୍ନାଥ ଶତକମ୍ ।

ଲୋକ ବିଶ୍ୱାସରେ ପ୍ରଚଳିତ - 'ଦାନଂ କର୍ମଂ ଚ ଶ୍ରାଦ୍ଧଂ ତ ପାଚଲ୍ଲେ ବିଷ୍ଣୁଲୋକମବାପ୍ନୁ ଯାତ ।' ବାଇଶି ପାହାଚରେ ଦାନକର୍ମ ପ୍ରାପ୍ତି ହୁଏ । ସାଂଖ୍ୟ ଦର୍ଶନର ସୃଷ୍ଟି ତତ୍ତ୍ୱ ହେଲା, ପଚିଶ ଅର୍ଥାତ ପଂଚବିଂଶ ତତ୍ତ୍ୱରୁ ହିଁ ସୃଷ୍ଟିର ଉତ୍ପତି । ପାଂଚ କର୍ମେନ୍ଦ୍ରିୟ, ପାଂଚ ଜ୍ଞାନେନ୍ଦ୍ରିୟ, ପାଂଚ ମହାଭୂତ, ପାଂଚ ତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ) ମନ ଏବଂ ଅହଂକାର ସବୁ ମିଶି ବାଇଶି । ଚେଷ୍ଟା ବଳରେ ମଣିଷ କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟକୁ ଆୟତ କରି ପଂଚମହାଭୂତ ଓ ତନ୍ମାତ୍ରକୁ ଜୟ କରିପାରେ, ଏପରିକି ମନକୁ ମଧ୍ୟ ସଂଯତ କରିପାରେ ମାତ୍ର ଅହଂକାର ବଡ଼ ଦୁର୍ଦ୍ଦାନ୍ତ ତାକୁ ଦମନ କରି ପାରିଲେ ପର ଆପଣାର ଭେଦ ରହେ ନାହିଁ । ଏହି ବାଇଶିଟି ପ୍ରକୃତି ହିଁ ବାଇଶି ପାହାଚ ଯାହାକୁ ଦମନ କରିପାରିଲେ ମୁକ୍ତି ନିଶ୍ଚିତ ।

ସଂପ୍ରତି ପାହାଚ ଗୁଡ଼ିକ ସଂଖ୍ୟା ବାଇଶି ନ ହେଲେ ମଧ୍ୟ ଏଠାରେ ବାଇଶିଟି ପାହାଚ ଥିବା ବିଶ୍ୱାସ କରାଯାଏ । ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ପ୍ରଦତ ତଥ୍ୟ ଅନୁଯାୟୀ ପୂର୍ବେ ବାଇଶି ପାହାଚ ପ୍ରକୃତରେ ଥିଲା । କିନ୍ତୁ ମରାମତି ଓ ଅନ୍ୟାନ୍ୟ କାରଣ ଯୋଗୁଁ ସେହି ପାହାଚ ଗୁଡ଼ିକ ଅଭ ଦୃଶ୍ୟମାନ ହେଉନାହିଁ । ତେବେ ଆନନ୍ଦ ବଜାର ପ୍ରବେଶ ପଥରେ ଦୁଇଟି ପାହାଚକୁ ମିଶାଇ ସଂପ୍ରତି ଏହି ସଂଖ୍ୟା ୨୦ରେ ସୀମିତ ରହିଛି ।

ଏହି ପାହାଚଟି ଆରମ୍ଭ ହୋଇଛି ଅଷ୍ଟାଦଶତମ ସୋପାନରୁ ଏବଂ ପ୍ରସରିଛି ଉତରକୁ ଆନନ୍ଦ ବଜାର ପ୍ରବେଶ ମାର୍ଗର ଦ୍ୱାର ଯାଏଁ । ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭା ପାଉଛି ଖୁବ ପ୍ରକାଣ୍ଡକାୟ ଦୁଇଟି ସିଂହ ମୂର୍ତ୍ତି । ମୂର୍ତ୍ତି ଦ୍ୱୟର ଉଚ୍ଚତା ପ୍ରାୟ ୭ ଫୁଟ ହେବ । ବାଇଶି ପାହାଚସ୍ଥିତ ସମସ୍ତ ପାବଚ୍ଛର ଆୟତନ ଏକା ପ୍ରକାରର ନୁହେଁ ।

ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ ଯାହାର ପ୍ରସ୍ଥ ପ୍ରାୟ ୧୫ ଫୁଟ । ଆନନ୍ଦ ବଜାର ପ୍ରବେଶ ମାର୍ଗର ୧୯ତମ ଓ ବିଂଶ ତମ ପାବଚ୍ଛ ଦୁଇଟି ଅର୍ଦ୍ଧ ଗୋଲାକୃତିର । ପ୍ରସ୍ଥରେ ଏହି ପାହାଚ ଦ୍ୱୟ ପ୍ରାୟ ୬ ଫୁଟ । ବାଇଶି ପାହାଚ ଦେଇ ମନ୍ଦିରକୁ ପ୍ରବେଶ ମାର୍ଗର ତୃତୀୟ ପାବଚ୍ଛର ଦକ୍ଷିଣ ପାର୍ଶ୍ୱରେ କାଶୀ ବିଶ୍ୱନାଥ ମନ୍ଦିର ଅବସ୍ଥିତ । ବାଇଶି ପାବଚ୍ଛର ସମସ୍ତ ପାହାଚ ବଉଳମାଳୀ ବା ଶାଣ ପଥରରେ ନିର୍ମିତ ଏବଂ ପ୍ରାୟ ପନ୍ଦର ଗୋଟି ପାହାଚର ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ସମାନ ଅଟେ ।

ବାଇଶି ପାହାଚର ଦୁଇ ପଟରେ ଦକ୍ଷିଣ ଓ ଉତରକୁ ଦୁଇଟି ପାଚେରୀ ଅଛି । ଏହି ଦୁଇ ପାର୍ଶ୍ୱରେ ପ୍ରାଚୀରର ଉପର ଅଂଶ ସମତଳ ରହିଛି । ଇତିହାସ ପ୍ରସିଦ୍ଧ ଶ୍ରୀମନ୍ଦିର ଓ ତାର ପରିସର ଅତ୍ୟନ୍ତ ପବିତ୍ର ବୋଲି ବିଭିନ୍ନ ପୁରାଣ ଓ ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବା ଜଣାଯାଏ । ରତ୍ନସିଂହାସନ, କଳ୍ପବଟ, ରୋହିଣୀ କୁଣ୍ଡ ଭଳି ବାଇଶି ପାହାଚର ମାହାତ୍ମ୍ୟ ଓ ପବିତ୍ରତାକୁ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରାଯାଏ ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

ତାଞ୍ଜାଭୁର୍‌ର ବୃହଦେଶ୍ୱର ମନ୍ଦିର

॥ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ॥

ବୈଦିକ ସାହିତ୍ୟରେ ଶିବ ଲିଙ୍ଗରୂପରେ ବିବେଚିତ ହୁଅନ୍ତି । ଶୈବଧର୍ମ ହେଉଛି ସର୍ବଭାରତୀୟ ବିଶେଷତ୍ୱ ବହନ କରିଥିବା ଏକ ପ୍ରାଚୀନ ଧର୍ମ ପରମ୍ପରା । ଭାରତର ପ୍ରତ୍ୟେକ କୋଣରେ ଶିବ ମନ୍ଦିର ଦେଖିବାକୁ ମିଳେ । ଏହି ମନ୍ଦିର ମାନଙ୍କରେ ବିଧିବିଧାନ ସହିତ ଶିବଲିଙ୍ଗ ପୂଜା ପାଆନ୍ତି । ଆମ ରାଜ୍ୟ ଓଡ଼ିଶାରେ ତଥା ଭାରତର ବିଭିନ୍ନ ସ୍ଥାନରେ ପବିତ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ସହ ଅନେକ ଶିବଲିଙ୍ଗ ଦର୍ଶନ କରିବା ପରେ ତାମିଲନାଡୁର ତାଞ୍ଜାଭୁର ଠାରେ ବୃହଦେଶ୍ୱରଙ୍କୁ ଦର୍ଶନ କରି ଯେତିକି ଆନନ୍ଦ ସେତିକି ଆଶ୍ଚର୍ଯ୍ୟ ଉପଲବ୍ଧ ହେଲା । କାରଣ ଏକ ବିଶ୍ୱାଳ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ମଧ୍ୟରେ ଏକ ବିରାଟ ଲିଙ୍ଗ ପୂଜା ପାଉଛନ୍ତି । ମନ୍ଦିରର ବିଶାଳତା ଓ ଲିଙ୍ଗଙ୍କର ବିରାଟ ଆକାର ଦୃଷ୍ଟିରୁ ଏହି ମନ୍ଦିରକୁ ବୃହଦେଶ୍ୱର ମନ୍ଦିର ଓ ଲିଙ୍ଗଙ୍କୁ ବୃହଦେଶ୍ୱର ବୋଲି କୁହାଯାଏ ।

ତୀର୍ଥ ଭ୍ରମଣ କରିବା ପାଇଁ ନିଜର ଇଚ୍ଛା ସହିତ ପ୍ରଭୁଙ୍କର କରୁଣା ଓ ଡାକରା ଏକାନ୍ତ ଆବଶ୍ୟକ । ଆମ କ୍ଷେତ୍ରରେ ଏହା ହିଁ ହେଲା । ପ୍ରଭୁଙ୍କ ଅଶେଷ କରୁଣାରୁ ତାମିଲନାଡୁର କିଛି ଆଧ୍ୟାତ୍ମିକ କ୍ଷେତ୍ର ଦର୍ଶନ କରିବା ପାଇଁ ବାଙ୍ଗାଲୋରରେ ରହୁଥିବା ଆମ ଝିଅ ପ୍ରିୟଙ୍କା ଓ ଜ୍ୱାଇଁ ଅବିନାଶ ସହିତ କାର ଯୋଗେ ବାଙ୍ଗାଲୋରରୁ ତାମିଲନାଡୁ ଯାତ୍ରା କଲୁ । ପ୍ରଥମେ ତିରୁଚିରାପଲ୍ଲୀ ଠାରେ ରଙ୍ଗନାଥ ସ୍ୱାମୀଙ୍କୁ ଦର୍ଶନ କରି ସେଠାରୁ ପ୍ରଭୁ ବୃହଦେଶ୍ୱରଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ତାଞ୍ଜାଭୁର୍ ଯାତ୍ରା କଲୁ । ଏହା ଏପରି ଏକ ମନ୍ଦିର ଯାହାର ଯେତେ ବର୍ଣ୍ଣନା କଲେ ବି ସମ୍ପୂର୍ଣ୍ଣ କରିବା ଅସମ୍ଭବ ।

ମନ୍ଦିରଟି ଦାକ୍ଷିଣାତ୍ୟର କଳାକୃତି ଅତି ସୁନ୍ଦର ଭାବରେ ବହନ କରୁଛି । ଏହାର ପ୍ରତିଟି ପ୍ରସ୍ତର ଯେପରି ଭାରତର ପୁରାଣ, ଇତିହାସ, ନୃତ୍ୟଶୈଳୀ ଓ ଜୀବନଚର୍ଯ୍ୟା ବର୍ଣ୍ଣନା କରୁଛି । ସବୁକିଛି ଅତି ନିଖୁଣ ଭାବରେ ପରିସ୍ଫୁଟ । ତାଞ୍ଜାଭୁର ଜିଲ୍ଲା ସଦର ମହାକୁମାରେ ଚେନ୍ନାଇଠାରୁ ୩୨୨ କି.ମି. ଦୂରରେ ବୃହଦେଶ୍ୱର ମନ୍ଦିର ଅବସ୍ଥିତ । ଏହି ସ୍ଥାନକୁ ରେଳଯୋଗେ ଚେନ୍ନାଇ ଠାରୁ ଯାତ୍ରା କରିହେବ । ରେଳଷ୍ଟେସନ ଠାରୁ ଦେଢ଼ କି.ମି. ଦୂରରେ ମନ୍ଦିର ଅବସ୍ଥିତ । ତିରୁଚିରାପଲ୍ଲୀ ଏହି ସ୍ଥାନର ନିକଟତମ ବିମାନବନ୍ଦର । ନିକଟବର୍ତ୍ତୀ ସହରମାନଙ୍କ ଠାରୁ ସଡ଼କ ପଥରେ ବସ ଯାତ୍ରାର ସୁବିଧା ଉପଲବ୍ଧ । ଚୋଳଶାସକ ରାଜାରାଜା-୧ ଦକ୍ଷିଣ ଭାରତର ଜଣେ ବିଖ୍ୟାତ ସମ୍ରାଟ ଥିଲେ । ତାଙ୍କ ଶାସନ କାଳରେ ସେ ଅନେକ ମନ୍ଦିର ନିର୍ମାଣ କରିଛନ୍ତି । ତାଞ୍ଜାଭୁରଠାରେ ସେ ଏହି ବିଶାଳ ମନ୍ଦିର କାବେରୀ ନଦୀର ତ୍ରିକୋଣ ଭୂମିରେ ନିର୍ମାଣ କରିଥିଲେ । ରାଜାରାଜା-୧, ୯୫୮ରୁ ୧୦୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହି ବିଶାଳ ନିର୍ମାଣକାର୍ଯ୍ୟ ୧୦୦୩ରୁ ଆରମ୍ଭ ହୋଇ ୧୦୧୦ ଖ୍ରୀଷ୍ଟାବ୍ଦରେ ମାତ୍ର ୬ ବର୍ଷରେ ସମାପ୍ତ ହୋଇଥିଲା । ତାଙ୍କର ନାମ ଅନୁସାରେ ଏହାକୁ ରାଜା ରାଜେଶ୍ୱର ମନ୍ଦିର ମଧ୍ୟ କୁହାଯାଏ । ଦାକ୍ଷିଣାତ୍ୟରେ ଅବସ୍ଥାନ ଦୃଷ୍ଟିରୁ ଏହା ଦକ୍ଷିଣମେରୁ ନାମରେ ପରିଚିତ । ମନ୍ଦିରର ନିର୍ମାତା ରାଜାରାଜା-୧ଙ୍କ ହାତରେ ଏହି ମନ୍ଦିରର ଶୁଭ ଉଦ୍‌ଘାଟନ ହୋଇଥିଲା । ଏହା ଦକ୍ଷିଣ ଭାରତର ସର୍ବୋଚ୍ଚ ମନ୍ଦିର ମଧ୍ୟରେ ଅନ୍ୟତମ । ମନ୍ଦିରଟି ଏକ ଆୟତକାର କ୍ଷେତ୍ର ଉପରେ ନିର୍ମିତ । ମନ୍ଦିର ଚତୁଃପାର୍ଶ୍ୱରେ ଚାରୋଟି ପ୍ରବେଶଦ୍ୱାର ଅଛି । କେରଲାନ୍ତକମ୍ ଗୋପୁରମ୍ ରାଜା ରାଜା-୧ କେରଳ ରାଜା ଭାସ୍କର ରବିଙ୍କୁ ପରାସ୍ତ କରିବା ପରେ ଏହାକୁ ନିର୍ମାଣ କରିଥିଲେ । ଏହା ପାଂଚ ମହଲା ବିଶିଷ୍ଟ । ଏହାର ତଳଭାଗ ପଥର ଓ ଉପରଭାଗ ଇଟା ଓ ଚୁନରେ ନିର୍ମିତ । ଏହା ମଧ୍ୟରେ ଚୂନରେ ନିର୍ମିତ ଭଗବାନ ଶିବ, ଉମାମହେଶ୍ୱରୀ, ବ୍ରହ୍ମା, ବିଷ୍ଣୁ, ଗଣପତି, ତାଣ୍ଡବ ନୃତ୍ୟରତ ଶିବ, ଦକ୍ଷିଣାମୂର୍ତ୍ତି ଓ ଅନ୍ୟାନ୍ୟ ଦେବଦେବୀଙ୍କର ସୁନ୍ଦର ମୂର୍ତ୍ତିମାନ ଶୋଭା ପାଉଛି । ଦ୍ୱିତୀୟ ଗୋପୁରମ୍ ତିନି ମହଲା ବିଶିଷ୍ଟ । ଏହା ମଧ୍ୟରେ ଅନେକ ମୂର୍ତ୍ତି ପୁରାଣ ଓ ଇତିହାସକୁ ଆଧାର କରି ନିର୍ମିତ ଯଥା ଶିବପାର୍ବତୀଙ୍କ ବିବାହ, ଭକ୍ତ ମାର୍କେଣ୍ଡୟଙ୍କୁ ଶିବ ଯମଦେବତାଙ୍କ କବଳରୁ ମୃତ୍ୟୁମୁଖରୁ ରକ୍ଷା କରିବା, କାନ୍ନାପାଙ୍କ କଥା, ମୁରୁଗାନ ଭାଲିଙ୍କ କଥା, ଶିବରାତ୍ରିରେ ଶବର ବ୍ୟାଘ୍ର ଭୟରେ ବେଲବୃକ୍ଷରେ ଚଢ଼ି ତଳେଥିବା ଶିବଲିଙ୍ଗ ଉପରେ ବେଲପତ୍ର ପକାଇ ଶିବଙ୍କର ଆଶୀର୍ବାଦ ପାଇବା ଇତ୍ୟାଦି ଘଟଣମାନ ଜୀବନ୍ତ ରୂପରେ ପରିସ୍ଫୁଟ ହୋଇଅଛି । ଆଦି ସ୍ଥାନର ପଛପାଖରେ ଭଗବାନ ବୁଦ୍ଧ ବୋଧିଦ୍ରୁମ ତଳେ ଶିଷ୍ୟମାନଙ୍କ ସହ ତପସ୍ୟା କରିବା ଦୃଶ୍ୟ ଅତିବ ମନୋମୁଗ୍ଧକର । ଏହାଛଡ଼ା ଗଣେଶଙ୍କର ଯୁଦ୍ଧଯାତ୍ରା, ମୁରୁଗାନ ତାଙ୍କ ଦୁଇ ପତ୍ନୀଙ୍କ ସହିତ ଏବଂ ରାଜା ମୁଣ୍ଡରେ ଶିବଲିଙ୍ଗ ଧରିବା ପରେ ଅନେକ ଆକର୍ଷଣୀୟ ବର୍ଣ୍ଣନା ମାନ ସ୍ଥାନ ପାଇଛି । ଗୋପୁରମ୍ ଭିତର ପାର୍ଶ୍ୱରେ ଦକ୍ଷିଣରେ ନାଗରାଜ ଓ ଉତରରେ ଇନ୍ଦ୍ର ବିରାଜିତ । ଗୋପୁରମର ଦ୍ୱାରଦେଶରେ ୧୮ ଫୁଟ ଉଚ୍ଚତା ବିଶିଷ୍ଟ ଦ୍ୱାରପାଳ ଦେଖିବାକୁ ମିଳନ୍ତି ।

ମୁଖ୍ୟ ମନ୍ଦିର ପୂର୍ବମୁଖୀ ଓ ଏହା ମଧ୍ୟରେ ଗର୍ଭଗୃହ ମଧ୍ୟ ଏକ ଛୋଟ ବିମାନ ପରି । ଏହାର ପ୍ରବେଶ ଦ୍ୱାର ଅତୀବ ସୁନ୍ଦର କଳାରେ ପରିପୂର୍ଣ୍ଣ । ଗର୍ଭଗୃହ ମଧ୍ୟରେ ବୃହଦେଶ୍ୱରଙ୍କ ବିରାଟ ଲିଙ୍ଗ ବିରାଜମାନ । ଏହାର ଉଚ୍ଚତା ୮.୭ମି (୨୯) ଓ ଏହା ମନ୍ଦିର ତଳୁ ଦୁଇମହଲା ଉଚ୍ଚତା ପର୍ଯ୍ୟନ୍ତ ଉଚ୍ଚ । ଏହା ଭାରତରେ ଉଚ୍ଚତମ ଲିଙ୍ଗ ମଧ୍ୟରୁ ଅନ୍ୟତମ । ଶ୍ରୀବିମାନ ୧୬ ମହଲା ବିଶିଷ୍ଟ । ପ୍ରଥମ ତିନି ମହଲା ୩୦.୧୮ମି (୯୯) ଉଚ୍ଚ ବର୍ଗାକାର କ୍ଷେତ୍ର । ଉପର ତେର ମହଲା କ୍ରମାନ୍ୱୟରେ କମି କମି ଉପରକୁ ମନ୍ଦିରାକୃତି ଧାରଣ କରିଛି । ଗର୍ଭଗୃହ କାନ୍ଥର ଚାରି ଦିଗରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ଯଥା ପୂର୍ବ କାନ୍ଥରେ ଲିଙ୍ଗୋଦ୍ଭବ, ଶିବ, ଦୁଇ ଦ୍ୱାରପାଳ; ଦକ୍ଷିଣ କାନ୍ଥରେ ବୀରଭଦ୍ର, ଦକ୍ଷିଣାମୂର୍ତ୍ତି, କାଳାନ୍ତକ, ନଟରାଜ ଦୁଇ ଦ୍ୱାରପାଳ; ପଶ୍ଚିମ କାନ୍ଥରେ ହରିହର (ଗୋଟିଏ ମୂର୍ତ୍ତିରେ ଅଧାଶିବ ଓ ଅଧାବିଷ୍ଣୁ), ଚନ୍ଦ୍ରଶେଖର, ପ୍ରଭାବଳୀ ଓ ଦୁଇ ଦ୍ୱାରପାଳ ଏବଂ ଉତର କାନ୍ଥରେ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଓ ଦୁଇ ଦ୍ୱାରପାଳ । ଦ୍ୱିତୀୟ ମହଲାରେ ଶିବଙ୍କର ତ୍ରିପୁରାନ୍ତକ ମୂର୍ତ୍ତି ବିଭିନ୍ନ ମୁଦ୍ରାରେ ନିର୍ମିତ ହୋଇଅଛି । ତା ଉପରକୁ ତେର ମହଲା କୋଣାକାରରେ ମନ୍ଦିର ଉପର ପର୍ଯ୍ୟନ୍ତ ଲମ୍ବି ଯାଇଛି, ତା ଉପରେ ୨୫.୫ ଫୁଟ ବିଶିଷ୍ଟ, ୮୦ଟନ୍‌ର ଏକ ବର୍ଗାକାର ପଥର ସ୍ଥାନ ପାଇଛି । ଏହି ପ୍ରସ୍ତର ଉପରେ ଏହାର ପ୍ରତ୍ୟେକ ପାଖରେ ଦୁଇଟି ନନ୍ଦୀ ମୂର୍ତ୍ତି ପ୍ରତ୍ୟେକର ଲମ୍ବ ୬'୬'' ଓ ପ୍ରସ୍ଥ ୫'୬'' ଦେଖିବାକୁ ମିଳେ । ମନ୍ଦିର ଶିଖର ୨୫ଟନ୍ ବିଶିଷ୍ଟ ଗୋଲାକାର କମଳାଲେମ୍ବୁ ପରି । ଏହା ଉପରେ ଅଗ୍ରଭାଗ ପଦ୍ମକଢ଼ି ଆକୃତିର ଏକ ସ୍ତୁପ । ଏହା ପ୍ରଥମରୁ ସ୍ୱର୍ଣ୍ଣ ଆଚ୍ଛାଦିତ ଥିଲା । ମାତ୍ର ଆକ୍ରମଣକାରୀଙ୍କ ଦ୍ୱାରା ଅପହୃତ ହୋଇଅଛି । ମନ୍ଦିର ସମ୍ମୁଖରେ ୫ଫୁଟ ଉଚ୍ଚର ଏକ ମଣ୍ଡପ ଉପରେ ୨୫ଟନ୍ ବିଶିଷ୍ଟ ଗୋଟିକିଆ ପଥରରେ ନିର୍ମିତ ବୃଷଭ ମୁଖ୍ୟ ମନ୍ଦିରକୁ ମୁହଁକରି ବିରାଜମାନ । ଏହି ମଣ୍ଡପ ଉପରେ ଷୋଳଟି ସ୍ତମ୍ଭ ଉପରେ ଛାତ ଅବସ୍ଥିତ । ନନ୍ଦୀଙ୍କର ଉଚ୍ଚତା ୨ମି. ଲମ୍ବ ୬ମି ଓ ପ୍ରସ୍ଥ ୨୫ମି. । ନନ୍ଦୀମଣ୍ଡପରୁ ପାହାଚ ଚଢ଼ି ମୁଖ୍ୟ ମଣ୍ଡପରେ ପ୍ରବେଶ କରନ୍ତି । ଏହି ମନ୍ଦିରର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୧୦ ମସିହା ସେପ୍ଟେମ୍ବର ମାସରେ ରାଜ୍ୟ ସରକାରଙ୍କ ତରଫରୁ ବିରାଟ ଉତ୍ସବ ପାଳନ କରାଯାଇଥିଲା । ଭାରତ ସରକାର ମଧ୍ୟ ୨୦୧୦ ମସିହାରେ ପାଂଚ ଟଙ୍କିଆ ମୁଦ୍ରା ପ୍ରଚଳନ କରିଥିଲେ । ଏଥିରେ ତାଞ୍ଜାଭୁରର ବୃହଦେଶ୍ୱର ମନ୍ଦିର ସ୍ଥାନ ପାଇଥିଲା । ଡାକ ବିଭାଗ ମଧ୍ୟ ୧୦୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମନ୍ଦିର ଚିତ୍ର ଥିବା ପାଂଚ ଟଙ୍କିଆ ଡାକ ଟିକେଟ ପ୍ରଚଳନ କରିଥିଲେ । ଆଉ ମଧ୍ୟ ଏକ ହଜାର ନୃତ୍ୟଶିଳ୍ପୀ ଭାରତର ତଥା ବିଦେଶର ବିଭିନ୍ନ ସ୍ଥାନରୁ ଆସି ଏଠାରେ ନୃତ୍ୟ ପରିବେଷଣ କରିଥିଲେ । ବହୁ ଧୁମ୍‌ଧାମରେ ପନ୍ଦର ଦିନ ଧରି ଉତ୍ସବ ପାଳନ କରାଯାଇଥିଲା । ଏହି ବିରାଟ ମନ୍ଦିର ଉତ୍କର୍ଷ ତାମିଲ କଳାକୃତିର ପରିଚୟ ଦିଏ । ମନ୍ଦିରର ଅନେକ ଭାଗ ପ୍ରାକୃତିକ କ୍ଷୟକ୍ଷତି ଓ କିଛି ଆକ୍ରମଣକାରୀଙ୍କ ଦ୍ୱାରା ବିନଷ୍ଟ ହୋଇଯାଇଥିବାର ଜଣାଗଲେ ମଧ୍ୟ ବିଭିନ୍ନ ସମୟରେ ନୂତନ ମଣ୍ଡପ, ପାର୍ଶ୍ୱ ମନ୍ଦିର ଇତ୍ୟାଦି ନିର୍ମାଣ କରାଯିବା ସହ ପୁରୁଣା କୃତିର ପୁନରୁଦ୍ଧାର କରାଯାଇଛି । ପାଠକ ପାଠିକାଙ୍କୁ ଅନୁରୋଧ ସମୟ ସୁଯୋଗ ଦେଖି ବୃହଦେଶ୍ୱର ମନ୍ଦିର ଦର୍ଶନ କରି ଏହାର ଅବର୍ଣ୍ଣନୀୟ କଳାକୃତିକୁ ଦର୍ଶନ କରି ବୃହଦେଶ୍ୱରଙ୍କ ଆଶୀର୍ବାଦ ଲାଭ କରନ୍ତୁ ।

ପ୍ଲଟ ନଂ-୧୦୮୨/ଡି, ମର୍କତନଗର, ସିଡ଼ିଏ, ସେକ୍ଟର-୬,
କଟକ, ଦୂରଭାଷ : ୯୮୬୧୩୫୫୬୨୮

ସେଇଠୁ ଆରମ୍ଭ

SEITHO ARAMBHA

ଗୁରୁବାର, ୧୪ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ

ଆଗକୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ, ବିଜେପି, ବିଜେଡି ଓ କଂଗ୍ରେସ ପ୍ରମୁଖ ତିନି ଦଳର ସଂଗଠନ ଅସଜଡ଼ା



ବାଲିଗୁଡା, ୧୩/୦୫(ଆ.ପ୍ର) : ଆଉ କେଇଟା ମାସ ପରେ ରାଜ୍ୟରେ ପଂଚାୟତ ନିର୍ବାଚନ ଥିବା ବେଳେ ଏନେଇ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହେଲାଣି । କନ୍ଧମାଳ ଜିଲ୍ଲାର ବାଲିଗୁଡା ବିଧାନସଭା କ୍ଷେତ୍ରରେ ରହିଥିବା ୫ ଟି ଜିଲ୍ଲା ପରିଷଦରେ ୫୫ଟି ଗ୍ରାମ ପଂଚାୟତ ରହିଛି । କିନ୍ତୁ ବର୍ତ୍ତମାନର ଶାସକ ବିଜେପି ଦଳ ଠାରୁ ଆରମ୍ଭ କରି ବିଜେଡି ଓ କଂଗ୍ରେସ ଦଳର ସଂଗଠନ ଅସଜଡ଼ା ରହିଥିବା ରାଜନୈତିକ ଆଲୋଚକ ମାନେ ବିଭିନ୍ନ ସ୍ଥାନରେ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି । ଏହି ଅଂଚଳ ଦୁଇ ଦୁଇ ଥରର ବିଧାୟକ ତୁଣୁଅ ଆଦିବାସୀ ନେତା କରେନ୍ଦ୍ର ମାଝିଙ୍କ ନିଧନ ପରେ ଏବେ ତଳ ସ୍ତରରେ ରହିଥିବା ବିଜେପି କର୍ମୀ ଓ ନେତା ବେସାହରା ହୋଇପଡିଛନ୍ତି । କରେନ୍ଦ୍ର ମାଝିଙ୍କ ଲୋକ କହି ତାଙ୍କୁ ସାଂଗଠନିକ ଦାୟିତ୍ୱ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । କରେନ୍ଦ୍ରଙ୍କ ପୁଅ ଡଂ.ଚିରଞ୍ଜିବୀ ମାଝିଙ୍କୁ ବାପାଙ୍କ ସହ ଥିବା ଲୋକଙ୍କୁ ଦଳ ରେ ଅଣଦେଖା କରାଯାଉଥିବା କହିବା ବାପାଙ୍କ ଭଳି ଅଂଚଳ ରେ ବୁଲାବୁଲି କରି ଲୋକଙ୍କ ସେବା କରିବା ପାଇଁ କହୁଥିବା ଦେଖିବାକୁ ମିଳିଛି । ଏପରି ସ୍ଥଳେ ଏହି ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ଶାସକ ବିଜେପି କିଭଳି ଅନ୍ୟ ଦୁଇ ଦଳ ବିଜେଡି ଓ କଂଗ୍ରେସକୁ ମୁକାବିଲା କରିବାକୁ ସକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ । ବିଜେଡି ଏଠି ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ୨୦୧୪ରୁ ଲଗାତର ତିନି ଥର ବିଜୟୀ ହୋଇଛି । ବିଗତ ରାଜ୍ୟ ସଭା ନିର୍ବାଚନ ରେ ବିଧାୟକ ଚକ୍ରମଣି କହଁର ଦଳ ବିରୋଧୀ କାର୍ଯ୍ୟ କରି ଦଳରୁ ନିଲମ୍ବିତ ହୋଇଛନ୍ତି । ସେହି ଦିନ ଠାରୁ ତାଙ୍କର ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁ ନାହିଁ । ତଳ ସ୍ତରର କର୍ମୀ ଓ ନେତା କରିବେ କଣ ତାଙ୍କୁ ଭୋଟର ପଚାରୁଛନ୍ତି ପ୍ରଶ୍ନ । ବିଜେଡି ରେ କାର୍ଯ୍ୟ କରୁଥିବା ସଂଗଠନ ଏବେ ଫାଟି ଦୁଇ ଫାଳ ହୋଇଯାଇଥିବା କୁହାଯାଉଛି । କିନ୍ତୁ ଏ ନେଇ କିଏ କିଛି କହୁନଥିବା କୁହାଯାଉଛି, କିନ୍ତୁ ତାହା ପଂଚାୟତ ନିର୍ବାଚନରେ ପ୍ରଭାବ ପକାଇବ ବୋଲି କୁହାଯାଉଛି । ସାଧାରଣ ନିର୍ବାଚନରେ କଂଗ୍ରେସ ବାରମ୍ବାର ପରାଜୟ ବରଣ କରୁଥିଲେ ମଧ୍ୟ ଅନ୍ୟପଟେ ପଂଚାୟତ ସ୍ତର ନିର୍ବାଚନରେ କଂଗ୍ରେସ ସବୁ ବେଳେ ଟଳଟଂଟଳ ରହିଥାଏ । କିନ୍ତୁ କଂଗ୍ରେସ ର ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡାଙ୍କୁ ନେଇ କଂଗ୍ରେସ ମଧ୍ୟରେ ସଂଗଠନ ଦୁଇ ଫାଳ ହୋଇଛି । ସଭାପତି ହଟାଇବା ପାଇଁ କଂଗ୍ରେସର ଏକ ଟାଣୁଆ ଗୋଷ୍ଠୀ ଭୁବନେଶ୍ୱର ରେ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଯାଇଥିବା କୁହାଯାଉଛି । ଏଭଳି ସ୍ଥଳେ କର୍ମୀ ମାନେ କଣ କରିବେ ସେ ନେଇ କଳ୍ପନା ଜଳ୍ପନା ଚଳାଇଛନ୍ତି । ଇତି ମଧ୍ୟରେ ଓଡିଶା ଜନତା କଂଗ୍ରେସ ଦଳର ମୁଖ୍ୟ ମହମ୍ମଦ ମୋକିମ ସମଗ୍ର ଜିଲ୍ଲା ଗ୍ରସ୍ତ କରି ଯାଇଥିବା ବେଳେ ବହୁ କଂଗ୍ରେସ ନେତା ଓ କର୍ମୀଙ୍କ ସହ ଯୋଗାଯୋଗ ରେ ରହିଥିବା କୁହାଯାଉଛି । କିନ୍ତୁ ଏଥର ପଂଚାୟତ ନିର୍ବାଚନ ତିନି ଦଳଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । କେବେ ମଧ୍ୟ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆସନ ଅଳଙ୍କୃତ କରିନଥିବା ବିଜେପି ଶାସନରେ ରହିଥିବାରୁ କିଭଳି ଅଧ୍ୟକ୍ଷ ଆସନ ଦଖଲ କରି ନିଜର ସମ୍ମାନ ବଜାୟ ରଖିବ ତାଙ୍କ ପାଇଁ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ସେହିଭଳି ବିଜେଡି ପୂର୍ବ ନିର୍ବାଚନର ଫଳାଫଳ ଦୋହରାଇବା ପାଇଁ ସବୁ ପ୍ରକାରର ଉଦ୍ୟମ କରିବ ବୋଲି କର୍ମୀ ମାନେ ଆଶାବାଦୀ ଅଛନ୍ତି । କଂଗ୍ରେସ ମଧ୍ୟ ୨୦୦୨ ରେ ଅଧ୍ୟକ୍ଷ ପଦ ହାତେଇ ଥିଲା । ଏକାକି ଜିଲ୍ଲା ପରିଷଦ ଦଖଲ କରିଥିଲା । ଏଣୁ ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ମଧ୍ୟ କଂଗ୍ରେସ ଜିଲ୍ଲା ରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନୈତିକ ବିଶାରଦ ମାନେ ଆଲୋଚନା କରୁଛନ୍ତି । ଏପରି ସ୍ଥଳେ କେଉଁ ଦଳ ନିଜର ଦମ ଦେଖାଇ ଅଧ୍ୟକ୍ଷ ପଦ ହାତେଇ ବାର ସକ୍ଷମ ହୋଇ ପାରୁଛି, ତାହା ଦେଖିବାକୁ ବାକି ରହିଲା ।

ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ

ଜଗତସିଂହପୁର, ୧୩/୦୫(ଆ.ପ୍ର) : ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମିତ୍ କୁମାର ରାଉତ ଯୋଗଦେଇ ଚଳିତ ବର୍ଷ ଆୟୋଜିତ ହୋଇଥିବା ପୁସ୍ତକମେଳାର ସଫଳ ରୂପାୟନ ନିମନ୍ତେ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ସଂପାଦକ ଶାରଦା ପ୍ରସାଦ ଦାସ ପୂର୍ବ ସାଧାରଣ ପରିଷଦ ବୈଠକର ବିବରଣୀ ପାଠ କରିବା ସହିତ ଚଳିତ ବର୍ଷ ପୁସ୍ତକମେଳାର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ବୈଠକରେ ଉପସ୍ଥିତ ସଭ୍ୟମାନେ ବିଭିନ୍ନ ମତାମତ ଦେଇଥିଲେ । ସାଂସ୍କୃତିକ ପରିଷଦର ବର୍ତ୍ତମାନର କମିଟିର ଅବଧି ଶେଷ ହୋଇଥିବାରୁ ଜିଲ୍ଲାପାଳଙ୍କ ତଥା ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ ନୂତନ କାର୍ଯ୍ୟକାରୀ କମିଟି ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରାରମ୍ଭରେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଡଃ ସୁଧୀର କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ନଟବର ବାରିକ, ଦେବୀ ପ୍ରସାଦ ଚୌଧୁରୀ, ରମାକାନ୍ତ ସାହୁ, ପ୍ରଦୀପ୍ତ କିଶୋର ଚୌଧୁରୀ, ହେମନ୍ତ କୁମାର ରଥ, ବିବୁଧ କୁମାର ମହାନ୍ତି, ଡ଼ ଜ୍ୟୋତିର୍ମୟୀ ମହାନ୍ତି, ମଧୁସୂଦନ ସାହୁ, ପ୍ରଜ୍ଞା ପାରମିତା ଚୌଧୁରୀ, ମନୋଜ କୁମାର ଦାଶ, ଉତ୍କଳ ରଞ୍ଜନ ମହାନ୍ତି, ମାନସ କୁମାର କାନୁନଗୋ, ବିଜୟଲକ୍ଷ୍ମୀ ମହାପାତ୍ର, ସୁଷମା ପ୍ରଧାନ, ଅବନୀକାନ୍ତ ମହାରଣା, ସୌଦାମିନୀ ରାଉତ, ଦୁର୍ଯ୍ୟୋଧନ ମହାରଣା, ମନୋଜ କୁମାର ମହାପାତ୍ର, ନିକୁଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମିତ୍ର, ନିତ୍ୟାନନ୍ଦ ମହାନ୍ତି, ଅତନୁ କୁମାର ସ୍ୱାଇଁ, ସୁବାଷ ଚନ୍ଦ୍ର ରାଉତ, ଲୋକନାଥ ଦାସ,ପଲ୍ଲବୀ ପଣ୍ଡା, ରାଧାକାନ୍ତ ସାହୁ, ଶ୍ରଦ୍ଧାମୟୀ ରାଉତ, ସୁରେନ୍ଦ୍ର କୁମାର ରାଉତରାୟ, ଆଲୋକ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଲୋକଙ୍କ ପାଇଁ ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

ସିନାପାଲି, ୧୩/୦୫(ଆ.ପ୍ର) : ସିନାପାଲି ବ୍ଲକ ଅନ୍ତର୍ଗତ ଘଂଟିଗୁଡା ଗ୍ରାମପଂଚାୟତ ନିକଟ ବିଜୁ ଏକ୍ସପ୍ରେସ ୱେ ରାସ୍ତାକଡ଼ରେ ଏକ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିନାପାଲି ବିଡିଓ କର୍ମି ଓରାମ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ପାନୀୟ ଜଳ ଯୋଗାଣ ବିଭାଗର କାର୍ଯ୍ୟନିର୍ବାହୀ ପ୍ରହଲ୍ଲାଦ ସାହୁ, ସମିତି ସଭ୍ୟା ଲଳିତା ସୁନାନୀ, ସରପଂଚ ଖୁଟୁରାମ ସୁନାନୀ, ସମାଜସେବୀ ବଦନ ତାଣ୍ଡି ଓ ପୁଷ୍ପମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ରାସ୍ତାକଡ଼ରେ ଯାତ୍ରୀ ଓ ସାଧାରଣ ଲୋକଙ୍କ ପାଇଁ ଏଭଳି ମାଗଣା ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଅତ୍ୟନ୍ତ ଉପକାରୀ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏଠାରେ ୨ ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ମାଧ୍ୟମରେ ୨୪ ଘଂଟା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ସରପଂଚ ଖୁଟୁରାମ ସୁନାନୀଙ୍କ ଉଦ୍ୟମରେ ନିର୍ମିତ ଏହି ପ୍ରକଳ୍ପକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରଶଂସାର ସ୍ୱର ଶୁଣିବାକୁ ମିଳିଛି । ସେହିପରି ପଂଚାୟତ କାର୍ଯ୍ୟାଳୟର ଆୟ ବୃଦ୍ଧି ଉଦ୍ଦେଶ୍ୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା । ଉଦ୍‌ଘାଟନୀ ସଭାରେ ପଂଚାୟତର ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା, ଜନପ୍ରତିନିଧି ଓ ସ୍ଥାନୀୟ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

ଯାଜପୁର ସହରରେ ପେଟ୍ରୋଲର ସଙ୍କଟ

ଯାଜପୁର, ୧୩/୦୫(ଆ.ପ୍ର) : ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ହୋଇଥିବା ଯୋଗୁଁ ସାରା ବିଶ୍ୱ ରେ ଏହାର ପ୍ରଭାବ ପକାଉଥିବା ଦେଖିବାକୁ ମିଳେ । ଯାହା ଫଳରେ ତେଲ ଠାରୁ ଆରମ୍ଭ କରି ବିଭିନ୍ନ ଦୈନନ୍ଦିନ ଜୀବନର ଆବଶ୍ୟକତା ପଡୁଥିବା ସାମଗ୍ରୀ ଉପରେ ଏହାର ବହୁଳ ଭାବରେ ପ୍ରଭାବ ପଡୁଛି । ଏହାରି ମଧ୍ୟରେ ଯାଜପୁର ସହର ମଧ୍ୟରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡିକରେ ତେଲର ସଙ୍କଟ ଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନାହିଁ । ଯାହା ଫଳରେ ତେଲ ସଙ୍କଟ ଦୂର ହେବା ବଦଳରେ ଚୋରା ରେ ଅଧିକ ଦରରେ ବିକ୍ରି ହେଉଛି ।ଆଜିକୁ ଚାରି ଦିନ ଧରି ସହର ମଧ୍ୟରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ତେଲ ନାହିଁ । ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ । ଯେଉଁ ଗୋଟିଏ ସ୍ଥାନରେ ପେଟ୍ରୋଲ ପମ୍ପ ରେ ପେଟ୍ରୋଲ ଅଛି ସେଠାରେ ନାହିଁ ନଥିବା ଭିଡ଼ । ଯାହା ଶୁଣିବାକୁ ମିଳେ ଏପରି ସଙ୍କଟ ଆଗକୁ ଅଧିକୁ ବଡ଼ ଆକାର ନେଇପାରେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଯାଜପୁର ସହରବାସୀ ଦାବି କରିଛନ୍ତି ।

ହାଟଡିହିରେ ଫେଲ ମାରୁଛି ଅନ୍ତ୍ୟୋଦୟ ଗୃହ ଯୋଜନା

ହାଟଡ଼ିହି, ୧୩/୦୫(ଆ.ପ୍ର) : ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅନଗ୍ରସର ବ୍ୟକ୍ତି ବିଶେଷଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ୨୦୨୫ ମସିହା ମାର୍ଚ୍ଚ ମାସରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଥିଲା । ପ୍ରାକୃତିକ ଅଥବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇଥିବା ପରିବାର, ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ଉପାର୍ଜନକାରୀ ହୋଇଥିବା ପରିବାର, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରବର୍ଗଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବା ପାଇଁ ଧାର୍ଯ୍ୟ ହୋଇଥିଲା । କିନ୍ତୁ, ବିଭାଗ ତଥା କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଅଭିଯୋଗ ହୋଇଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ଆମ୍ଭୋ ପଂଚାୟତର ବେଗୁନିଆପଦି ଗ୍ରାମର, ଦୃଷ୍ଟି ହୀନ ସୁଶାନ୍ତ କୁମାର ବେହେରାଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ସାମିଲ କରାଯାଇ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସୂଚନା ଅନୁଯାଇ, ଦୃଷ୍ଟିହୀନ ସୁଶାନ୍ତଙ୍କୁ ୧୫.୦୫.୨୦୨୫ ରିଖରେ ଗୃହ ନିର୍ମାଣ କରିବାପାଇଁ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସରକାରୀ ପ୍ରୋତ୍ସାହନ ମିଳିବାର ୨ ମାସ ମଧ୍ୟରେ ସୁଶାନ୍ତ ଛାତ ପର୍ଯ୍ୟନ୍ତ ଘର ନିର୍ମାଣ କରିଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ୨ୟ କିସ୍ତି ଟଙ୍କା ମିଳିନଥିବା ଅଭିଯୋଗ କରିଛନ୍ତି । ଛାତ ପର୍ଯ୍ୟନ୍ତ ଗୃହ ନିର୍ମାଣ ସାରିଥିଲେ ମଧ୍ୟ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଘର ଫଟୋ ଉଠାଇବା ପାଇଁ ଆସୁନାହାନ୍ତି କି ୨ୟ କିସ୍ତି ଅର୍ଥ ପ୍ରଦାନ କରୁନଥିବା କ୍ଷୋଭର କହିଛନ୍ତି । ସରକାରୀ ପ୍ରୋତ୍ସାହନ ରାଶି ପାଇବାପାଇଁ ଭିନ୍ନକ୍ଷମ ସୁଶାନ୍ତ ବାରମ୍ବାର ପଂଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି ।

ସୁକିନ୍ଦାରେ ମୃତକଙ୍କ ଅଙ୍ଗଦାନ କଲେ ପରିବାରବର୍ଗ

ଯାଜପୁର, ୧୩/୦୫(ଆ.ପ୍ର) : ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ବେଲୋହାରି ଗ୍ରାମର ସ୍ୱର୍ଗତ ବାଲି ଜାମୁଦାଙ୍କ ବ୍ରେନ୍ ଡେଡ୍ ବା ମସ୍ତିଷ୍କ ମୃତ୍ୟୁ ପରେ ତାଙ୍କ ପରିବାର ପକ୍ଷରୁ ଅଙ୍ଗଦାନ କରି ମାନବତାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି । ତାଙ୍କର ଏହି ମହାନ ଦାନ ଅନେକ ଜୀବନକୁ ନୂଆ ଆଶା ଦେଇଥିବାବେଳେ ସେ ଚିରଦିନ ପାଇଁ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ । ତାଙ୍କର ଏଭଳି ମହତ କାମକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବାଲି ଜାମୁଦାଙ୍କ ଶେଷକୃତ୍ୟ ନିଜ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କଳିଙ୍ଗନଗର ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ବାଲି ଜାମୁଦାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ସ୍ୱର୍ଗତ ବାଲି ଜାମୁଦାଙ୍କ ଏହି ଅଙ୍ଗଦାନ ସମାଜରେ ମାନବତା, ସହାନୁଭୂତି ଓ ପରୋପକାରର ଏକ ଉଜ୍ଜ୍ୱଳ ବାର୍ତ୍ତା ପ୍ରସାର କରିଥିବାବେଳେ ଆଗାମୀ ପିଢ଼ୀ ପାଇଁ ଏକ ପ୍ରେରଣାର ସ୍ତମ୍ଭ ହୋଇ ରହିବ ।

ସମସରପୁର ଗ୍ରାମରେ ବାଦୀପାଲା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ମାହାଙ୍ଗା, ୧୩/୦୫(ଆ.ପ୍ର) : ମାହାଙ୍ଗା ବ୍ଲକ ସମସରପୁର ଗ୍ରାମ ପଂଚାୟତ ସମସରପୁର ଗ୍ରାମରେ ୭୯ ତମ ବାଦୀ ପାଲା ମହୋତ୍ସବ ଅନୁଷ୍ଠିତ । ଆଜିଠାରୁ ୫ ଦିନ ବ୍ୟାପୀ ଗାୟକ ପୀୟୂଷ ବିଶ୍ୱନାଥ ସ୍ୱାଇଁ, ଗାୟକ ଜ୍ଞାନଭୂଷଣ ଜୀ ଶିଶିର କୁମାର ପାଢ଼ୀଙ୍କ ମଧ୍ୟରେ ବାଦୀ ପାଲା ଅନୁଷ୍ଠିତ ହେବ । ପାଲା ମହୋତ୍ସବର ପ୍ରଥମ ସଂଧ୍ୟାରେ ଦୀର୍ଘ ୭୮ ବର୍ଷ ପାଲା କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ଼କ୍ଟର ନିରଞ୍ଜନ ସାହୁ,ସମ୍ମାନିତ ଅତିଥି ଗୀତିକାର ବିଶେଶ୍ୱର ମହାନ୍ତି,ମୁଖ୍ୟ ବକ୍ତା ଡ଼କ୍ଟର ଅଜିତ୍ କୁମାର ମହାପାତ୍ର, ସମ୍ମାନିତ ବକ୍ତା ଭାବେ ଅଶୋକ କୁମାର ଓଝା ଯୋଗ ଦେଇ ପାଲା ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖ ପାଖ ବିଭିନ୍ନ ପାଲା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

କଳାହାଣ୍ଡିରେ ସାର ବ୍ୟବସାୟୀଙ୍କ ଦୁର୍ଦ୍ଦଶା

କଳାହାଣ୍ଡି, ୧୩/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲାରେ ସାର ବ୍ୟବସାୟୀଙ୍କ ସଙ୍କଟ । ବାର୍ଷି ବିନ ଧରି ଚାଷୀଙ୍କୁ ସେବା ଯୋଗାଇ ଆସୁଥିବା ଖୁଚୁରା ସାର ବ୍ୟବସାୟୀମାନେ ଏବେ ଗଭୀର ଆର୍ଥିକ ଓ ମାନସିକ ସଂକଟ ଦେଇ ଗତି କରୁଛନ୍ତି । ସରକାରୀ ନିୟମ, କମ୍ ଲାଭାଂଶ ଏବଂ ବାଧ୍ୟତାମୂଳକ 'ଟାଗିଂ'କୁ ନେଇ ଏବେ ଏକତ୍ରିତ ହୋଇଛନ୍ତି ଜିଲ୍ଲା ଖୁଚୁରା ସାର ବ୍ୟବସାୟୀ ସଂଘ । ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ସାର ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଛି ସଂଘ । ୟୁରିଆ ବିକ୍ରିରେ ଲାଭ ନାହିଁ, ଉଲଟା ସହୁଛନ୍ତି କ୍ଷତି । କଳାହାଣ୍ଡି ଜିଲ୍ଲାରେ ଖୁଚୁରା ସାର ବ୍ୟବସାୟ ଏବେ ବ୍ୟବସାୟୀଙ୍କ ପାଇଁ ବୋଝ ପାଲଟିଛି । ବ୍ୟବସାୟୀଙ୍କ କହିବା ଅନୁଯାୟୀ, ୟୁରିଆ ସାରର ସରକାରୀ ଦର ୨୬୬ ଟଙ୍କା ଥିବାବେଳେ, ଜୁନାଗଡ଼ ରାକ ପଏଂଟରୁ ଆଣିବା ଦୋକାନକୁ ପରିବହନ ଓ ଲୋଡିଂ ଖର୍ଚ୍ଚ ମିଶି ଗୋଟିଏ ବସ୍ତା ପିଛା ପ୍ରାୟ ୩୧୨ ଟଙ୍କା ଖର୍ଚ୍ଚ ହେଉଛି । ଫଳରେ ସରକାରୀ ଦରରେ ବିକ୍ରି କଲେ ବସ୍ତା ପିଛା ମୋଟା ଅଙ୍କର କ୍ଷତି ସହିବାକୁ ପଡୁଛି । ଖାଲି ସେତିକି ନୁହେଁ, ବଡ଼ ଡିଲରମାନେ 'ଟାଗିଂ' ନାଁରେ ବ୍ୟବସାୟୀ ଓ ଚାଷୀଙ୍କ ଅଂଶ ରାଜି ଦେଉଛି । ୟୁରିଆ କିମ୍ବା ଡିଏପି ଭଳି ମୁଖ୍ୟ ସାର ସହିତ ଅଦରକାରୀ ସାମଗ୍ରୀ କିଣିବାକୁ ବ୍ୟବସାୟୀଙ୍କୁ ବାଧ୍ୟ କରାଯାଉଛି । ଏପଟେ ଡିଜିଟାଲ ଯୁଗରେ ଆପରେ ସବୁ ତଥ୍ୟ ଅପଲୋଡ଼ ହେଉଥିଲେ ମଧ୍ୟ ପୁଣିଥରେ ମାନୁଆଲ ରେଜିଷ୍ଟର ରଖିବା ପାଇଁ ବିଭାଗୀୟ ଚାପ ପ୍ରୟୋଗ କରାଯାଉଥିବା ନେଇ ସଂଘ ଅଭିଯୋଗ କରିଛି । ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ବେଳେ, ଓଲଟା ମାନସିକ ନିର୍ଯାତନା ଦିଆଯାଉଥିବା ସଂଘ କହିଛି । ଏହି ଅବସରରେ ସଂଘ ତିନୋଟି ମୁଖ୍ୟ ଦାବି ରଖିଛି: ସମସ୍ତ ସାରକୁ FOR (Freight On Road) ଦରରେ ଯୋଗାଇ ଦିଆଯାଉ । ବାଧ୍ୟତାମୂଳକ 'ଟାଗିଂ' ବନ୍ଦ କରାଯାଉ । ମାନୁଆଲ ରେଜିଷ୍ଟର ବ୍ୟବସ୍ଥା ଉଠେଇ ଦିଆଯାଉ । ଦାବି ପୂରଣ ନହେଲେ ଆଗାମୀ ଦିନରେ ଜିଲ୍ଲାରେ ସାର ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସଂଘ ନିଷ୍ପତ୍ତି ନେଇଛି ।

ଶୀତ ମହୋତ୍ସବ କାର୍ଯ୍ୟ କାରିଣୀ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ

ଜି.ଉଦୟଗିରି, ୧୩/୦୫(ଆ.ପ୍ର) : ସ୍ଥାନୀୟ ବ୍ଲକ ସଭାଗୃହରେ ଶୀତ ମହୋତ୍ସବ କାର୍ଯ୍ୟ କାରିଣୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କମିଟିର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ ବିଡିଓ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ । ବୈଠକରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୃଷି ବିଭାଗ ର ଶାଖା ପରିଚାଳକ ଅନିଲ କୁମାର ମଲ୍ଲିକ ଯୋଗ ଦେଇଥିଲେ । କମିଟିର ସଭାପତି ଜ୍ଞାନ ରଞ୍ଜନ ପ୍ରଧାନ, ସମ୍ପାଦକ ମହମ୍ମଦ ଜିଆଉଦ୍ଦିନ, ଅରୁଣ କୁମାର ଷଡଙ୍ଗୀ, ସନ୍ତେ ପ୍ରଧାନ, ଶାନ୍ତନୁ ପ୍ରଧାନ, ଆମନ ଚନ୍ଦ୍ର ନାୟକ, ଜାଳିନା ପ୍ରିୟଦର୍ଶିନୀ, ଆଶୁତୋଷ ସାହୁ, କିଶୋର ଚନ୍ଦ୍ର ନାୟକ, ଉଦେଶନ୍ ପ୍ରଧାନ,ଦିଲ୍ଲୀପ କୁମାର ଦଳ, ହୃଷୀକେଶ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶୀତ ମହୋତ୍ସବ ପାଳନ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା ।

ନାଗସାପ ଦଂଶନରେ ମହିଳାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୩/୦୫(ଆ.ପ୍ର) : ଗଜପତି ଜିଲ୍ଲା ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଛେଲାଗଡ ପଂଚାୟତର କରଞ୍ଜ ସାହି ଗ୍ରାମର ମୁନା ବିଶୋଇଙ୍କ ପତ୍ନୀ ସବିତା ବନିୟାରସିଂ(୩୨)ଙ୍କର ନାଗସାପ କାମୁଡିବା ଫଳରେ ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ପ୍ରକାଶ ସେହି ମହିଳା ଜଣକ ମଙ୍ଗଳବାର ଦିନ ଗୋଟିଏ ବେଳେ ଗାଧୋଇବାକୁ ନିଜ ବ୍ୟାଗରୁ ସାବୁନ କାଢିବା ସମୟରେ ବ୍ୟାଗରେ ଥିବା ସାପ କାମୁଡିଥିଲା । ସଂଗେସଂଗେ ଗ୍ରାମବାସୀ ସେହି ସାପକୁ ମାରିଦେଇଥିଲେ ଏବଂ ମହିଳାଙ୍କ ଦେଶୀୟ ଚିକିତ୍ସା କରିଥିଲେ । ଅବସ୍ଥା ଗୁରୁତର ହେବାରୁ ନିକଟସ୍ଥ ଚନ୍ଦ୍ରଗିରି ହସପିଟାଲକୁ ନେଇଥିଲେ । ଚିକିତ୍ସା ସମୟରେ ତାଙ୍କର ପ୍ରାଣହାନୀ ଘଟିଥିଲା । ଆର୍.ଉଦୟଗିରି ଥାନାରେ ଏକ ମାମଲା ରୁଜୁ କରାଯାଇ ସେହି ଶବକୁ ପୋଷ୍ଟମର୍ଟମ ପାଇଁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି,କହିଛନ୍ତି ଏସଡିପିଓ ରାକେଶ କୁମାର ସାହୁ ଆଇପିଏସ୍ ।

ନିଟ୍ ୟୁଜି ପ୍ରଶ୍ନ ପ୍ରଘଟ ଓ ପରୀକ୍ଷା ବାତିଲ ପ୍ରସଙ୍ଗ କଳାହାଣ୍ଡି ଯୁବ-ଛାତ୍ର ବିଜେଡିର ବିକ୍ଷୋଭ

ଭବାନୀପାଟଣା, ୧୩/୦୫(ଆ.ପ୍ର) : ନ୍ୟାସନାଲ ଏଲିଜିବିଲିଟି କମ୍ ଏଂଟ୍ରାନ୍ସ ଟେଷ୍ଟ (ନିଟ୍) ୟୁଜି ପରିକ୍ଷାର ପ୍ରଶ୍ନ ପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ ପ୍ରସଙ୍ଗକୁ ନେଇ ଆଜି କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧି ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ଉଚ୍ଚ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତଳିକା ଦାହ କରାଯାଇଛି । ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି ଏହି ନିଟ୍ ପରୀକ୍ଷାର ଦାୟିତ୍ୱ ନେଇଥିବା ବେଳେ ବାରମ୍ବାର ପ୍ରଶ୍ନ ପତ୍ର ଲିକ୍ ହେବା ସହ ଅନିୟମିତତା ସାମନାକୁ ଆସିବା ପରିକ୍ଷାର ସ୍ୱଚ୍ଛତା ଓ ପାରଦର୍ଶିତା ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଚଳିତ ବର୍ଷ ଗତ ମେ ୩ରେ ପରୀକ୍ଷା ଦେଇଥିବା ପ୍ରାୟ ୨୨ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ ରହିଥିବାରୁ ଏହି ଘଟଣାରେ କେନ୍ଦ୍ର ଉଚ୍ଚ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଯୁବ ଓ ଛାତ୍ର ବିଜେଡି ଦାବି କରିଛି । ଦୋଷୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ନିଟ୍ ପରିକ୍ଷାରେ ସ୍ୱଚ୍ଛତା ଓ ଜବାବଦେହିତା ଆଣିବା, ନିଷ୍ପକ୍ଷ ତଦନ୍ତ କରି ପେପର ଲିକ୍ ଘଟଣାରେ ରହି ଥିବା ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆଜି ଦାବି କରାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାସ, ରାଜ୍ୟ ବିଜେଡି ସମ୍ପାଦକ ଆଦିତ୍ୟ ନନ୍ଦ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଂଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଦାନେଶ ବର୍ଗତି, ଶିବା ସାହୁ, ଗୋବିନ୍ଦ ଡାଣ୍ଡି, ଭୋଳାନାଥ ନାଗ, ମାନସ ସିନ୍ଦୂର, ପ୍ରଦୀପ ସାହୁ, ଶୈଳେଶ ବିଶି, ମିଥୁନ ସାହୁ , ଘାସିରାମ ସାହୁ, ପ୍ରତିଭା ଚୌହାନ ପ୍ରମୁଖ ଯୋଗଦେଇଥିଲେ ।

ଚୌଦ୍ୱାରରେ ତେଲର ସଙ୍କଟ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ

ଟାଙ୍ଗୀଚୌଦ୍ୱାର, ୧୩/୦୫(ଆ.ପ୍ର) : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ ବାସୀଙ୍କୁ ଦେଇଥିବା ଉଦବୋଧନରେ କହିଥିଲେ ପେଟ୍ରୋଲ ପମ୍ପରେ ଜଣକୁ ୧୦୦ଟଙ୍କାର ପେଟ୍ରୋଲ ମିଳିବ । ପ୍ରଧାନମନ୍ତ୍ରୀଙ୍କ ଏହି ଆଇନୀକୁ ଚୌଦ୍ୱାର ଅଂଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକ କଡାକଡି ଭାବେ ପାଳନ କରୁଥିବାର ଦେଖିବାକୁ ମିଳିଛି । ଚୌଦ୍ୱାର କଳିଙ୍ଗ ଛକରେ ଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇବା ପାଇଁ ବାଇକ ଧାରୀ ମାନଙ୍କର ଏକ ଲମ୍ବା ଲାଇନ ୫୫ନଂ ଜାତୀୟ ରାଜପଥ ପର୍ଯ୍ୟନ୍ତ ଲମ୍ବି ଥିବାର ଦେଖିବାକୁ ମିଳିଛି ।

ଏମଏମସି ମେଡିକାଲରେ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ

ଜି.ଉଦୟଗିରି, ୧୩/୦୫(ଆ.ପ୍ର) : ଜି.ଉଦୟଗିରି ସ୍ଥିତ ଏମଏମସି ହସ୍ପିଟାଲରେ ଆନ୍ତର୍ଜାତୀୟ ସେବିକା ଦିବସ ବା ନର୍ସ ଡେ ପାଳିତ ହୋଇଯାଇଛି । ବିଶ୍ୱର ପ୍ରଥମ ସେବିକା ଭାବେ ପରିଚିତ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିବସକୁ ଏଏନଏମ ଓ ଜିଏନଏମ ନର୍ସିଂ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସେବିକା ମାନଙ୍କ ନିଷ୍ଠା ଓ ମାନବ ସେବାକୁ ସ୍ମରଣ କରିଥିଲେ । ଏହି ଦିବସ ପାଳନ ପୂର୍ବ ଦିନ ସନ୍ଧ୍ୟାରେ ଅନୁଷ୍ଠାନ ତରଫରୁ ସହରରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଅଧକ୍ଷ ଆଚାର୍ଯ୍ୟ ରାଜ କିଶୋର ଦିଗାଲ ପ୍ରାର୍ଥନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷାନୁଷ୍ଠାନର ମୁଖ୍ୟ ପ୍ରଦୀପ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଡ.ଏରିକ ଅସବେନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପଣ୍ଡିଚେରୀରୁ ଯୋଗଦେଇଥିବା ଡାକ୍ତର ଏରିକ ଅସବେନ ସେବିକାମାନଙ୍କ ତ୍ୟାଗ, ସହନଶୀଳତା ଓ ରୋଗୀ ସେବାର ମହତ୍ୱ ବିଷୟରେ ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଜେନେରାଲ ଜୀବନ ବୀମାର ବିବେକାନନ୍ଦ ପ୍ରଧାନ, ଏସବିଆଇ ବ୍ୟାଙ୍କ ମ୍ୟାନେଜର ଜ୍ୟୋତି ରଞ୍ଜନ ରାଉତ, ଆଚାର୍ଯ୍ୟ ଦିନେଶ କୁମାର ନାୟକ, ମହିଳା ଆଇନଜୀବୀ ଯାଜିନା ପ୍ରିୟଦର୍ଶିନୀ, ମିଡିଆ କ୍ଲବ ସଭାପତି ଅରୁଣ ଷଡ଼ଙ୍ଗୀ, ପ୍ରେସ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ, ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ, ଅନୁସନ୍ଧାନ ଭାରତର ସମ୍ପାଦକ ଗଗନ ପ୍ରଧାନ, ସୂର୍ଯ୍ୟକାନ୍ତ ନାୟକ, ସାମନ୍ତ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରିନ୍ସିପାଲ ଗ୍ଲୋରି ନାୟକ ନର୍ସିଂ ସେବାର ଶପଥ ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ । ଆଇନଜୀବୀ ଯାଜିନା ପ୍ରିୟଦର୍ଶିନୀ ସମସ୍ତ ନର୍ସ ଓ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ସେବିକା ମାନଙ୍କ ନିଷ୍ଠାପୂର୍ଣ୍ଣ ସେବା, ରୋଗୀଙ୍କ ପ୍ରତି ସମର୍ପଣ ଓ ସମାଜରେ ସେମାନଙ୍କ ଅମୂଲ୍ୟ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ପରଲୋକଗତ ଶିକ୍ଷକଙ୍କ ପରିବାର ପାଖରେ ଶିକ୍ଷକ ସଂଘ, ଆର୍ଥିକ ସହାୟତା ସହ ସମବେଦନା

ସିନାପାଲି, ୧୩/୦୫(ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ବେଲପାଟିପଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନୀଳଲୋହିତ ସିଂ ମାଝୀଙ୍କ ଅକାଳ ବିୟୋଗ ପରେ ତାଙ୍କ ପରିବାର ଉପରେ ଶୋକର ଛାୟା ନମିଆସିଛି । ପରିବାର ପକ୍ଷରୁ ନିଜ ଗ୍ରାମ ଫୁରୁଶୁଣ୍ଡରେ ଦଶାହ କ୍ରିୟା ସମ୍ପନ୍ନ କରାଯାଇଥିଲା । ଏହି ଅବସରରେ ସିନାପାଲି ଏଚ୍-କ୍ୟାଡର ଶିକ୍ଷକ ସଂଘର ସଦସ୍ୟମାନେ ସ୍ୱର୍ଗତ ମାଝୀଙ୍କ ଘରକୁ ପହଂଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ସେହିସହିତ ସଂଘ ପକ୍ଷରୁ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ତରୁଣ କୁମାର ମେହେର, ସମ୍ପାଦକ ବେଣୁଧର ନାଏକ, ଉପସଭାପତି ଖଗେଶ୍ୱର ମେହେର, ଆଲୋକ ରଞ୍ଜନ ପାଣିଗ୍ରାହୀ, ଗଣମାଧ୍ୟମ ସଂଯୋଜକ ହୀରାଲାଲ ସାହୁ, ସହସମ୍ପାଦକ ଅର୍ଜୁନ ନାଏକ, ସାମନ୍ତ କୁମାର ଦାସ, ବରିଷ୍ଠ ଶିକ୍ଷକ ଲୋକନାଥ ମେହେର, ଧର୍ମୁ ନାଏକ, ଅଚ୍ୟୁତାନନ୍ଦ ମେହେର, ହୃଷିକେଶ ଛତ୍ରିଆ ଓ ଦୁଳାରାମ ନାଗ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି, ସ୍ୱର୍ଗତ ଶିକ୍ଷକଙ୍କ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯଥାଶୀଘ୍ର ଯୋଗାଇଦେବା ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି ।

ବାଲିଗୁଡାରେ କନ୍ଧମାଳ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବାଲିଗୁଡା, ୧୩/୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡାସ୍ଥିତ ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୭୩ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣିରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଆରକ୍ଷୀ ଅଧିକ୍ଷକ ହରିଶ ବିସି, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା.ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ମଂଚାସିନ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରି ସମାଧାନ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ଜମିହୀନ ଓ ବସୁନ୍ଧରାରେ ନୂତନ ହିତାଧିକାରୀ ମାନଙ୍କୁ ପଟ୍ଟା ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ବାଲିଗୁଡା ପ୍ରକଳ୍ପ ପ୍ରଶାସକ ଆଇଟିଡିଏ କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ବିଡ଼ିଓ ଅକ୍ଷୟ କୁମାର ମଳିକ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ରାସ୍ତାଘାଟ, ମୋବାଇଲ ଟାୱାର, ଆବାସ ଯୋଜନା, ଭତା, ଭିନ୍ନ କ୍ଷମ ସାର୍ଟିଫିକେଟ ସମେତ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ବେଦ ଭୂଷଣ ନୂତନ ଅଭିଯୋଗ ଶୁଣିବା ସହିତ ପୂର୍ବ ଅଭିଯୋଗ ଗୁଡିକର ମଧ୍ୟ ସମାଧାନ କରିଥିଲେ ।

ବି ଭାଇବ ଡ୍ୟାନ୍ସ ଷ୍ଟୁଡ଼ିଓ ତରଫରୁ ଗ୍ରୀଷ୍ମ କାଳୀନ ତାଲିମ ଶିବିର

ବ୍ରହ୍ମପୁର, ୧୩/୦୫(ଆ.ପ୍ର) : ବି.ଭାଇବ୍ ଡ୍ୟାନ୍ସ ଷ୍ଟୁଡ଼ିଓ ତରଫରୁ ନୀଳକଣ୍ଠ ନଗର୍ ମେନ୍ ଲାଇନ ଠାରେ ଥିବା ଷ୍ଟୁଡ଼ିଓ ପରିସରରେ ଗ୍ରୀଷ୍ମ କାଳୀନ ତାଲିମ ଶିବିର ଶୁଭାରମ୍ଭ ହୋଇଯାଇଛି । ନୃତ୍ୟ ଗୁରୁ ସୁମନ ଦାଶ ଓ ସୁନିଲ ମାଝୀଙ୍କ ପ୍ରତ୍ୟକ୍ଷତାରେ ରେ ଅନୁଷ୍ଠିତ ଶିବିରରେରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର୍ ସାହୁ ଯୋଗ ଦେଇ ଷ୍ଟୁଡ଼ିଓ ର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଖରା ଛୁଟିରେ ଏପରି ନୃତ୍ୟ କଳା ସହ ଅନ୍ୟାନ୍ୟ କଳାର ବିକାଶ ଲାଗି ଆୟୋଜକଙ୍କ ପ୍ରଶଂସା କରିଥିଲେ । ଚିତ୍ର ଗୁରୁ ପ୍ରାପ୍ତି କିର୍ତିକାଙ୍କ ସମେତ ବହୁ କର୍ମକର୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଠାରେ ଏକ ମାସ ଧରି ନୃତ୍ୟ, ଚିତ୍ର, ଖେଳ ଓ ଅନ୍ୟାନ୍ୟ ତାଲିମ ପ୍ରଦାନ କରାଯାଉଛି । ତାଲିମ ନେଉଥିବା ସମସ୍ତ ୪୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ଉଦଯାପନ ଦିବସରେ ପୁରସ୍କାର ପ୍ରଦାନ କରାଯିବ ବୋଲି ନୃତ୍ୟ ଗୁରୁ କହିଛନ୍ତି ।

ନିଟ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ଓ ପରୀକ୍ଷା ବାତିଲ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ଓ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ କୁଶପୁତଳିକା ଦାହ

ଅନୁଗୋଳ, ୧୩/୦୫(ଆ.ପ୍ର) : ଆଜି ସନ୍ଧ୍ୟା ୬ଟା ସମୟରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନଠାରୁ ସମସ୍ତ କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଆସି ବଜାର ଛକଠାରେ ନିଟ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଓ ପରୀକ୍ଷା ବାତିଲ ଆଦି ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ପୂର୍ଣ୍ଣ ଭାବରେ ନୈତିକତା ଆଧାରରେ ଦୋଷୀ ହୋଇଥିବା ବେଳେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରତାରିତ କରିଛନ୍ତି, ଏହାର ଆଜି ପ୍ରତିବାଦ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ କୁଶପୁତଳିକା ଦାହ କରାଯାଇଛି । ଜିଲ୍ଲା କଂଗ୍ରେସ ଭବନଠାରୁ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ କେନ୍ଦ୍ର ସରକାରଙ୍କ ଅପାରଗତା ଓ ପରୀକ୍ଷା ପରିଚାଳନାରେ ବିଫଳତା, ପ୍ରଶ୍ନ ପତ୍ର ଲିକ୍ ନେଇ ବିଭିନ୍ନ ପ୍ରକାର ସ୍ଲୋଗାନ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ । ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ପରୀକ୍ଷା ପରିଚାଳନାରେ ବିଫଳତା ସରକାର ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଅପାରଗତା ପ୍ରମାଣ ମିଳିଥିବାରୁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରିବା କଥା । କିନ୍ତୁ ମୁହଁ ଫୁଟାଣିରେ ମାର ମାର ଭଣ୍ଡାରିଆକୁ ମାର ନୀତିରେ ଦୋଷ ଅନ୍ୟ ଆଡ଼କୁ ଖସାଇ ଦେଇ ଦେବାପାଇଁ ତତ୍ପରତା ଦେଖାଇବା ସବୁଠାରୁ ବଡ ବିଫଳତା ବୋଲି ପ୍ରମାଣ କରୁଛି । ଏଣୁ ନୈତିକତା କଥା କହୁଥିବା ଲୋକ ଦେଖାଣିଆ ହେଉଛି । ଏହାର ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତଳିକା ଦାହ କରିଥିଲେ । ଆଜିର ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତପନ ପ୍ରଧାନ, ପ୍ରଫୁଲ୍ଲ ଦାସ, ନିଳକଣ୍ଠ ନାଏକ, ରାକେଶ ମିଶ୍ର, ବିନୋଦ ମାଝୀ, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ରଶ୍ମି ରଞ୍ଜନ ସାହୁ, ପ୍ରଶାନ୍ତ ବିଶ୍ୱାଳ, ସଞ୍ଜୟ ସାହୁ, ମନୋଜ ସାହୁ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ସୁଦାମ ସାହୁ, ଅଭୟ ସାହୁ, ସଂଗ୍ରାମ ବେହେରା, ଅରୂପ ସାମଲ, ଜଗନ୍ନାଥ ବେହେରା, ମାନିନୀ ପ୍ରଧାନ, ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ୧୪ଟି ଫସଲର ଏମଏସପି ବୃଦ୍ଧିକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ, ୧୩/୦୫(ପି.ଆଇ.ବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ଆଜି ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଅନୁମୋଦନ କରିଛି । ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ବିଭିନ୍ନ ଫସଲର ଏମଏସପି ବୃଦ୍ଧି କରାଯାଇଛି । ଚାଷୀମାନଙ୍କୁ ସେମାନଙ୍କ ଫସଲର ଲାଭଦାୟୀ ମୂଲ୍ୟ ପ୍ରଦାନ କରିବା ଲାଗି ସରକାର ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ଏମଏସପି ବୃଦ୍ଧି କରିଛନ୍ତି । ଗତ ବର୍ଷ ତୁଳନାରେ ସୂର୍ଯ୍ୟମୁଖୀ ମଞ୍ଜି ଉପରେ କ୍ୱିଂଟାଲ ପିଛା ୬୨୨ ଟଙ୍କାର ସବୁଠୁ ଅଧିକ ଏମଏସପି ବୃଦ୍ଧି କରାଯାଇଛି । ଏହାପରେ କପା କ୍ୱିଂଟାଲ ପିଛା ୫୫୭ ଟଙ୍କା, ଅଳସୀ କ୍ୱିଂଟାଲ ପିଛା ୫୧୫ ଟଙ୍କା ଏବଂ ରାଗି କ୍ୱିଂଟାଲ ପିଛା ୫୦୦ ଟଙ୍କା ବୃଦ୍ଧି କରାଯାଇଛି । ସାଧାରଣ ଧାନ ଏବଂ ଗ୍ରେଡ୍ ଏ ଧାନର ଏମଏସପି କ୍ୱିଂଟାଲ ପିଛା ୭୨ ଟଙ୍କା ବୃଦ୍ଧି କରାଯାଇଛି । ଉତ୍ପାଦନ ଖର୍ଚ୍ଚରେ ଫସଲ ଅମଳ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କରାଯାଉଥିବା ସବୁ ବ୍ୟୟ ସାମିଲ ରହିଛି । ଏଥିରେ ଶ୍ରମିକ, ବଳଦ ଶ୍ରମ/ମେସିନ ଶ୍ରମ, ଜମି ଭାଗ ପାଇଁ ଖର୍ଚ୍ଚ, ବିହନ, ସାର, ଖତ, ଜଳସେଚନ ଶୁଳ୍କ, ଉପକରଣ ଏବଂ କୃଷି ଭବନ ଉପଯୋଗ ବାବଦ ଖର୍ଚ୍ଚ, ଚଳନ୍ତି ପୁଞ୍ଜି ଉପରେ ସୁଧ, ପମ୍ପ ସେଟ୍ ପରିଚାଳନା ପାଇଁ ଡିଜେଲ/ବିଦ୍ୟୁତ ଖର୍ଚ୍ଚ ଆଦି ସମେତ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ପାରିବାରିକ ଶ୍ରମ ପାଇଁ ପ୍ରଯୁଜ୍ୟ ମୂଲ୍ୟ ସାମିଲ ରହିଛି । ନ ଧାନ (ଗ୍ରେଡ୍ ଏ), ଜୋୱାର୍ (ମାଲଦାଣ୍ଡି) ଏବଂ କପା (ଲମ୍ବା ଷ୍ଟେପଲ) ପାଇଁ ମୂଲ୍ୟ ତଥ୍ୟ ପୃଥକ ଭାବରେ ସଂକଳନ କରାଯାଇ ନାହିଁ । ୨୦୧୮-୧୯ କେନ୍ଦ୍ର ବଜେଟରେ ସର୍ବଭାରତୀୟ ସ୍ତରରେ ଭାରୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିବା ଲାଗି ଘୋଷଣା କରାଯାଇଥିଲା । ଏହାକୁ ଆଧାର କରି ୨୦୨୬-୨୭ ବିପଣନ ଋତୁ ପାଇଁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି । ମୁଗ (୬୧%) ପରେ ବାଜରା (୫୬%), ମକା (୫୬%) ଏବଂ ତୁର/ହରଡ଼ (୫୪%) କ୍ଷେତ୍ରରେ ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ଆଶା କରାଯାଉଥିବା ଲାଭ ସର୍ବାଧିକ ହେବ ବୋଲି ଆକଳନ କରାଯାଇଛି । ବାକି ଫସଲ ନିମନ୍ତେ ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ୫୦% ଲାଭ ହେବ ବୋଲି ଆକଳନ କରାଯାଇଛି । ଗତ କିଛି ବର୍ଷ ହେବ ସରକାର ଡାଲି ଏବଂ ତୈଳବୀଜ ଭଳି ଶସ୍ୟ ଏବଂ ପୁଷ୍ଟିକର ଶସ୍ୟ ଶ୍ରୀଅନ୍ନ ପରି ଶସ୍ୟ ବ୍ୟତୀତ ଅନ୍ୟାନ୍ୟ ଫସଲ ଚାଷକୁ ପ୍ରୋତ୍ସାହିତ କରିଆସୁଛନ୍ତି । ଏହି ଫସଲ ପାଇଁ ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯାଉଛି । ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ୮୪୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା ବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ୪୫୯୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ୨୦୧୪-୧୫ ରୁ ୨୦୨୫-୨୬ ଅବଧି ମଧ୍ୟରେ ୧୪ଟି ଖରିଫ ଫସଲର କ୍ରୟ ପରିମାଣ ୮୭୪୬ ଲକ୍ଷ ମେଟ୍ରିକ ଟନ୍ ଥିଲା । ଅନ୍ୟପଟେ ୨୦୦୪-୦୫ ରୁ ୨୦୧୩-୧୪ ଅବଧି ମଧ୍ୟରେ ୪୬୭୯ ଲକ୍ଷ ମେଟ୍ରିକ ଟନ୍ ଫସଲ କ୍ରୟ ହୋଇଥିଲା । ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ଧାନ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୬.୦୮ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୪.୪୪ ଲକ୍ଷ କୋଟି ଟଙ୍କା ଥିଲା । ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ୧୪ଟି ଖରିଫ ଫସଲ ଅମଳ କରୁଥିବା ଚାଷୀଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୮.୯୯ ଲକ୍ଷ କୋଟି ଟଙ୍କା ଥିଲା । ଅନ୍ୟପଟେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ୪.୭୫ ଲକ୍ଷ କୋଟି ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇଥିଲା ।

ପାଲ ଢ଼ାଙ୍କିବା ଯାଇ ଅଧାଗଲା ପୋଡ଼ା ଶିଶୁ ଏବେ ଜୀବନ ବଂଚାଇବାକୁ କରୁଛି ସଂଘର୍ଷ

ହାଟଡିହି, ୧୩/୦୫(ଆ.ପ୍ର) : ହାଟଡିହି ବ୍ଲକ ସାଳନିଆ ପଂଚାୟତ ସାଳକଣିଆ ଗାଁର ଚଉଦ ବର୍ଷ ବୟସର ସୌମ୍ୟ ଜିତ ସାହୁ ଅସେ ନବମଶ୍ରେଣୀରେ ପାଠ ପଢେ । ହେଲେ ଏବେ ସୌମ୍ୟଜିତ ସାଙ୍ଗ ପିଲାଙ୍କ ସାଙ୍ଗ ଛାଡ଼ି ବିଛଣାରେ ପଡ଼ି ଜୀବନ ସହ କରୁଛି ସଂଘର୍ଷ । କାରଣ ଘଟଣା ଏପରି ହୋଇଥିଲା ଯେ ଆପଣ ବି ଶୁଣିଲେ ତାଜୁବ ହୋଇଯିବେ । ସେଦିନ ଥିଲା ମାର୍ଚ୍ଚ ମାସ ର ୧୧ ତାରିଖ । ପରିବାର ସହ ଖାଇ ପିଇ ଶୋଇଥିବା ପୁଅକୁ ଡାକି ଥିଲେ ସାଳନିଆ ଗାଁର ଯୋଗେନ୍ଦ୍ର ବେହେରାଙ୍କ ସାନ ପୁଅ । ଆରେ ତୁ ତୁ ଶୋଇଛୁ କି, ଉଠ, ଆସେ ବାଲି ଗାଡ଼ିରେ ଟିକେ ଉପରେ ଚଢ଼ି ପାଲ ବାନ୍ଧିବୁ । ମୁ ତତେ ଦେଢ଼ଶହ ଟଙ୍କା ଦେବୀ । ମୋ ଧନ ଟା ପା ଯାବତି ଯାବୋଲି କହିଥିଲେ । ହେଲେ ସୌମ୍ୟ ଜାଣି ନଥିଲା ତାସାଙ୍ଗରେ ଏପରି ହେବ ବୋଲି । ପାଲ ପକାଇବା ବେଳେ ଉପରେ ଥିବା ଏଲେଭେନ୍ କେଭି କରେଂଟ ରେ ଆସି ଜଳିଗଲା ପୁରା ହାତ, ବାହାରି ପଡ଼ିଲା ଅନ୍ତ ବୁଜୁଳା । ଦୀର୍ଘ ତିନି ମାସ ଡାକ୍ତରଖାନାରେ ପଡ଼ି ପଡ଼ି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି । ଏପଟେ ପୁଅକୁ ବଂଚାଇବା ପାଇଁ ଗାଡିରେ ଡ୍ରାଇଭିଥିବା ଲୋକଙ୍କ ନାମରେ ମାମଲା ଦେବାକୁ ନନ୍ଦିପଦା ଥାନା ପହଁଚି ଛନ୍ତି ମା ବାପା । ତିନି ମାସ ପରେ ମାମଲାକୁ ନେଇ ପୋଲିସର କଣ ରହିବ କାର୍ଯ୍ୟାନୁଷ୍ଠାନ ତାହୁଁ ଅପେକ୍ଷା । ଏହିପିଲାକୁ ବାଲି ବୋଝେଇ ଟ୍ରକରେ ପାଲ ବାନ୍ଧିବା ପାଇଁନିୟୋଜିତ କରିଥିବା ଯୋଗେନ୍ଦ୍ର ପୂର୍ବରୁ କେନ୍ଦ୍ରାପଡ଼ା ପୋଲିସକୁ ମାରି ଅସାମୀ ଛଡ଼ାଇ ଆଣିଥିଲେ । ପୁଣି ଏପରି ଘାଟଣା ଘଟାଇ ବା ପରେ ପୁରା ଧୂଆ ମୂଳା ହେବାକୁ କାଗଜ ପ୍ରସ୍ତୁତ କରୁଥିବା ଆଲୋଚନା ହେଉଛି ।

ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡିଏଭି କଳିଙ୍ଗ ନଗରର ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର, ୧୩/୦୫(ଆ.ପ୍ର) : କେନ୍ଦ୍ରୀୟ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡି.ଏ.ଭି କଳିଙ୍ଗ ନଗରର ଛାତ୍ରଛାତ୍ରୀମାନେ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ଆଶାନୁରୂପ ସଫଳତା ହାସଲ କରିଛନ୍ତି । ସର୍ବାଧିକ ବ୍ୟକ୍ତିଗତ ପ୍ରତିଶତ ବିଜ୍ଞାନରେ ୯୬.୮୦ ଏବଂ ବାଣିଜ୍ୟରେ ୯୬.୪୦ ରହିଛି । ବିଜ୍ଞାନ ବିଭାଗରେ ୬୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୪.୫୫ ପ୍ରତିଶତ (୩୬ ଜଣ) ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ, ୯୦.୯୧ ପ୍ରତିଶତ (୬୦ ଜଣ) ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଅଧିକ ଏବଂ ୧୦୦ ପ୍ରତିଶତ (୬୬ ଜଣ) ଛାତ୍ରଛାତ୍ରୀ ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ସେହିଭଳି ବାଣିଜ୍ୟରେ ୧୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୩.୩୩ ପ୍ରତିଶତ (୮ ଜଣ) ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୮୦.୦୦ ପ୍ରତିଶତ ଛାତ୍ରଛାତ୍ରୀ (୧୨ ଜଣ) ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୯୩.୩୩ ପ୍ରତିଶତ ଛାତ୍ରଛାତ୍ରୀ (୧୪ ଜଣ) ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନରେ ପ୍ରତୀକ ଷଡ଼ଙ୍ଗୀ ୯୬.୮୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ, ଓମ୍ ପ୍ରକାଶ ଶତପଥୀ ୯୪.୬୦ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ତଥା ଶ୍ରୀଗୁରୁ ଶଙ୍କର ମାଟି ୯୩.୬୦ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବାଣିଜ୍ୟରେ ଆଞ୍ଜେଲିନା ଭୂୟାଁ ୯୬.୪୦ ପ୍ରତିଶତ ରଖି ପ୍ରଥମ ସ୍ଥାନ, ଶ୍ରେୟାଶ୍ରୀ ପଣ୍ଡା ୯୪.୮୦ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଏବଂ ଅନ୍ୱେଷା ଅନନ୍ୟା ୯୨.୪୦ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚଳିତ ଶିକ୍ଷାବର୍ଷରେ ବିଜ୍ଞାନ ବିଭାଗର ୮୦.୪୫ ପ୍ରତିଶତ ଏବଂ ବାଣିଜ୍ୟରେ ୮୦.୬୦ ପ୍ରତିଶତ ସହ ବିଦ୍ୟାଳୟର ସାମଗ୍ରିକ ହାର ୮୦.୪୮ ପ୍ରତିଶତ ହୋଇଛି । ଏହି ସଫଳତା ନିମନ୍ତେ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅରୁଣ କୁମାର ରଥ, ଡିଏଭି ବିଦ୍ୟାଳୟ ସମୂହ ଓଡ଼ିଶା ଜୋନ୍‌ର ଆଂଚଳିକ ନିର୍ଦ୍ଦେଶକ ଡ କେସି ଶତପଥୀ ତଥା ଆଂଚଳିକ ଅଧିକାରୀ ତଥା ମ୍ୟାନେଜର ଡ. ସୁଜାତା ସାହୁ ଓ ଅଧ୍ୟକ୍ଷ ବଳରାମ ମହାପାତ୍ର କୃତୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସେଇଥିରୁ
ଆରମ୍ଭ
SEITHO ARAMBHA

ଭାରତ ଇନୋଭେଟସର 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତା

ନୂଆଦିଲ୍ଲୀ, ୧୩/୦୫(ଆ.ପ୍ର) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟସ ୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ ଅଧ୍ୟକ୍ଷତା କରିଛନ୍ତି । ଏହି ଅବସରରେ ସେ ବିଶ୍ୱର ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀମାନଙ୍କ ସହ ଭାରତର ଡିପ-ଟେକ୍ ଏବଂ ଗବେଷଣାଭିତ୍ତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଏବଂ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ । ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍ଥ-ଟେକ୍ ଏବଂ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି । ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଶ୍ନ ଭାରତ ଇନୋଭେସନ କରୁଛି କି ନାହିଁ ତାହା ନୁହେଁ, ବରଂ "ଭାରତ ସହିତ କିଏ ଇନୋଭେସନ କରିବ" ତାହା ଗୁରୁତ୍ୱପୂର୍ଣ୍ଣ । ଏହି ଦିଗରେ ଫ୍ରାନ୍ସ ଭାରତର ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହୋଇଛି । ୨୦୨୬ ପ୍ରାରମ୍ଭରେ ସ୍ୱାକ୍ଷରିତ ହୋଇଥିବା 'ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି'କୁ ଶ୍ରୀ ପ୍ରଧାନ "ସମସ୍ତ ଚୁକ୍ତିର ଜନନୀ" ଭାବେ ବର୍ଣ୍ଣନା କରିଛନ୍ତି । ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶ ଏବଂ ପ୍ରାୟ ୨୦୦ କୋଟି ଜନସଂଖ୍ୟାକୁ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ଆର୍ଥିକ ସହଯୋଗୀ ଭାବେ ସେ ଅଭିହିତ କରିଛନ୍ତି । ତେବେ ଆଗାମୀ ଦିନରେ ଫ୍ରାନ୍ସର ନିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ପୁଞ୍ଜିନିବେଶକ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ପ୍ଲାଟଫର୍ମ ସାଜିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । 'ବିକଶିତ ଭାରତ' ଆଡ଼କୁ ଅଗ୍ରସର ହେବା ସହ ଭାରତ ସମଗ୍ର ବିଶ୍ୱ ପାଇଁ ସମାଧାନ ସହ-ନିର୍ମାଣ କରିବାରେ ବିଶ୍ୱାସ କରେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

ଓଡିଶାରେ ସୁଲଭ ବିଦ୍ୟୁତ ସେବା କେବେ ?

ଭୁବନେଶ୍ୱର, ୧୩/୦୫(ଆ.ପ୍ର) : ତାମିଲନାଡୁର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ଘରୋଇ ଉପଭୋକ୍ତାମାନଙ୍କୁ ମାଗଣା ୨୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇଦେବାକୁ ଘୋଷଣା କରିଛନ୍ତି । ତାମିଲନାଡୁରେ ଘରୋଇ ଉପଭୋକ୍ତାଙ୍କୁ ଦୁଇ ମାସିଆ ବିଦ୍ୟୁତ୍ ବିଲ୍ ଦିଆଯାଉଛି । ଯେଉଁ ଉପଭୋକ୍ତା ଦୁଇମାସରେ ୫୦୦ ୟୁନିଟ୍ ବ୍ୟବହାର କରୁଥିବେ ସେମାନେ ୨୦୦ ୟୁନିଟ ଛାଡ ପାଇବେ । ତାମିଲନାଡୁରେ ବହୁତ ପୂର୍ବରୁ ସୁଲଭ ବିଦ୍ୟୁତସେବା ଯୋଗାଣ ହେଉଛି । ଏହି ଯୋଜନାରେ ସମସ୍ତ ୨ କୋଟି ୪୫ ଲକ୍ଷ ଘରୋଇ ଉପଭୋକ୍ତା ଆଗରୁ ୧୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ପାଉଥିଲେ । ସେହିପରି ପାୱାରଲୁମ ଓ କୃଷିକ୍ଷେତ୍ରକୁ ମଧ୍ୟ ସୁଲଭ ବିଦ୍ୟୁତସେବା ନିଶ୍ଚିତ ହୋଇଛି । ନୂଆ ମୁଖ୍ୟମନ୍ତ୍ରୀ କେବଳ ଘରୋଇ ଉପଭୋକ୍ତାଙ୍କ ମାଗଣା ବିଦ୍ୟୁତ୍ ସେବାକୁ ଦୁଇଗୁଣକୁ ବୃଦ୍ଧି କରିଛନ୍ତି । ଯାହା ଫଳରେ ୨ କୋଟି ୨୫ ଲକ୍ଷ ଘରୋଇ ଉପଭୋକ୍ତା ଉପକୃତ ହେବେ । ତାମିଲନାଡୁର ସମସ୍ତ ଘରୋଇ ଉପଭୋକ୍ତା ମଧ୍ୟରୁ ୨୦ ଲକ୍ଷ ଉପଭୋକ୍ତା ଦୁଇମାସରେ ୫୦୦ ୟୁନିଟରୁ ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରନ୍ତି । ନୂତନ ଘୋଷଣା ଅନୁଯାଇ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ଦ୍ୱାରା ତାମିଲନାଡୁ ସରକାରଙ୍କ ରାଜକୋଷରୁ ବର୍ଷକୁ ଅତିରିକ୍ତ ୧୭୩୦ କୋଟିଟଙ୍କା ଖର୍ଚ୍ଚ ହେବା ସହିତ ସମୁଦାୟ ସୁଲଭ ବିଦ୍ୟୁତ୍ ସେବା ପାଇଁ ବାର୍ଷିକ ୧୫,୭୨୨ କୋଟି ଟଙ୍କା ବ୍ୟୟ ହେବ । ଅଥଚ ଓଡିଶାକୁ ବାଦ ଦେଲେ ଦେଶର ଅଧିକାଂଶ ରାଜ୍ୟ ସରକାର ଘରୋଇ, କୃଷି ଓ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ (ମାଗଣା କିମ୍ବା ରିହାତି) ବିଦ୍ୟୁତସେବା ଯୋଗାଇ ଦେଉଛନ୍ତି । ନିକଟରେ ପ୍ରକାଶିତ ପାୱାର ଫାଇନାନ୍ସ କର୍ପୋରେସନ୍ ରିପୋର୍ଟ ଅନୁସାରେ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ସେବା ପାଇଁ ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟ ସରକାରଙ୍କ ରାଜକୋଷରୁ ବାର୍ଷିକ ୨ ଲକ୍ଷ ୫୫ ହଜାର କୋଟି ଟଙ୍କା ବ୍ୟୟ କରୁଛନ୍ତି । ଓଡିଶା ସରକାର ସୁଲଭ ବିଦ୍ୟୁତ୍ ସେବା ପାଇଁ ରାଜକୋଷରୁ ଏକ ଟଙ୍କା ବି ବ୍ୟୟ କରୁନାହାଁନ୍ତି । ଓଡିଶାର ବିଦ୍ୟୁତ୍ ଉପଭୋକ୍ତା ଜାତୀୟ ହାର ତୁଳନାରେ ହାରାହାରି ୟୁନିଟ୍ ପିଛା ୫୦ ପଇସା ଅଧିକ ବିଦ୍ୟୁତ୍ ବିଲ୍ ପୈଠ କରୁଛନ୍ତି । ସୁଲଭ ମୂଲ୍ୟରେ ବିଦ୍ୟୁତ୍ ସେବା ଉପଲବ୍ଧ ହେଲେ କୃଷି ଉତ୍ପାଦନ ବୃଦ୍ଧି ପାଇବା ସହିତ ଅନେକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଘରୋଇ ଓ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୁଲଭ ବିଦ୍ୟୁତ ସେବା ଯୋଜନା ଉପଲବ୍ଧ ହେଲେ ନିମ୍ନ ମଧ୍ୟବିତ୍ତ ଯୁବକ ଓ ଯୁବତୀମାନେ ଆତ୍ମନିର୍ଭର ହେବା ସହ ରୋଜଗାରକ୍ଷମ ହୋଇପାରିବେ । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଗାଯୋଗ, ଗମନାଗମନ ଓ ପାନୀୟ ଜଳ ଭଳି ମୌଳିକ ଭିତିଭୂମି ଏବଂ ସେବାକୁ ଯେପରି ସୁଲଭ କରାଯାଉଛି । ସେପରି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଭିତିଭୂମି ସେବାକୁ ସୁଲଭ କରିବାର ଆବଶ୍ୟକ ହୋଇପଡ଼ିଛି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ।

ଲୋକ ରଞ୍ଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର/ବରଗଡ଼, ୧୩/୦୫(ଆ.ପ୍ର) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କାର ଭାରତୀ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲ୍ଲାର ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ମେ' ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । 'ଲୋକ ରଞ୍ଜନୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ବରଗଡ଼ର ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗର୍ତ୍ତିଆ ଏବଂ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶାର ସମୃଦ୍ଧ ଲୋକ ସଂସ୍କୃତି ଓ ଲୋକ ନୃତ୍ୟ ଓ ସଙ୍ଗୀତ ସମ୍ପର୍କରେ ଆଲୋକପାତ କରିବା ସହ ଲୋକ ରଞ୍ଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ଯୁବ କଳାକାରମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ରକୃଷ୍ଟ ମଂଚ ପ୍ରଦାନ କରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଲୋକନୃତ୍ୟ ଓ ସଙ୍ଗୀତକୁ ଏକ ଅନନ୍ୟ ପରିଚୟ ପ୍ରଦାନ କରିଥିବା ସମସ୍ତ କଳାକାରମାନଙ୍କୁ ଅତିଥିମାନେ ସାଧୁବାଦ ଜଣାଇବା ସହ ଯୁବ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ କଳାକାରମାନେ ଘୁଡ଼୍‌କା ନୃତ୍ୟ, ଡଳକିଆ ନୃତ୍ୟ, ଘୋଡ଼ା ନାଚ, ପାଇକ ଆଖଡ଼ା, ସମ୍ବଲପୁରୀ ନୃତ୍ୟ, ଧୁନକେଲ ନୃତ୍ୟ, ବାଘ ନୃତ୍ୟ, କୁଇ ନୃତ୍ୟ ଆଦି ପରିବେଷଣ କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଶାବଳରେ ପିଟି ଦୁଇଜଣଙ୍କୁ ହତ୍ୟା

ରାଇରଙ୍ଗପୁର, ୧୩/୦୫(ଆ.ପ୍ର) : ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ଜଣେ ଯୁବକଙ୍କ ଶାବଳ ମାଡ଼ରେ ଦୁଇ ଜଣଙ୍କ ମୃତ୍ୟୁଘଟିଛି । ପରବର୍ତ୍ତୀ ସମୟରେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଅଭିଯୁକ୍ତ ଯୁବକର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ତେବେ କେଉଁ କାରଣରୁ ଅଭିଯୁକ୍ତଜଣକ ଏଭଳି କାଣ୍ଡ କରିଛି ତାହା ଏଯାଏଁ ଜଣାପଡ଼ିନାହିଁ । ମୃତ୍ୟୁ ଘଟିଥିବା ଅଭିଯୁକ୍ତ ଜଣକ କୁଲୁଘୁଟୁ ଗାଁର ମୋଟକା ଆଲଦା(୨୫) ଓ ମୋଟକାର ଶାବଳ ମାଡ଼ରେ ମୃତ୍ୟୁ ଘଟିଥିବା ବ୍ୟକ୍ତି ଦୁଇଜଣ ସେହି ଗାଁର ଗୋପୀନାଥ ସର୍ଦ୍ଦାର ଓ ବୁଦ୍ଧେଶ୍ୱର ରଣା । ସୂଚନା ଅନୁସାରେ, ଆଜି (ବୁଧବାର) ପୂର୍ବାହ୍ନ ?ଣ ପ୍ରାୟ ୮.୩୦ରୁ ୯.୦୦ଟା ସମୟରେ ଅଭିଯୁକ୍ତ ମୋଟକା ଆଲଦା ନିଶାଶକ୍ତ କିମ୍ବା ମାନସିକ ଭାରସାମ୍ୟ ହରାଇ ନିଜ ଘର ସମ୍ମୁଖରେ ଠିଆ ହୋଇଥିଲା । ସେହି ବାଟ ଦେଇ ଗୋପୀନାଥ ସର୍ଦ୍ଦାର(୬୨) ଓ ବୁଦ୍ଧେଶ୍ୱର ରଣା(୫୦) ଆସୁଥିବା ଦେଖି ମୋଟକା ସେମାନଙ୍କ ଉପରେ ଲୁହା ଶାବଳରେ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଗୋପୀନାଥ ଓ ବୁଦ୍ଧେଶ୍ୱରଙ୍କ ମୃତ୍ୟୁ ହୋଇଛି । ତେବେ ହତ୍ୟା ପୂର୍ବରୁ ପ୍ରଥମେ ଏକ କୁକୁଡ଼ାକୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟା କରି ଘର ଉପରକୁ ଫିଙ୍ଗି ଦେଇଥିଲା ବୋଲି ଗ୍ରାମବାସୀମାନେ କହିଛନ୍ତି ।

ସକାଳୁଆ ଅଫିସ ପାଲଟିଛି ପ୍ରହସନ, ଠିକ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି ଅଧିକାରୀ ଓ କର୍ମଚାରୀ

ଖଣ୍ଡପଡ଼ା, ୧୩/୦୫(ଆ.ପ୍ର) : ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବାରୁ ଏହାକୁ ନଜରରେ ରଖି ରାଜ୍ୟ ସରକାର ଗତ ଏପ୍ରିଲ ମାସରୁ ସକାଳୁଆ କାର୍ଯ୍ୟାଳୟ ଗୁଡିକ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସକାଳ ୭ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ମାତ୍ର ଖଣ୍ଡପଡ଼ା ସହରରେ ଅବସ୍ଥିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକୁ ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀମାନେ କେହି ହେଲେ ଠିକ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି । ସକାଳ ୯ ଟା ରୁ ୧୦ ଟା ମଧ୍ୟରେ ଅଧିକାରୀମାନେ କାର୍ଯ୍ୟାଳୟ ଗୁଡିକରେ ପାଦ ଦେଉଥିବା ଜଣାପଡିଛି । ଦୈନିକ ସରକାରୀ କାର୍ଯ୍ୟରେ ଦୂର ଦୂରାନ୍ତରୁ ଆସୁଥିବା ଜନସାଧାରଣ ପ୍ରଶାସନିକ ଅଧିକାରୀମାନଙ୍କର ଦେଖା ନ ପାଇ ଏବେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଖଣ୍ଡପଡ଼ା ବ୍ଲକ,ତହସିଲ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଏକାଧିକ ସରକାରୀ କାର୍ଯ୍ୟାଳୟରେ ଏପରି ଅବସ୍ଥା ସକାଳୁଆ କାର୍ଯ୍ୟାଳୟ ଆରମ୍ଭରୁ ପରିଲକ୍ଷିତ ହେଉଛି । ମୋଟାମୋଟି ଭାବେ ସକାଳୁଆ ଅଫିସ ଏକ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସଂପର୍କରେ ନୟାଗଡ଼ ଜିଲ୍ଲାପାଳ ଓ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଅବଗତ ଥିଲେ ହେଁ କେହି ହେଲେ ଏ ଦିଗରେ ଧ୍ୟାନ ଦେଉ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି । ତେବେ ବିଳମ୍ବରେ କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀମାନଙ୍କ କାର୍ଯ୍ୟକଳାପ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ପ୍ରତିଶ୍ରୁତିର ୧୦ ବର୍ଷ ପରେ ବି, ଖଣ୍ଡପଡ଼ାରେ ନିର୍ମାଣ ହୋଇ ପାରିଲାନି ବିଦ୍ୟୁତ ଗ୍ରୀଡ ଷ୍ଟେସନ

ଖଣ୍ଡପଡ଼ା, ୧୩/୦୫(ଆ.ପ୍ର) : ଅଂଚଳବାସୀଙ୍କ ବିଦ୍ୟୁତ ସମସ୍ୟାର ସମାଧାନ ନିମନ୍ତେ ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ବିଦ୍ୟୁତ ଗ୍ରୀଡ । ଏଭଳି ଗତ ୧୦ ବର୍ଷ ଧରି ଜନ ପ୍ରତିନିଧିମାନେ ଅଂଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ୍ୟ ଅଦ୍ୟାବଧି ପ୍ରଶାସନିକ ସ୍ତରରେ ସେ ନେଇ ସେଭଳି କୌଣସି ତତ୍ପରତା ପ୍ରକାଶ ପାଇ ନଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଦିର୍ଘ ବର୍ଷ ଧରି ନୟାଗଡ ନିକଟସ୍ଥ ରାଜପାଟଣା ଠାରେ ସ୍ଥାପିତ ବିଦ୍ୟୁତ ଗ୍ରୀଡ ଉପରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଦ୍ୟୁତ ଉପଭୋକ୍ତାମାନେ ନିର୍ଭର କରି ଆସୁଛନ୍ତି । ଫଳରେ ଅଂଚଳବାସୀ ସଦା ସର୍ବଦା ଲୋ- ଭୋଲଟେଜ ସମସ୍ୟା ଠାରୁ ଆରମ୍ଭ କରି ଅଘୋଷିତ ବିଦ୍ୟୁତ କାଟ ପରି ସବୁ କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଗ୍ରୀଷ୍ମ ଋତୁରେ ଖଣ୍ଡପଡ଼ା ଅଂଚଳର ଜନସାଧାରଣ ବିଦ୍ୟୁତ ସମସ୍ୟାକୁ ନେଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଜଣାପଡିଛି । ପ୍ରକାଶଥାଉକି ଖଣ୍ଡପଡ଼ାର ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସମୟରେ ଖଣ୍ଡପଡ଼ା ଉପକଣ୍ଠରେ ଏକ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୫ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା । ମାତ୍ର ଖଣ୍ଡପଡ଼ା ତହସିଲ ପ୍ରଶାସନ ବିଦ୍ୟୁତ ଗ୍ରୀଡ ନିର୍ମାଣ ନିମନ୍ତେ ଆବଶ୍ୟକ ପଡୁଥିବା ସରକାରୀ ଜାଗା ଯୋଗାଇ ଦେବାରେ ବିଳମ୍ବ ହେବା ଯୋଗୁଁ ଅନୁଦାନ ଅର୍ଥ ବିନିଯୋଗ ନ ହୋଇ ଫେରି ଯାଇଥିଲା । ପରବର୍ତ୍ତୀ ସମୟରେ କ୍ଷମତାସୀନ ଜନ ପ୍ରତିନିଧିମାନେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ଦିଗରେ ସେଭଳି ଆନ୍ତରିକତା ପ୍ରକାଶ କରି ନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । କେବଳ ଲୋକ ଦେଖାଣିଆ ଭାବେ ଜନ ପ୍ରତିନିଧିମାନେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ନେଇ ପ୍ରଚେଷ୍ଟା ଜାରି ରଖିଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତେବେ କେବେ ଆଉ ଖଣ୍ଡପଡ଼ାରେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ହେବ ସେ ନେଇ ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଏ ଦିଗରେ ଜନ ପ୍ରତିନିଧିଙ୍କ ପାରିବାର ପଣିଆକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ପ୍ରକାଶଥାଉକି ଖଣ୍ଡପଡ଼ା ଠାରେ ବିଦ୍ୟୁତ ଗ୍ରୀଡ ସ୍ଥାପନ ହେଲେ ଖଣ୍ଡପଡ଼ା,ଭାପୁର ଓ ଗଣିଆ ପ୍ରଭୃତି ୩ ଟି ବ୍ଲକ ଅଂଚଳର ବିଦ୍ୟୁତ ଉପଭୋକ୍ତାମାନେ ବେଶ ଉପକୃତ ହେବା ସହ ସବୁଦିନ ପାଇଁ ଅଂଚଳବାସୀଙ୍କ ବିଦ୍ୟୁତ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଜଣାପଡିଛି । ଏ ଦିଗରେ ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପ୍ରଶାସନ ଓ ବିଦ୍ୟୁତ ବିଭାଗ ମନ୍ତ୍ରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବାସୀ ଦାବି କରିଛନ୍ତି ।

ଆରଏସପି ପକ୍ଷରୁ ପାର୍ଶ୍ୱାଂଚଳ ଗ୍ରାମର ୬୫୭ ଜଣ ଛାତ୍ରଛାତ୍ରୀଙ୍କୁ ୧୩.୧୩ ଲକ୍ଷ ଟଙ୍କାର ଶିକ୍ଷା ଯୋଗ୍ୟତାଭିତିକ ପୁରସ୍କାର ପ୍ରଦାନ

ରାଉରକେଲା, ୧୩/୦୫(ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ନୂଆଗାଁ, ବିସ୍ରା, କୁଆରମୁଣ୍ଡା ଏବଂ ଲାଠିକଟା ରାଜସ୍ୱ ବ୍ଲକ, ଇସ୍ପାତ ଆଦର୍ଶ ଗ୍ରାମ, ପୁନଃବସତି କଲୋନୀ/କ୍ୟାମ୍ପର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୟୁପି ସ୍କୁଲ ଏବଂ ଉଚ୍ଚ ବିଦ୍ୟାଳୟର ସପ୍ତମ ଏବଂ ଦଶମ ଶ୍ରେଣୀର ମୋଟ ୬୫୭ ଜଣ ମେଧାବୀ ପାସ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଯୋଗ୍ୟତାଭିତିରେ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗତ ମଇ ୮ ତାରିଖ ଦିନ ସିଏସଆର ବିଭାଗର ଇନଷ୍ଟିଚ୍ୟୁଟ୍ ଫର୍ ପେରିଫେରାଲ୍ ଡେଭଲପମେଂଟ (ଆଇପିଡି) ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଏସଏମଏସ-୧ ବିଭାଗର ସିଜିଏମ ବି ସୁନୀଲ କାର୍ଥି, କେତେକ ଛାତ୍ରଛାତ୍ରୀଙ୍କୁ ଡମି ଚେକ୍ ପ୍ରଦାନ କରିବା ସହିତ ସମ୍ପୃକ୍ତ ଛାତ୍ର ଛାତ୍ରୀଙ୍କ ଆକାଉଂଟକୁ ଅନଲାଇନ ଜରିଆରେ ଟଙ୍କା ପଠା ଯାଇଥିଲା । ଏହି ଅବସରରେ ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ୍ ମିତ୍ର, ଡି ଜି ଏମ, ଆରଏସ୍ ତାରାଙ୍କ ସମେତ ଆରଏସପିର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏହି କ୍ରମରେ ଗତ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପରୀକ୍ଷାର ଫଳାଫଳ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି । ଏହି ଚୟନ ତାଲିକାରେ ମୋଟ ୬୬ଟି ହାଇସ୍କୁଲରୁ ମୋଟ ୨୦୩ ଜଣ ଛାତ୍ରଛାତ୍ରୀ ଏବଂ ୧୫୦ଟି ୟୁପି ସ୍କୁଲରୁ ୪୫୪ ଜଣ ଛାତ୍ରଛାତ୍ରୀ ଥିଲେ । ପ୍ରତ୍ୟେକ ସ୍କୁଲର ପୁଅ ଏବଂ ଝିଅଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୩୦୦୦/- ଟଙ୍କା, ୨୦୦୦/- ଟଙ୍କା ଏବଂ ୧୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା । ଛାତ୍ରବୃତି ପାଇଁ ମୋଟ ୧୩.୧୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଶ୍ରୀ କାର୍ଥି ତାଙ୍କ ଅଭିଭାଷଣରେ, ପାର୍ଶ୍ୱବର୍ତ୍ତୀ ଲୋକଙ୍କର ସାମଗ୍ରିକ ବିକାଶ ପାଇଁ ଆର ଏସ ପିର ବହୁବିଧ ସି ଏସ ଆର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ସେ ଛାତ୍ରବୃତିର ଶ୍ରେଷ୍ଠ ବ୍ୟବହାର କରିବା ସହିତ ନିଷ୍ଠାର ସହିତ ସେମାନଙ୍କର ଶୈକ୍ଷିକ ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ଥିଲେ । ପ୍ରାରମ୍ଭରେ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଆରଏସ୍ ତାରା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସିଏସଆର ବିଭାଗର ସେକ୍ସନ ଅଫିସର ବି ଏକ୍କା, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ସାପ୍ତାହିକ ନବୀନର ୯୭ତମ ସ୍ୱକ୍ଷତ୍ର ଉତ୍ସବ

ବ୍ରହ୍ମପୁର, ୧୩/୦୫(ଆ.ପ୍ର) : ସମ୍ପ୍ରତି ଦେଶରେ ସମ୍ବାଦପତ୍ର ଗୁଡ଼ିକ ଦିନକୁ ଦିନ କର୍ପୋରେଟ୍ ହାଉସ ନିୟନ୍ତ୍ରଣକୁ ଚାଲିଯାଉଥିବାରୁ ସ୍ୱଚ୍ଛ ଓ ସ୍ୱାଧୀନ ମତ ପ୍ରକାଶରେ ବାଧା ଉପୁଜୁଛି । ସମ୍ବାଦପତ୍ରର ପରାଧୀନତା ସମାଜ ପାଇଁ କ୍ଷତିକାରକ ବୋଲି ସ୍ଥାନୀୟ ନବୀନ ଭବନ ପରିସରରେ ଅନୁଷ୍ଠିତ ପୁରାତନ ସମ୍ବାଦପତ୍ର ନବୀନର ୯୭ତମ ସ୍ୱକ୍ଷତ୍ର ଉତ୍ସବରେ ମ ।ସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସଂସ୍କୃତି ଗବେଷକ ଡକ୍ଟର ବାୟାମନୁ ଚର୍ଚ୍ଚି, ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଜଳବାୟୁ ବୈଜ୍ଞାନିକ ଡ. ଉମୟୁଧର ସାହୁ, ଦର୍ଶୀୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ନବୀନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ସମ୍ପ୍ରତି ସମ୍ବାଦପତ୍ର ଗୁଡ଼ିକର ସ୍ୱାଧୀନତାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ସ୍ତରରେ ହୀନ ଉଦ୍ୟମକୁ ନାପସନ୍ଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ ବୁଦ୍ଧିଜୀବୀ ସାମ୍ବାଦିକ, ସାହିତ୍ୟିକ ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ କାମରାଜୁ ମହାରଣା, ସାମ୍ବାଦିକ ରଙ୍ଗନାଥ ସେଠୀ, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଶିକ୍ଷକ ନେତା ଅଶୋକ କୁମାର ଦଳେଇ, ଭୂମିକା ାର ସମ୍ପାଦକ ସ୍ୱଦେଶ ଚନ୍ଦ୍ର ଦାଶ, ଭାଗବତ ଭରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, ସମାଜସେବୀ ରାମକୃଷ୍ଣ ପାତ୍ର ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସଂସ୍କୃତି ଗବେଷକ ଡ ବାୟାମନୁ ଚର୍ଚ୍ଚି, ସାମ୍ବାଦିକା ବିଶ୍ୱପ୍ରିୟା ସାହୁ, ସାମ୍ବାଦିକ ତଥା ସମାଜସେବୀ ପ୍ରଦ୍ୟୁମ୍ନ ମହାନ୍ତି ଓ ଯୁବ ସାମ୍ବାଦିକ ଶ୍ରଦ୍ଧାନନ୍ଦ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ନବୀନର ସହସମ୍ପାଦକ ସୁଶାନ୍ତ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମ୍ବାଦିକ ରଂଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପବିତ୍ର ଚୌଧୁରୀ, ଅରୁଣ ପଣ୍ଡା ସକ୍ରିୟ ସହଯୋଗ କରିଥିଲେ ।

ସେଲ୍, ରାଉରକେଲା ଇସ୍ପାତ କାରଖାନା ସମସ୍ତ ପ୍ଲାଂଟ ୟୁନିଟ୍‌ଗୁଡ଼ିକରେ ମୌସୁମୀ ପ୍ରସ୍ତୁତି ଆରମ୍ଭ

ରାଉରକେଲା, ୧୩/୦୫(ଆ.ପ୍ର) : ଆସନ୍ତା ମୌସୁମୀ ଋତୁକୁ ଦୃଷ୍ଟିରେ ରଖି, ସେଲ୍, ରାଉରକେଲା ଇସ୍ପାତ କାରଖାନା ବର୍ଷା ଋତୁରେ ନିରବଚ୍ଛିନ୍ନ ଉତ୍ପାଦନ, କାର୍ଯ୍ୟକ୍ଷମ ସୁରକ୍ଷା ଏବଂ ପ୍ରଭାବଶାଳୀ ବର୍ଷା ଜଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ କାରଖାନା ଏବଂ ସହରାଂଚଳରେ ଏକ ବ୍ୟାପକ ମୌସୁମୀ ପ୍ରସ୍ତୁତି ଅଭିଯାନ ଆରମ୍ଭ ହୋଇଛି । ଟାସ୍କ ଫୋର୍ସ ଦ୍ୱାରା କରାଯାଇଥିବା ସ୍ଥାନ ଯାଂଚ ଏବଂ ବିଭିନ୍ନ କାରଖାନା ୟୁନିଟ୍‌ଗୁଡ଼ିକରେ ଅତୀତର ମୌସୁମୀ ଅଭିଜ୍ଞତା ଉପରେ ମୌସୁମୀ ପ୍ରସ୍ତୁତି ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତି ହୋଇଛି । ସିଭିଲ୍ ଇଞ୍ଜିନିୟରିଂ ସେବା ସି ଇ (ଏସ) ବିଭାଗ, ବିଭିନ୍ନ ବିଭାଗ ସହିତ ସମନ୍ୱୟ ପୂର୍ବକ କାର୍ଯ୍ୟକଳାପ ପ୍ରସ୍ତୁତ ହେଉଅଛି । ଉକ୍ତ ଯୋଜନା ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବେ, ବର୍ଷା ଜଳର ସୁଗମ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ଗୁରାଡିହ ନାଳ, ଉତର ଚ୍ୟାନେଲ ଏବଂ ପ୍ରମୁଖ ରାସ୍ତା କଡ଼ର ଡ୍ରେନ୍‌ଗୁଡ଼ିକର ବ୍ୟାପକ ଘାସ ସଫା, କରାଯାଉଛି । ବିଭାଗୀୟ ବ୍ୟାଟେରୀ ସୀମା ବାହାରେ ଥିବା ସମସ୍ତ ଭୂତଳ ଡ୍ରେନ୍ ଏବଂ ଡ୍ରେନେଜ୍ ସିଷ୍ଟମ୍ ମଧ୍ୟ ସି ଇ (ଏସ) ବିଭାଗ ଦ୍ୱାରା ସଫା ଏବଂ ରକ୍ଷଣାବେକ୍ଷଣ କରାଯାଉ ଥିବା ବେଳେ କେତେକ ବିଭାଗଗୁଡ଼ିକୁ ସେମାନଙ୍କ ନିଜ ନିଜ ବିଭାଗ ମଧ୍ୟରେ ଆଭ୍ୟନ୍ତରୀଣ ଡ୍ରେନ୍ ସଫା ଏବଂ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୋକ୍ ଓଭେନ୍, ସିଡିଏସିପି, ବ୍ଲାଷ୍ଟ ଫର୍ଣ୍ଣେସେସ୍, ଏସଜିପି, ଏସ୍ ପି -୧, ସିପିପି-୧, ଓବିବିପି, ପ୍ଲେଟ୍ ମିଲ୍, ଏଚ୍‌ଏସଏମ ଏବଂ ବ୍ୟାଟେରୀ ସେକ୍ସନ ସମେତ କେତେକ ଅଂଚଳରେ ପମ୍ପ ଏବଂ ଡିୱାଟରିଂ ସିଷ୍ଟମର ପ୍ରତିରୋଧକ ରକ୍ଷଣାବେକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହି ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ପାଇଁ, ବର୍ଷା ଜଳ ନିୟନ୍ତ୍ରଣ କାର୍ଯ୍ୟକଳାପ ପାଇଁ ଅତିରିକ୍ତ ମାନବ ସମ୍ବଳ ନିୟୋଜିତ କରାଯାଉଛି ଏବଂ ନିୟୋଜିତ ହେବା ପୂର୍ବରୁ ଓରିଏଂଟେସନ୍ ତାଲିମ ପ୍ରଦାନ କରାଯିବ । ପ୍ରବଳ ବର୍ଷା ଆରମ୍ଭ ହେବା ପୂର୍ବରୁ ଛାତ, ଡାଉନ୍ କମର୍ ଏବଂ ଡ୍ରେନେଜ୍ ସମ୍ବନ୍ଧୀୟ ଭିତିଭୂମିର ମରାମତି ଏବଂ ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଆହୁରି ମଧ୍ୟ, ଏଚ ଏସ ଏମ -୨ ବିଭାଗ ର ପମ୍ପ ହାଉସ୍ ନିକଟରେ ନିର୍ମିତ ହ୍ୟୁମ୍ ପାଇପ୍ କଲଭର୍ଟ ସହିତ ଏକ ନୂତନ ବନ୍ଧକୁ ଜଳ ପ୍ରବାହରେ ପ୍ରତିବନ୍ଧକ ଭାବରେ ଚିହ୍ନଟ କରାଯାଇଛି ଏବଂ ବର୍ଷା ସମୟରେ ଜଳ ନିଷ୍କାସନକୁ ସୁଗମ କରିବା ପାଇଁ ଏହାକୁ ହଟାଯାଉଛି । ସେହିପରି, ଡବ୍ଲୁ ଟି ୪ ୧ ନିକଟ ଗୁରାଡିହ ନାଳ ଏବଂ ନୂତନ ସି ଆଇ ଏସ ଏଫ ଗେଟରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକଗୁଡ଼ିକୁ ମଧ୍ୟ ବର୍ଷାଜଳର ସୁଗମ ନିଷ୍କାସନ ପାଇଁ ପ୍ରାଥମିକତା ଦୃଷ୍ଟିରେ ସଫା କରାଯାଉଛି । ଏହି କାର୍ଯ୍ୟ ଯୋଜନାରେ ଲାଗୁନ୍ ଗେଟ୍‌ର କାର୍ଯ୍ୟକ୍ଷମ ପ୍ରସ୍ତୁତି, ଜରୁରୀକାଳୀନ ପ୍ରତିକ୍ରିୟା ପାଇଁ ଯାନବାହନ ଏବଂ କ୍ରେନ୍ ନିୟୋଜିତ କରିବା, ଗୁରୁତ୍ୱପୂର୍ଣ୍ଣ ଡ୍ରେନେଜ୍ ପଏଂଟରେ ଆଲୋକୀକରଣ ବ୍ୟବସ୍ଥା ଏବଂ ବର୍ଷା ଜଳ ନିୟନ୍ତ୍ରଣ ସହାୟତା ସିଷ୍ଟମର ୨୪ ଘଂଟା ସେବା ଉପଲବ୍ଧତା ମଧ୍ୟ ଅନ୍ତର୍ଭୁକ୍ତ ଅଛି । ସମସ୍ତ ମୌସୁମୀ ପ୍ରସ୍ତୁତି କାର୍ଯ୍ୟକଳାପ ଆସନ୍ତା ଜୁନ ୧୦ ତାରିଖ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ବ୍ୟତୀତ, ୨୦୨୬ ଜୁନ୍ ୧୫ ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସିଇ(ଏସ୍) କାର୍ଯ୍ୟାଳୟରେ ଏକ ୨୪ଘଣ୍ଟ ବର୍ଷା ଜଳ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ । ଏହି ନିୟନ୍ତ୍ରଣ କକ୍ଷ ମୌସୁମୀ ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ତୁରନ୍ତ ସମାଧାନ ପାଇଁ ୨୪ ଘଂଟା ତଦାରଖ ଏବଂ ଅନ୍ୟ ବିଭାଗ ସହିତ ସମନ୍ୱୟକୁ ସୁନିଶ୍ଚିତ କରିବ ।

ରାଜ୍ୟଗୋଷ୍ଠୀ ଆୟୋଜନକୁ ମିଳିଲା ନୂଆ ଶକ୍ତି

ଅହମଦାବାଦ, ୧୩/୫ (ନ୍ୟୁ.ଏ) : ଗୁଜରାଟର ଅହମଦାବାଦଠାରେ ଆୟୋଜିତ ହେବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା । ୨୦ବର୍ଷ ପରେ ଭାରତ ଫେରିବାକୁ ଯାଉଥିବା ଏହି ବହୁରାଷ୍ଟ୍ରୀୟ କ୍ରୀଡ଼ା ମହୋତ୍ସବକୁ ଅଭୁଲା ଓ ଅବିସ୍ମରଣୀୟ କରିବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ଏବେଠୁ ଅଂଟା ଭିଡ଼ିଲାଣି । ଗୁଜରାଟ ସରକାରଙ୍କ ସହ ମିଶି ମନ୍ତ୍ରାଳୟ ଏହି ପ୍ରତିଯୋଗିତା ଲାଗି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା, ଉତ୍ସାହ ଓ ଉନ୍ମାଦ ସୃଷ୍ଟି କରିବା ଲାଗି ମଙ୍ଗଳବାର ଏକାଧିକ ଅଭିନବ ପଦକ୍ଷେପ ଘୋଷଣା କରିଛି । ବିଶେଷ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ନେଇ ଆଗ୍ରହ ସୃଷ୍ଟି କରିବା ଲାଗି ଖୁବ୍‌ଶୀଘ୍ର ଏକାଧିକ କ୍ରୀଡ଼ା ଭିତ୍ତିକ ପ୍ରତିଯୋଗିତା ଓ ଜଣାଅଜଣା କାର୍ଯ୍ୟକ୍ରମ କରାଯିବ ଘୋଷଣା କରାଯାଇଛି । କେତେକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାରିଥିବା ମଧ୍ୟ ସୂଚନା ଦିଆଯାଇଛି । ସେଥିମଧ୍ୟରେ ରହିଛି ମଶାଲ ଡିଜାଇନ୍ ପ୍ରତିଯୋଗିତା, ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ନେଇ ରିଲ୍ ପ୍ରସ୍ତୁତ କରିବା ରହିଛି ପ୍ରମୁଖ । ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ନେଇ ଏକ ଜାତୀୟସ୍ତରୀୟ ଜଣାଅଜଣା କାର୍ଯ୍ୟକ୍ରମ କରାଯାଉଥିବା ଜଣାପଡ଼ିଛି ।

ମଶାଲରେ ଆକୃତି ଓ ପ୍ରକୃତିରେ ଭାରତର ସଂସ୍କୃତି, ଐତିହ୍ୟ, ସ୍ଥାୟୀତ୍ୱ ଏବଂ କ୍ରୀଡ଼ା ପାରଦର୍ଶିତା ସହ ଦେଶରେ ହେଉଥିବା ଉଭାବନକୁ ସାମିଲ କରାଯିବ । ଶ୍ରେଷ୍ଠ ଡିଜାଇନ୍‌କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆନୁଷ୍ଠାନିକ ମଶାଲ କରାଯିବା ସହ ଶ୍ରେଷ୍ଠ ଡିଜାଇନରଙ୍କୁ ପୁରସ୍କୃତ ବି କରାଯିବ । ଏଥିରେ ଦେଶର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଶେଷଜ୍ଞ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିପାରିବେ । ଆଗ୍ରହୀ ଡିଜାଇନରମାନେ ଡିଜିଟାଲ କିମ୍ବା ହାତ ଲିଖିତ ଫର୍ମାଟ୍‌ରେ ନିଜ ଡିଜାଇନ୍ ପଠାଇପାରିବେ । ତା' ସହିତ ସେମାନଙ୍କୁ ନିଜ ଡିଜାଇନ ସମ୍ବଳିତ ୨୦୦ ଶବ୍ଦର ଏକ ଲେଖା ପଠାଇବାକୁ ପଡ଼ିବ । ଏହି ପ୍ରତିଯୋଗିତା ଚଳିତ ମେ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । 'ରାଜ୍ୟଗୋଷ୍ଠୀ କ୍ରୀଡ଼ା ରିଲ୍ ଚ୍ୟାଲେଞ୍ଜ' ପାଇଁ ଅଂଶଗ୍ରହଣକାରୀମାନଙ୍କୁ 'ଭାରତର ବିକଶିତ କ୍ରୀଡ଼ା ସଂସ୍କୃତି, ସ୍ଥାନୀୟ କ୍ରୀଡ଼ା ଭିତ୍ତିଭୂମି ଏବଂ ଫିଟନେସ୍ ପ୍ରଦର୍ଶିତ କରୁଥିବା ମୌଳିକ ରିଲ୍' ତିଆରି କରିବାକୁ ପଡ଼ିବ । ଏହାର ଅବଧି ୬୦ ସେକେଣ୍ଡରୁ ଅଧିକ ହେବା ଉଚିତ ନୁହେଁ । ଏହି ପ୍ରତିଯୋଗିତା ଗତ ୭ ତାରିଖରୁ ଆରମ୍ଭ ହୋଇଯାଇଛି । ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଗୋଟିଏ ପ୍ରବେଶ ଅନୁମତି ମିଳିବ । ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୩୦ ଜଣାଅଜଣା କାର୍ଯ୍ୟକ୍ରମ ଅନ୍ତର୍ଗତ ୫ ମିନିଟ୍ ଭିତରେ ୧୦ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ । ଅଂଶଗ୍ରହଣକାରୀମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଯୋଗ୍ୟତା ଅର୍ଜନ କରିବା ପାଇଁ ଅତି କମ୍‌ରେ ୮ ନମ୍ବର ରଖିବାକୁ ହେବ । ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ କେବଳ ଗୋଟିଏ ପ୍ରୟାସ ଅନୁମତି ମିଳିବ । ଏହି ପ୍ରତିଯୋଗିତା ଗତ ୯ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ । ପ୍ରତି ସପ୍ତାହରେ ଶ୍ରେଷ୍ଠ ପାଂଚ ଜଣ ବିଜେତାଙ୍କ ନାମ ଘୋଷଣା କରାଯିବ ।

ବସରେ ଯାତ୍ରା କରିବେ ନୀତିନ ଗଡକରୀ

ନୂଆଦିଲ୍ଲୀ, ୧୩/୫ (ନ୍ୟୁ.ଏ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶକ୍ତି ସୁରକ୍ଷା ଓ ଇନ୍ଧନ ସଂରକ୍ଷଣ ଆହ୍ୱାନକୁ ଗ୍ରହଣ କରି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏକ ଉଦାହରଣୀୟ ନିଷ୍ପତି ନେଇଛନ୍ତି । ଆସନ୍ତା ୧୪ ଓ ୧୫ ମେ'ରେ ମହାରାଷ୍ଟ୍ରର ପୁଣେ, ସତାରା ଓ ସୋଲାପୁର ଗସ୍ତ ସମୟରେ ସେ ନିଜର ବିଶାଳ କାଫିଲା ବଦଳରେ ବସ୍ ଯୋଗେ ଯାତ୍ରା କରିବେ । ଏହି ଯାତ୍ରା ସମୟରେ ତାଙ୍କ ସହିତ ସୁରକ୍ଷା କର୍ମୀ, ବିଭାଗୀୟ ଅଧିକାରୀ ଓ ସାମ୍ବାଦିକମାନେ ମଧ୍ୟ ସେହି ବସରେ ରହିବେ । ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗଡକରୀ ଏହି ସମୟରେ ସନ୍ଥ ଜ୍ଞାନେଶ୍ୱର ମହାରାଜ ଏବଂ ସନ୍ଥ ତୁକାରାମ ମହାରାଜ ପାଲଖି ମାର୍ଗ ପ୍ରକଳ୍ପର ଯାଂଚ କରିବେ । ଏହାଦ୍ୱାରା ଇନ୍ଧନ ସଂଚୟ ହେବା ସହ ଟ୍ରାଫିକ୍

ପରିଚାଳନାରେ ମଧ୍ୟ ସୁବିଧା ହେବ । ମନ୍ତ୍ରଣାଳୟ ପକ୍ଷରୁ ସଂପୃକ୍ତ ଜିଲ୍ଲାର କଲେକ୍ଟର ଓ ପୋଲିସ ଅଧୀକ୍ଷକମାନଙ୍କୁ ଚିଠି ଲେଖି ମନ୍ତ୍ରୀଙ୍କ କନଭୟରେ ଗାଡ଼ି ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ଅନୁରୋଧ କରାଯାଇଛି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ହାଇଦ୍ରାବାଦରେ ଏକ ସଭା ସମୟରେ ନାଗରିକମାନଙ୍କୁ ପେଟ୍ରୋଲ-ଡିଜେଲ ବ୍ୟବହାର କମ କରି ମେଟ୍ରୋ, ଇଲେକ୍ଟ୍ରିକ୍ ବସ୍ ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀ ନିଜେ ମଧ୍ୟ ଏହାର ଅନୁପାଳନ କରି ନିଜ କାଫିଲାର ଆକାର ହ୍ରାସ କରିଛନ୍ତି । ଅଡି ଦିଲ୍ଲୀର ରାସ୍ତାରେ ପ୍ରଧାନମନ୍ତ୍ରୀଙ୍କ କାଫିଲାରେ ମାତ୍ର ଦୁଇଟି ଯାନ ଦେଖିବାକୁ ମିଳିଥିଲା, ଯାହା ଦେଶର ଶକ୍ତି ସୁରକ୍ଷା ପ୍ରତି ସରକାରଙ୍କ ଗମ୍ଭୀରତାକୁ ଦର୍ଶାଉଛି । ଇନ୍ଧନ ସଂରକ୍ଷଣ ଦିଗରେ ନେତା ଓ ଅଧିକାରୀମାନଙ୍କର ଏହି ନୂତନ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

ବିଶ୍ୱର ସବୁଠାରୁ ଦୂରଗାମୀ ମିସାଇଲ୍ ପରୀକ୍ଷା କଲା ରୁଷ

ମସ୍କୋ, ୧୩/୫ (ନ୍ୟୁ.ଏ) : ରୁଷ ବିଶ୍ୱର ସବୁଠାରୁ ଦୂରଗାମୀ କ୍ଷେପଣାସ୍ତ୍ର (ମିସାଇଲ) 'ସରମତ୍'ର ସଫଳ ପରୀକ୍ଷା କରିଛି । ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ହେଉଛି ୩୫ ହଜାର କିଲୋମିଟରରୁ ଅଧିକ । ଚଳିତବର୍ଷ ଶେଷ ସୁଦ୍ଧା ଏହାକୁ ସେନାରେ ମୁତୟନ କରାଯିବ । ସରମତ୍ ହେଉଛି ଏକ ଆଣବିକ ଶକ୍ତି ସମ୍ପନ୍ନ ମିସାଇଲ । ଏହାକୁ ମାକେୟେଭ ରକେଟ ଡିଜାଇନ ବ୍ୟୁରୋ ଦ୍ୱାରା ବିକଶିତ କରାଯାଇଛି । ଏହାକୁ ରୁଷର ଷ୍ଟ୍ରାଟେଜିକ ରକେଟ ଫୋର୍ସେସ୍ ଦ୍ୱାରା ସଂଚାଳିତ କରାଯିବ । ରୁଷ ଏହାକୁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରେ । ସରମତ୍ ସାଟନ-୨ ନାମରେ ମଧ୍ୟ ପରିଚିତ । ଏହା ପୁରୁଣା ଏସ୍‌ଏସ୍-୧୮ ମିସାଇଲର ଆଧୁନିକ ଓ ଘାତକ ସଂସ୍କରଣ । ଏହାର ପ୍ରାରମ୍ଭିକ ଦୂରଗାମୀ କ୍ଷମତା ୧୮ ହଜାର କି.ମି. ରହିଥିଲା ବେଳେ ଏହା ୩୫ ହଜାରରୁ ଅଧିକ କି.ମି. ପର୍ଯ୍ୟନ୍ତ ଯାଇପାରିବ ବୋଲି ପୁଟିନ ଦାବି କରିଛନ୍ତି । ଅର୍ଥାତ ଏହା ଉତ୍ତର ଗୋଲାର୍ଦ୍ଧରୁ ଦକ୍ଷିଣ ଗୋଲାର୍ଦ୍ଧ ପର୍ଯ୍ୟନ୍ତ ବାଟରେ ରହିଥିବା ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ । ତା'ଛଡା ଏହା ଶତ୍ରୁର ଏୟାର ଡିଫେନ୍ସ ସିଷ୍ଟମକୁ ମଧ୍ୟ ଚକ୍କା ଦେବାରେ ସକ୍ଷମ । ଶତ୍ରୁର ରାଡାର କିମ୍ବା ମିସାଇଲ ନିରୋଧୀ ବ୍ୟବସ୍ଥା ଏହାକୁ ରୋକି ପାରିବ ନାହିଁ । ସେହିଭଳି ଏହି ମିସାଇଲ୍ ଏମ୍‌ଆଇଆରଭି (ମଲ୍ଟିପୁଲ ଇଣ୍ଡିପେଣ୍ଡେଂଟଲି ଟାର୍ଗେଟେଡ୍ ରି-ଏଂଟ୍ରି ଭେହିକିଲ) ବୈଷୟିକ ଜ୍ଞାନ କୌଶଳରେ ସନ୍ନିବେଶିତ । ଯାହାଫଳରେ ଗୋଟିଏ ମିସାଇଲ ଭିନ୍ନ ଭିନ୍ନ ଲକ୍ଷ୍ୟସ୍ଥଳକୁ ଟାର୍ଗେ କରିପାରିବ । ଏହି ମିସାଇଲ୍‌ରେ ଲଗାଯିବାକୁ ଥିବା ଯୁଦ୍ଧାସ୍ତ୍ର ହାଇପରସୋନିକ ବେଗରେ ବାୟୁମଣ୍ଡଳରେ ପ୍ରବେଶ କରିବ । ଅତ୍ୟଧିକ ଗତି ଯୋଗୁ ଏହାକୁ ରୋକିବା ଅସମ୍ଭବ । ଏହି ମିସାଇଲ୍ ବିଶ୍ୱର ଯେକୌଣସି ଦେଶକୁ ଟାର୍ଗେଟ କରିପାରିବ ବୋଲି ରୁଷ କହିଛି । ଫଳରେ ରୁଷର ପରମାଣୁ ଶକ୍ତି ଆହୁରି ମଜଭୁତ ହୋଇଛି । ସରମତ ମିସାଇଲର ମୁତୟନ ଆମେରିକା ଓ ନାଟୋ ଦେଶ ବିରୋଧରେ ରୁଷକୁ ମଜଭୁତ ସୁରକ୍ଷା ପ୍ରଦାନ କରିବ । ରୁଷ ଏହାକୁ ନିଜ ସାମରିକ ସୁରକ୍ଷା କବଚର ମହତ୍ୱପୂର୍ଣ୍ଣ

ବିଜୟଙ୍କୁ ସମର୍ଥନ କରିଥିବା ଦଳୀୟ ନେତାଙ୍କୁ ପଦରୁ ବିଦା କଲା ଏଆଇଏଡିଏମକେ

ନୂଆଦିଲ୍ଲୀ, ୧୩/୫ (ଆ.ପ୍ର) : ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ଏଆଇଏଡିଏମକେରେ ଦେଖା ଯାଇଥିବା ବିବାଦ ଏବେ ତୀବ୍ର ରୂପ ଧାରଣ କରିଛି । ବୁଧବାର ଏଆଇଏଡିଏମକେର ମୁଖିଆ ଇଡାପାଡି କେ ପଲାନିସ୍ୱାମୀ ବିଦ୍ରୋହୀ ନେତାଙ୍କ ବିରୋଧରେ ଗ୍ରହଣ କରିଛନ୍ତି କାର୍ଯ୍ୟାନୁଷ୍ଠାନ । ଏସପି ଭେଲୁମଣି ଓ ସିଭି ଶନମୁଗମଙ୍କ ସମେତ ଏକାଧିକ ବିଦ୍ରୋହୀଙ୍କୁ ଦଳୀୟ ପଦରୁ ବହିଷ୍କାର କରିଛନ୍ତି । ଏହି ବଦ୍ରୋହୀମାନେ ଆଜି ତାମିଲନାଡୁ ବିଧାନସଭାରେ ଦଳୀୟ ହ୍ୱିପକୁ ବେଖାତିର କରିଥିଲେ । ସେମାନେ ଟିଭିକେ ମୁଖ୍ୟ ବିଜୟଙ୍କୁ ଆସ୍ଥା ଭୋଟରେ ସମର୍ଥନ ଦେଇଥିଲେ । ଏହାପରେ ଇପିଏସ୍ ଦଳର ବିଭିନ୍ନ ପଦପଦବୀରେ ଥିବା ନେତାଙ୍କୁ ବହିଷ୍କାର କରିଛନ୍ତି । ମୋଟ ୨୯ ଜଣ ଏଆଇଏଡିଏମକ ନେତାଙ୍କୁ ଦଳୀୟ ପଦପଦବୀରୁ ହଟାଇ ଦିଆଯାଇଛି । ଏମାନଙ୍କ ମଧ୍ୟରେ ୧୩ ଜଣ ବିଧାୟକ ରହିଛନ୍ତି । ଶନମୁଗମ ଓ ଭେଲୁମଣିଙ୍କ ବ୍ୟତୀତ ଏଆଇଏଡିଏମକେର ଆର କାମରାଜ, ସି ବିଜୟଭାସ୍କର, ଥାଙ୍ଗାମଣି, କେପି ଅନବାଝଗାନ, କେସି ବୀରମଣି ଓ ଏଆର ବିଜୟ ଭାସ୍କରଙ୍କୁ ସେମାନଙ୍କ ପଦବୀ ହଟାଇ ଦିଆଯାଇଛି । ଶନମୁଗମଙ୍କ ନେତୃତ୍ୱରେ ୨୫ ଜଣ ଏଆଇଏଡିଏମକେ ବିଧାୟକ ଆଜି ଟିଭିକେ ସରକାରଙ୍କୁ ଆସ୍ଥା ଭୋଟରେ ସମର୍ଥନ କରିଥିଲେ । ଏଥିପାଇଁ ବିଜୟ ବେଶ ସହଜରେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ ଦେଖାଇ ପାରିଛନ୍ତି । ଟିଭିକେ ବିଧାନସଭା ନିର୍ବାଚନରେ ୧୦୮ ଆସ ଜିତିଥିଲା । ଏହା ମଧ୍ୟରେ ବିଜୟଙ୍କ ୨ଟି ଆସନ ରହିଛି । ଟିଭିକେ ୧୧୮ ମ୍ୟାଜିକ ନମ୍ବର ଠାରୁ ଦୂରରେ ରହିଥିବା ବେଳେ ଦଳକୁ କଂଗ୍ରେସ, ବାମଦଳ, ଆଇୟୁଏମଏଲ ଓ ଭିସିକେ ସମର୍ଥନ କରିଥିଲେ । ଆଜି ଆସ୍ଥା ଭୋଟ ସମୟରେ ଏଆଇଏଡିଏମକେର ଗୋଟିଏ ଗୋଷ୍ଠୀ ବିଜୟଙ୍କ ସପକ୍ଷରେ ଭୋଟ ଦେବାରୁ ସେ ୧୪୪ ବିଧାୟକଙ୍କ ସମର୍ଥନ ହାସଲ କରି ଆସ୍ଥା ପରୀକ୍ଷାରେ ପାସ କରିଛନ୍ତି । ଆସ୍ଥା ଭୋଟ ପରେ ଶନମୁଗମ ଖୋଲାଖୋଲି ଭାବେ ଇପିଏସଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ । ସେ କହିଥିଲେ, "ନିର୍ବାଚନ ପୂର୍ବରୁ ଦଳ ଭିତରେ ଗୋଟିଏ ଦାବି ରହିଥିଲା ଯେ ଯେଉଁମାନେ ଦଳ ଛାଡ଼ିଛନ୍ତି କିମ୍ବା ଯେଉଁମାନଙ୍କୁ ବହିଷ୍କାର କରାଯାଇଛି ସେମାନଙ୍କୁ ଫେରାଇ ଅଣାଯାଉ । ଏହାଦ୍ୱାରା ସମସ୍ତେ ଏକାଠି ହୋଇ ନିର୍ବାଚନ ଜିତିପାରିବା । କିନ୍ତୁ ସେ(ଇପିଏସ୍) ସେଭଳି କିଛି କଲେ ନାହିଁ । ଏଆଇଏଡିଏମକେର ମୌଳିକ ବିଚାରଧାରାରୁ ଇପିଏସ ଦଳକୁ ଦୂରେଇ ନେଇ ଯାଉଛନ୍ତି । ମୁଁ ଧୋକାବାଜ ନୁହେଁ । ଆମ ଦଳର ମୂଳ ନୀତି ହେଲା ଡିଏମକେର ମୂଳପୋଛ କରିବା । ୫୦ ବର୍ଷ ହେଲାଣି ଆମେ ଡିଏମକେ ବିରୋଧରେ ଲଢ଼େଇ କରୁଛୁ । କିନ୍ତୁ ଏଆଇଏଡିଏମକେର ସାଧାରଣ ସମ୍ପାଦକ ନିର୍ବାଚନ ହାରିବା ପରେ ମୁଖ୍ୟମନ୍ତ୍ରୀ ହେବାକୁ ବାହାରିଥିଲେ । ସେ ଏଆଇଏଡିଏମକେର ନୀତିକୁ ଭୁଲି ଯାଇଥିଲେ ।" ବରିଷ୍ଠ ନେତା ଓ ବିଧାୟକଙ୍କ ବିଦ୍ରୋହ ପରେ ଇପିଏସ ସମସ୍ତଙ୍କୁ ପ୍ରଥମ ପର୍ଯ୍ୟାୟରେ ଦଳୀୟ ପଦରୁ ବହିଷ୍କାର କରିଛନ୍ତି । ଏଥିସହ ବିଜୟଙ୍କୁ ଭୋଟ ଦେଇଥିବା ୨୪ ବିଧାୟକଙ୍କୁ ଦଳ ନିରୋଧ ଆଇନ ବଳରେ ଅଯୋଗ୍ୟ ବିବେଚନା କରିବାକୁ ମଧ୍ୟ ଆବେଦନ କରାଯାଇଛି ।

ଏୟାର ଇଣ୍ଡିଆ ଘୋର ଇନ୍ଧନ ସଙ୍କଟର ସମ୍ମୁଖୀନ

ନୂଆଦିଲ୍ଲୀ, ୧୩/୫ (ନ୍ୟୁ.ଏ) : ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଯୋଗୁଁ ସାରା ବିଶ୍ୱରେ ଇନ୍ଧନ ଅଭାବ ସୃଷ୍ଟି ହୋଇଛି । ଏହା ଜେଟ୍ ଇନ୍ଧନ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିଛି, ଯାହା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହି ସମୟରେ, ଏୟାର ଇଣ୍ଡିଆ ଏକ ବଡ଼ ନିଷ୍ପତି ନେଇ ଜୁନ୍ ମାସରୁ ତିନି ମାସ ପାଇଁ ଅନେକ ଆନ୍ତର୍ଜାତୀୟ ବିମାନ ଉଡ଼ାଣ ବନ୍ଦ କରିବାର ଘୋଷଣା କରିଛି । ରିପୋର୍ଟ ସୂଚିତ କରୁଛି ଯେ ଦିଲ୍ଲୀରୁ ଯେଉଁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ହ୍ରାସ କରାଯାଇଛି ସେଥିରେ ଚିକାଗୋ ଏବଂ ନ୍ୟୁୟର୍କ, ସିଙ୍ଗାପୁର ଏବଂ ସାଂଘାଇ ଭଳି ପ୍ରମୁଖ ସ୍ଥାନ ଅନ୍ତର୍ଭୁକ୍ତ । ଏୟାର ଇଣ୍ଡିଆ ସାନ ଫ୍ରାନ୍ସିସ୍କୋ, ପ୍ୟାରିସ ଏବଂ ଟୋରଣ୍ଟୋ ଭଳି ପ୍ରମୁଖ ସହରଗୁଡ଼ିକୁ ମଧ୍ୟ ବିମାନ ଉଡ଼ାଣ ହ୍ରାସ କରିଛି । ସାମଗ୍ରିକ ଭାବରେ, ଏୟାର ଇଣ୍ଡିଆ ପ୍ରତିଦିନ ପ୍ରାୟ ୧୦୦ଟି ବିମାନ ଉଡ଼ାଣ ହ୍ରାସ କରିଥିବା ଜଣାପଡ଼ିଛି । ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନ ଗତ ସପ୍ତାହରେ କହିଥିଲେ ଯେ, ଭୂରାଜନୈତିକ ଉତେଜନା ମଧ୍ୟରେ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନି ଅନ୍ତର୍ଜାତୀୟ ସେବା ହ୍ରାସ ଜାରି ରଖିବ । ରିପୋର୍ଟ

ଅନୁଯାୟୀ, ବଢୁଥିବା ଆର୍ଥିକ ଚାପ ଏବଂ ପରିଚାଳନାଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ, ଏୟାର ଇଣ୍ଡିଆ ଏହାର ଆଭ୍ୟନ୍ତରୀଣ ଅନୁପାଳନ ଏବଂ ମୂଲ୍ୟ ନିୟନ୍ତ୍ରଣ ପଦକ୍ଷେପକୁ କଡ଼ାକଡ଼ି କରିଛି । ଗତ ତିନି ବର୍ଷ ମଧ୍ୟରେ ଖରାପ ବ୍ୟବହାର ଏବଂ ନୀତି ଉଲ୍ଲଂଘନ ପାଇଁ ଏୟାରଲାଇନ୍ସ ୧,୦୦୦ରୁ ଅଧିକ କର୍ମଚାରୀଙ୍କୁ ବହିଷ୍କାର କରିଛି, ୱିଲସନ୍ ଗତ ସପ୍ତାହରେ କର୍ମଚାରୀମାନଙ୍କ ସହିତ ଏକ ଟାଉନ ହଲ୍ ବୈଠକରେ ଏହା ପ୍ରକାଶ କରିଥିଲେ । ୱିଲସନ୍ କର୍ମଚାରୀମାନଙ୍କୁ କହିଥିଲେ ଯେ ଏୟାରଲାଇନ୍ସ କର୍ମଚାରୀମାନଙ୍କୁ ଅନେକ ଉଲ୍ଲଂଘନରେ ଜଡିତ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛଟେଇ କରିଛି । ଯେଉଁଥିରେ କର୍ମଚାରୀ ନିଜର ଟ୍ରାଭେଲ୍ (ଇଏଲ୍‌ଟି) ସିଷ୍ଟମର ଅପବ୍ୟବହାର, ବିମାନରେ ସାମଗ୍ରୀ ଚୋରୀ ଚାଲାଣ ଏବଂ ଉପଯୁକ୍ତ ଶୁଳ୍କ ବିନା ଅତିରିକ୍ତ ସାମଗ୍ରୀ ନେବାକୁ ଅନୁମତି ଦେବା ଘଟଣା ଅନ୍ତର୍ଭୁକ୍ତ ରହିଛି । ଏୟାରଲାଇନ୍ସର ଏହି କଠୋର ପଦକ୍ଷେପ ଏପରି ଏକ ସମୟରେ ନିଆଯାଇଛି ଯେତେବେଳେ ଏହା ଏକ ଗମ୍ଭୀର ଆର୍ଥିକ ସଙ୍କଟରେ ରହିଛି । ଏୟାର ଇଣ୍ଡିଆ ଗ୍ରୁପ, ଯେଉଁଥିରେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଅନ୍ତର୍ଭୁକ୍ତ, ମାର୍ଚ୍ଚ ୨୦୨୬ ରେ ଶେଷ ହେଉଥିବା ଆର୍ଥିକ ବର୍ଷରେ ୨୨,୦୦୦କୋଟିରୁ ଅଧିକ କ୍ଷତି ସହିଥିବା ଆକଳନ କରାଯାଇଛି । ଟାଟା ଗ୍ରୁପ୍ ଅଧୀନରେ ଏକ ବ୍ୟାପକ ପୁନର୍ଗଠନ ଏବଂ ସଂସ୍କାର ପ୍ରୟାସର ଅଂଶ ଭାବରେ, ବିମାନ କମ୍ପାନି ପୂର୍ବରୁ ଅନେକ ଖର୍ଚ୍ଚ-ସଂଚୟ ପଦକ୍ଷେପ କାର୍ଯ୍ୟକାରୀ କରିସାରିଛି, ଯେଉଁଥିରେ କର୍ମଚାରୀଙ୍କ ପାଇଁ ବାର୍ଷିକ ଦରମା ବୃଦ୍ଧିକୁ ସ୍ଥଗିତ କରିବା, ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ କରିବା ଏବଂ ସମସ୍ତ ବିଭାଗରେ ଅଣ-ଅତ୍ୟାବଶ୍ୟକୀୟ ଖର୍ଚ୍ଚ ହ୍ରାସ କରିବା ଆଦି ଅନ୍ତର୍ଭୁକ୍ତ ରହିଛି ।

ଆମେରିକା ସହ ପାକିସ୍ତାନର ଡବଲ ଗେମ୍

ନୂଆଦିଲ୍ଲୀ, ୧୩/୫ (ନ୍ୟୁ.ଏ) : ଆମେରିକା ସହ ପାକିସ୍ତାନ ଖେଳିଥିବା ଡବଲ ଗେମ ଏବେ ସାମ୍ନାକୁ ଆସିଛି । ଆମେରିକା ଓ ଇରାନ ଯୁଦ୍ଧ କରୁଥିବା ବେଳେ ପାକିସ୍ତାନ ପୂରା ବିଶ୍ୱକୁ ଗୋଟିଏ ଭଲ ମଧ୍ୟସ୍ଥି ଭାବେ ପରିଚୟ ଦେଇଥିଲା । ଦୁଇ ଦେଶର ନେତା ପାକିସ୍ତାନ ଆସି ଶାନ୍ତି ବୈଠକ ବି କରିଥିଲେ । ହେଲେ ବାସ୍ତବରେ ପାକିସ୍ତାନ ଅତ୍ୟନ୍ତ ଗୁପ୍ତ ଭାବେ ଏମିତି କିଛି କାମ କରୁଥିଲା, ଯାହା ଏବେ ସାମ୍ନାକୁ ଆସିଛି । ଆମେରିକାକୁ ନିଜର ଭଲ ବନ୍ଧୁ କହୁଥିବା ପାକିସ୍ତାନ ବାସ୍ତବରେ ଇରାନକୁ କରିଥିଲା ସବୁ ପ୍ରକାରର ସହଯୋଗ । ଆମେରିକା ଆକ୍ରମଣରୁ ଇରାନ ବିମାନଗୁଡ଼ିକୁ ସୁରକ୍ଷା ଦେବାକୁ ପାକିସ୍ତାନ ନେଇଥିବା ପଦକ୍ଷେପ । ବେଶ ଗୁପ୍ତ ଭାବେ ପାକିସ୍ତାନ ଏକାଧିକ ଇରାନୀୟ ସାମରିକ ବିମାନକୁ ନିଜର ପ୍ରମୁଖ ବାୟୁ ସେନା ଘାଟିରେ ସୁରକ୍ଷିତ ଭାବେ ଆଶ୍ରୟ ଦେଇଥିଲା । ଆମେରିକା ଏୟାର ଷ୍ଟ୍ରାଇକରୁ ଇରାନୀୟ ଯୁଦ୍ଧ ବିମାନଗୁଡ଼ିକୁ ରକ୍ଷା କରିବା ପାଇଁ ପାକିସ୍ତାନ ଏପରି ପଦକ୍ଷେପ ନେଇଥିବା ତଥ୍ୟ ପ୍ରକାଶ ପାଇଛି । ପାକିସ୍ତାନ ନିଜକୁ କୂଟନୀତିକ ମଧ୍ୟସ୍ଥି କହୁଥିଲେ ହେଁ ବାସ୍ତବରେ ତା'ର ଉଦ୍ଦେଶ୍ୟ କିଛି ଭିନ୍ନ ଥିଲା ବୋଲି ଆମେରିକାର କିଛି ଅଧିକାରୀ ସିବିଏସ୍ ? ନ୍ୟୁଜକୁ କହିଛନ୍ତି । କିନ୍ତୁ ପାକିସ୍ତାନର ଅସଲ ମୁଖା ଖୋଲି ଯିବାରୁ ଏବେ ଇସଲାମାବାଦ ପ୍ରକାଶିତ ରିପୋର୍ଟକୁ ବିଭ୍ରାନ୍ତିକର ଓ ଅତିରଞ୍ଜିତ କରି ବାରମ୍ବାର ଉଡ଼ାଇ ଦେବାକୁ ଚେଷ୍ଟା କରିଛି । ପାକିସ୍ତାନ ଆଂଚଳିକ ସ୍ଥିରତା ପାଇଁ ଉଦ୍ୟମ କରୁଥିବା ବେଳେ ଦେଶ ବିରୋଧରେ ଅପପ୍ରଚାର କରାଯାଉଥିବା ଇସଲାମାବାଦ ସଫେଇ ଦେଉଛି । ହେଲେ ପୂରା ଘଟଣା ସହ ଜଡ଼ିତ ଆମେରିକୀୟ ଅଧିକାରୀଙ୍କ କହିବା କଥା ଯେ ଏପ୍ରିଲ ୮ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଲାଗୁ ହୋଇଥିବା ଯୁଦ୍ଧ ବିରତି ସମ୍ପର୍କ ଘୋଷଣା କରିଥିଲେ । ଏହାପରେ ଇରାନ ଏକାଧିକ ଯୁଦ୍ଧ ବିମାନ ସମେତ ସାମରିକ ସମ୍ପତିଗୁଡ଼ିକୁ ପାକିସ୍ତାନ ବାୟୁ ସେନା ଘାଟି ନୁର ଖାନକୁ ସ୍ଥାନାନ୍ତର କରିଥିଲା । ଏହି ବାୟୁସେନା ଘାଟିଟି ରାୱଲପିଣ୍ଡିରେ ରହିଛି ।

ନିଟ୍ ପେପର ଲିକ୍‌କୁ ନେଇ ବର୍ଷିଲେ କେଜ୍ରିୱାଲ, ନେପାଳ ଭଳି ଆନ୍ଦୋଳନ କରିବାକୁ ଜେନ୍ ଜିଙ୍କୁ ଆହ୍ୱାନ

ନୂଆଦିଲ୍ଲୀ, ୧୩/୫ (ନ୍ୟୁ.ଏ) : ଆମ ଆଦମୀ ପାର୍ଟିର ଅରବିନ୍ଦ କେଜ୍ରିୱାଲ ନିଟ୍ ପେପର ଲିକ୍, ଦୁର୍ନୀତି ଓ ବିଦେଶ ନୀତି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । କେଜ୍ରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ତଫା ଦାବି କରି ଯୁବପିଢ଼ିଙ୍କୁ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛନ୍ତି ।କେଜ୍ରିୱାଲ ନିଟ୍ ପେପର ଲିକ୍ ଏବଂ ବୈଦେଶିକ ନୀତିକୁ ନେଇ ମୋଦୀ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି । ସେ ଦେଶର ଯୁବପିଢ଼ି ବା ଜେନ୍ ଜିଙ୍କୁ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ କରିଛନ୍ତି । ଦେଶର ଜେନ୍ ଜିଙ୍କୁ ସମ୍ବୋଧିତ କରି ଭାରତରେ ବାରମ୍ବାର ନିଟ୍ ପେପର ଲିକ୍ ହେବା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । କେଜ୍ରିୱାଲ କହିଛନ୍ତି, ସବୁଥର ପରି ଏଥର ମଧ୍ୟ ସିବିଆଇକୁ ତଦନ୍ତଭାର ଦିଆଯାଇଛି । ପେପର ଲିକ୍ ମାମଲାରେ ୧୦-୧୨ ଜଣଙ୍କୁ ଗିରଫ କରାଯିବ ଓ

ପରେ ସେମାନେ ଶୀଘ୍ର ଜାମିନରେ ମୁକ୍ତ ହୋଇ ପୁଣି ପେପର ଲିକ୍ କରିବେ । ସେ ଭାରତୀୟ ଯୁବପିଢ଼ିଙ୍କୁ ନେପାଳର ଜେନ୍ ଜିଙ୍କ ପରି ଏକ ବିପ୍ଳବ ଆରମ୍ଭ କରିବାକୁ ଓ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀମାନଙ୍କୁ ଜେଲ ପଠାଇବାକୁ କହିଛନ୍ତି । କେଜ୍ରିୱାଲ ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ସମ୍ପ୍ରତି ବିଜେପି ଶାସିତ ରାଜ୍ୟଗୁଡ଼ିକରେ ପେପର ଲିକ୍ ହୋଇଛି । ଏହାର ନେତାମାନଙ୍କ ସମ୍ପୃକ୍ତିରୁ ସନ୍ଦେହ ସୃଷ୍ଟି ହେଉଛି । କେଜ୍ରିୱାଲ ଯୁବପିଢ଼ିଙ୍କୁ ସିଷ୍ଟମ୍ ନୁହେଁ ବରଂ ଲିକ୍ ପଛରେ ଥିବା ଦୁର୍ନୀତିଗ୍ରସ୍ତ ରାଜନେତାଙ୍କ ନାମ ଓ ଗିରଫ ଦାବି କରିବାକୁ ଆହ୍ୱାନ କରିଛନ୍ତି । କେଜ୍ରିୱାଲ ବିଦେଶ ନୀତି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ କାମ କରୁଛନ୍ତି । ରୁଷର ଗ୍ୟାସ୍ ଟ୍ୟାଙ୍କରକୁ ଅନୁମତି ନ ଦେବା କଥା ଉଠାଇ କେଜ୍ରିୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଭାରତୀୟଙ୍କୁ ଇନ୍ଧନ କମ୍ କରିବାକୁ କହୁଛନ୍ତି, କିନ୍ତୁ ଆମେ ରୁଷଠାରୁ ତେଲ କିଣିବା କମ୍ କରିଦେଇଛନ୍ତି । ବିଶ୍ୱର ଅନ୍ୟ ନେତାମାନେ ଟ୍ରମ୍ପଙ୍କ ନିର୍ଦ୍ଦେଶ ମାନିବାକୁ ମନା କରିଦେଉଥିବାବେଳେ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କୁ ଡରୁଛନ୍ତି ଓ ବିଦେଶ ଶକ୍ତିଙ୍କ ଆଗରେ ମୁଣ୍ଡ ନୁଆଁଉଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି । ଯଦି ସରକାର ଚାପର ସମ୍ମୁଖୀନ ହୋଇପାରୁ ନାହାନ୍ତି, ତାହା ହେଲେ ମୋଦୀ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦିଅନ୍ତୁ ବୋଲି କେଜ୍ରିୱାଲ ଦାବି କରିଛନ୍ତି । କେଜ୍ରିୱାଲଙ୍କ ଅନୁଯାୟୀ, ଭାରତରେ ଅନେକ ନିର୍ଭର ନେତା ଅଛନ୍ତି, ଯେଉଁମାନେ ଟ୍ରମ୍ପଙ୍କୁ ସେମାନଙ୍କ ଭାଷାରେ ଜବାବ ଦେଇପାରିବେ । ଭାରତ ୧୦ ଆମେରିକା କମ୍ପାନିକୁ ଦେଶରୁ ବାହାର କରିଦେଇ ଏହାର କଡ଼ା ଜବାବ ଦେଇପାରିବ ବୋଲି ଆପ୍ ମୁଖ୍ୟ କହିଛନ୍ତି ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das